ବର୍ଷ 1, ସଂଖ୍ୟା ୨

ନଭେମ୍ବର 1-15, 2020
ନିଃଶୁଳ୍କ ବିତରଣ ଲାଗି ଉଦ୍ଦିଷ୍ଟ

# ନ୍ୟୁ ଇଣ୍ଡିଆ ସମାଚାର



## ମେକିଂ ଲୋକାଲ ଗୋଇଂ ଗ୍ଲୋବାଲ

ଆତ୍ମନିର୍ଭରଶୀଳ ହେବା ଲାଗି ଭାରତର ଲକ୍ଷ୍ୟ ଆମର ପ୍ରାଚୀନ ଆଦର୍ଶ, ଯାହା ଆମ ପାଖରେ ରହିଛି ତାହାକୁ ଅନ୍ୟମାନଙ୍କୁ ବାଣ୍ଟିବା ଦ୍ୱାରା ଅନୁପ୍ରାଣିତ । ଭାରତର ଆତ୍ମନିର୍ଭରଶୀଳତା ମଧ୍ୟ ବିଶ୍ୱର ଆନନ୍ଦ, ସହଯୋଗ ଏବଂ ଶାନ୍ତି ଲାଗି ଉଦ୍ଦିଷ୍ଟ ।

# ଶୁଭମ କରୋତି କଲ୍ୟାଣମ, ଆରୋଗ୍ୟମ ଧନସମ୍ପଦା ।
# ଶତ୍ରୁବୁଦ୍ଧି ବିନାଶାୟ, ଦୀପଜ୍ୟୋତି ନମୋସ୍ତୁତେ!!

"କେତେ ସୁନ୍ଦର, ମହାନ ଉଦ୍ଦେଶ୍ୟପୂର୍ଣ୍ଣ ବାର୍ତ୍ତା! ଏହି ଶ୍ଳୋକରେ କୁହାଯାଇଛି : ଏହି ଆଲୋକ ଆମ ଜୀବନରେ ସୁଖ, ସ୍ୱାସ୍ଥ୍ୟ ଏବଂ ସମୃଦ୍ଧି ଆଣୁ, ନକାରାତ୍ମକ ଚିନ୍ତାଧାରା ଦୂରେଇ ଦେଇ ସକାରାତ୍ମକତା ଆଣୁ । ମୁଁ ଦୈବିକ ଅଗ୍ନିଶିଖାକୁ ପ୍ରଣାମ କରୁଛି । ଏହି ଦୀପାବଳିକୁ ସ୍ମରଣୀୟ କରିବା ଲାଗି, ଏହାଠାରୁ ଭଲ ମାର୍ଗ କ'ଣ ହୋଇପାରେ ଯେ ଆମେ ଦୀପର ଆଲୋକ ବିସ୍ତାରିତ କରି ସକାରାତ୍ମକତାକୁ ପ୍ରସାରିତ କରିବା, ଘୃଣାଭାବ ଦୂର କରିବା ଲାଗି ପ୍ରାର୍ଥନା କରିବା ।

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ଆଲୋକର ପର୍ବ ଅବସରରେ ଆସନ୍ତୁ ବଞ୍ଚିତ ଲୋକମାନଙ୍କ ଜୀବନରେ ଆନନ୍ଦ ଭରିଦେବା । ଆମେ ଯେତେବେଳେ ସ୍ଥାନୀୟ ଉତ୍ପାଦ କିଣିବା ଏହା ସେମାନଙ୍କ ମୁହଁରେ ହସ ଫୁଟାଇବ, ଏହା ସେମାନଙ୍କୁ ସଶକ୍ତ କରିବାର କାରଣ ସାଜିବ । ଏହି ଦୀପାବଳି କୋଟି କୋଟି ଜନତାଙ୍କ ମୁହଁରେ ହସ ଫୁଟାଉ ।



2019ରେ ଅଯୋଧ୍ୟାରେ ଦୀପାବଳି ପାଳନ




**ସମ୍ପାଦକ**
କୁଳଦୀପ ସିଂ ଧତୱାଲିଆ,
ପିଡିଜି, ପିଆଇବି, ନୂଆଦିଲ୍ଲୀ

**ଉପଦେଷ୍ଟା ସମ୍ପାଦକ**
ବିନୋଦ କୁମାର

**ସହକାରୀ ଉପଦେଷ୍ଟା ସମ୍ପାଦକ**
ଶରତ କୁମାର ଶର୍ମା

**ଅଳଙ୍କରଣ**
ରବୀନ୍ଦ୍ର କୁମାର ଶର୍ମା

**ପ୍ରକାଶକ ଓ ମୁଦ୍ରାକାର**
ସତ୍ୟେନ୍ଦ୍ର ପ୍ରକାଶ,
ଡିଜି, ବିଓସି
ବ୍ୟୁରୋ ଅଫ ଆଉଟରିଚ ଆଣ୍ଡ
କମ୍ୟୁନିକେସନ

**Printed at**
**Infinity Advertising services Pvt.Ltd.**
**FBD-One Corporate Park, 10th floor,**
**New Delhi-Faridabad border, NH-1,**
**Faridabad-121003**

**ପ୍ରକାଶିତ**
ବ୍ୟୁରୋ ଅଫ ଆଉଟରିଚ ଏବଂ
କମ୍ୟୁନିକେସନ, ଦ୍ୱିତୀୟ ମହଲା,
ସୂଚନା ଭବନ,
ନୂଆଦିଲ୍ଲୀ-110003

**ପ୍ରଚ୍ଛଦ ଫଟୋ**
ବିଜୟ କୁମାର

**ନ୍ୟୁ ଇଣ୍ଡିଆ ସମାଚାର**

RNI No. : DELODI/2020/78831

response-nis@pib.gov.in


# ଭିତରେ


# ନ୍ୟୁ ଇଣ୍ଡିଆ ସମାଚାର

ବର୍ଷ 1, ସଂଖ୍ୟା ୨ — ନଭେମ୍ବର 1-15, 2020



| | | |
|---|---|---|
| » 1 | **ସମ୍ପାଦକୀୟ** | ପୃଷ୍ଠା. 02 |
| » 2 | **ଭାରତ ରତ୍ନ ସିରିଜ :** ରାଷ୍ଟ୍ର ଋଷି ନାନାଜୀ | ପୃଷ୍ଠା. 03 |
| » 3 | **ସଂକ୍ଷିପ୍ତ ସମାଚାର** | ପୃଷ୍ଠା. 04-05 |
| » 4 | **ସ୍ୱତନ୍ତ୍ର ପ୍ରସଙ୍ଗ :** ଜୀବନ ପ୍ରମାଣ | ପୃଷ୍ଠା. 06-07 |
| » 5 | **ଅଟଳ ଟନେଲ :** ବିଶ୍ୱସ୍ତରୀୟ ସଡ଼କ ଯୋଗାଯୋଗ | ପୃଷ୍ଠା. 08-09 |
| » 6 | **ଫ୍ଲାଗସିପ ଯୋଜନା :** ଜଳଜୀବନ ମିଶନ | ପୃଷ୍ଠା. 10-13 |
| » 7 | **କ୍ୟାବିନେଟ ନିଷ୍ପତ୍ତି** | ପୃଷ୍ଠା. 14-15 |
| » 8 | **ପ୍ରଚ୍ଛଦ ପ୍ରସଙ୍ଗ :** ଭୋକାଲ ଫର ଲୋକାଲ | ପୃଷ୍ଠା. 16-22 |
| » 09 | **କରୋନା ବିରୋଧୀ ଲଢ଼େଇ** | ପୃଷ୍ଠା. 23 |
| » 10 | **ପାର୍ବଣ ଋତୁ :** ସୈନିକମାନଙ୍କ ସହିତ ଦୀପାବଳି | ପୃଷ୍ଠା. 24-25 |
| » 11 | **ଡିଜିଟାଲ ଇକୋସିଷ୍ଟମ :** ଏଆଇ ଏବଂ ବୈଭବ | ପୃଷ୍ଠା. 26-28 |
| » 12 | **ପର୍ଯ୍ୟଟନ :** ଉତ୍ତରପୂର୍ବ | ପୃଷ୍ଠା. 29 |
| » 13 | **ନମାମି ଗଙ୍ଗେ :** ଗଙ୍ଗା ପୁନରୁଦ୍ଧାର | ପୃଷ୍ଠା. 30-32 |
| » 14 | **ପ୍ରତିରକ୍ଷା :** ସଫଳ ପରୀକ୍ଷଣ | ପୃଷ୍ଠା. 33 |
| » 15 | **ସ୍ୱାମିତ୍ୱ :** ଗ୍ରାମୀଣ ସଶକ୍ତିକରଣ | ପୃଷ୍ଠା. 34-35 |
| » 16 | **ସକାରାତ୍ମକ ଆଭିମୁଖ୍ୟ :** ପରିବର୍ତ୍ତନଶୀଳ ଭାରତ | ପୃଷ୍ଠା. 36 |

# ସମ୍ପାଦକଙ୍କ କଲମରୁ

ସାଦର ନମସ୍କାର,

ପାର୍ବଣ ଋତୁ ଆମ ଜୀବନରେ ନୂତନ ଉତ୍ସାହ, ଶକ୍ତି ଏବଂ ଆନନ୍ଦ ନେଇ ଆସିଛି । ଦେଶ ବିଭିନ୍ନ ପର୍ବପର୍ବାଣୀ ପାଳନ କରୁଛି । ଆମେ ନିକଟରେ ନବରାତ୍ରୀ, ଦୁର୍ଗାପୂଜା, ଦଶହରା ପାଳନ କରିଛୁ, ଆମେ ଆଗକୁ ଦୀପାବଳି, ଭାଇ ଦୁଜ ଓ ଛଠ୍ ପାଳନ କରିବୁ । ପାର୍ବଣ ଋତୁ ପାଇଁ ଆପଣ ସମସ୍ତଙ୍କୁ ଅନେକ ଶୁଭେଚ୍ଛା ।

ପାର୍ବଣ ଆମ ମନକୁ ନୂଆ ସଂକଳ୍ପ ଆଣିଥାଏ । ଏହି ପାର୍ବଣ ଋତୁରେ ଆମକୁ ଅତ୍ୟନ୍ତ ସତର୍କ ରହିବାକୁ ହେବ ଏବଂ କରୋନା ଭୂତାଣୁ ସଂକ୍ରମଣର ମୁକାବିଲା କରିବା ଲାଗି ପ୍ରଧାନମନ୍ତ୍ରୀଙ୍କ ତିନୋଟି 'ମନ୍ତ୍ର'- 'ମାସ୍କ ପିନ୍ଧିବା, ଦୁଇ ଗଜ ଦୂରତା ରକ୍ଷା କରିବା ଏବଂ ନିୟମିତ ହାତ ଧୋଇବା ପାଳନ କରିବାକୁ ପଡ଼ିବ।

ଆପଣମାନଙ୍କର ସ୍ନେହ ଓ ସମର୍ଥନ ନ୍ୟୁ ଇଣ୍ଡିଆ ସମାଚାର ପାଇଁ କୌଣସି ଉପହାର ଠାରୁ କମ ନୁହେଁ । 7 ହଜାରରୁ ଅଧିକ ଲୋକ ଆମକୁ ସେମାନଙ୍କ ମତାମତ ଓ ଭାବନା ଲିଖିତ ଭାବେ ଜଣାଇଛନ୍ତି । ପରବର୍ତ୍ତୀ ସଂସ୍କରଣ ଠାରୁ ଆମେ, ବାର୍ତ୍ତାଗୁଡ଼ିକୁ ଏହି ପତ୍ରିକାର ଅଂଶବିଶେଷ କରିବୁ ।

ପାର୍ବଣର ଏହି ଋତୁରେ, ଆପଣମାନେ ଜାଣି ଖୁସି ହେବେ ଯେ 130 କୋଟି ଭାରତବାସୀ କରୋନା ଭୂତାଣକୁ ପରାଜିତ କରିବା ଲାଗି କେବଳ ସଂକଳ୍ପ ନେଇନାହାନ୍ତି ବରଂ 'ଭୋକାଲ ଫର ଲୋକାଲ'କୁ ଏକ ଆନ୍ଦୋଳନରେ ପରିଣତ କରିଛନ୍ତି । ଯାହାର ଫଳସ୍ୱରୂପ, ଲୋକମାନେ ସ୍ଥାନୀୟ ଉତ୍ପାଦ କିଣିବା ଲାଗି ପସନ୍ଦ କରୁଛନ୍ତି । କେବଳ ସେତିକି ନୁହେଁ, ଭାରତ ରପ୍ତାନି କ୍ଷେତ୍ରରେ ମଧ ଆଗକୁ ବଢୁଛି । ଭାରତର ପ୍ରଗତିକୁ ନେଇ ଏହି ସଂସ୍କରଣର ପ୍ରଚ୍ଛଦ ପ୍ରସଙ୍ଗ ପ୍ରସ୍ତୁତ କରାଯାଇଛି ।

ପୁଣିଥରେ ଆପଣମାନଙ୍କୁ ଏକ ସୁଖଦ ଏବଂ ସମୃଦ୍ଧ ପାର୍ବଣ ଋତୁ ପାଇଁ ଶୁଭେଚ୍ଛା ।

ଆମେ ଆପଣଙ୍କ ମତାମତ ଓ ପରାମର୍ଶକୁ ଆଗ୍ରହର ସହ ଅପେକ୍ଷା କରିଛୁ ।

ଦୟାକରି ଆପଣଙ୍କ ମତାମତ ପଠାନ୍ତୁ :

ଠିକଣା : ବ୍ୟୁରୋ ଅଫ ଆଉଟରିଚ ଆଣ୍ଡ କମ୍ୟୁନିକେସନ, ଦ୍ୱିତୀୟ ମହଲା,
ସୂଚନା ଭବନ, ନୂଆଦିଲ୍ଲୀ-110003
ଇମେଲ : response-nis@pib.gov.in

ଆପଣଙ୍କ ସଦିଚ୍ଛା ସହ

K S Dhatwalia

**(କେ ଏସ ଧତୱାଲିଆ)**

# ଜଣେ ଦୂରଦ୍ରଷ୍ଟା ଗ୍ରାମାଞ୍ଚଳର ଆତ୍ମନିର୍ଭରଶୀଳତା ପାଇଁ

## ଚିତ୍ରକୁଟରେ ନାନାଜୀ ଦେଶମୁଖଙ୍କର ଗ୍ରାମୋଦୟ ସ୍ୱପ୍ନକୁ ବାସ୍ତବତାରେ ପରିଣତ କରିବାର ଏକ ଜୀବନ୍ତ ଉଦାହରଣ ।

ଜନଭାଗୀଦାରୀ ଜରିଆରେ ସମାଜରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଓ ବିକାଶ ଆଣିବାର ସଂକଳ୍ପ ନେଇ ରାଷ୍ଟ୍ର ଋଷି ନାନାଜୀ ଦେଶମୁଖଙ୍କ ନାମରେ ପରିଚିତ ଚଣ୍ଡିକାଦାସ ଅମୃତରାଓ ଦେଶମୁଖ ଅନେକଗୁଡ଼ିଏ ପଦକ୍ଷେପ ଗ୍ରହଣ କରିଥିଲେ। 1950ରେ ଗୋରଖପୁରରେ ସେ ଏକ ସରସ୍ୱତୀ ଶିଶୁମନ୍ଦିର ସ୍ଥାପନ କରି ନିଜର ଅଭିଯାନ ଆରମ୍ଭ କରିଥିଲେ । ଶିକ୍ଷା ଓ ଜ୍ଞାନ ପାଇଁ ତାଙ୍କର ଭଲ ପାଇବା ଏହି ସ୍କୁଲରେ ପ୍ରତିଫଳିତ ହୋଇଥିଲା। ଶେଷରେ ସେ ଚିତ୍ରକୂଟରେ ସ୍ଥାୟୀ ଭାବେ ବସବାସ କରିବା ପରେ ପ୍ରଥମ ଗ୍ରାମୀଣ ବିଶ୍ୱବିଦ୍ୟାଳୟ ଚିତ୍ରକୂଟ ଗ୍ରାମୋଦୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ ।

ଗ୍ରାମୀଣ ଭାରତ ପାଇଁ ଚିତ୍ରକୂଟ ପ୍ରକଳ୍ପ ଏକ ସମନ୍ୱିତ ଏବଂ ସାମଗ୍ରୀକ ମଡେଲ ଥିଲା । ଏହା ପରିବାର, ପ୍ରାଥମିକ ବିଦ୍ୟାଳୟ ଏବଂ ସ୍ଥାନୀୟ ଜନସାଧାରଣଙ୍କୁ ନେଇ ଏକ ସମାଜ ଗଠନ କରିଥିଲା । ଏହି ପ୍ରକଳ୍ପ ଜାନୁଆରୀ 26, 2002ରେ ଆରମ୍ଭ କରାଯାଇଥିଲା ଯେଉଁଥିରେ ଚିତ୍ରକୂଟ ଆଖପାଖରେ ଥିବା 500 ଗ୍ରାମ ସାମିଲ ହୋଇଥିଲେ। ଏହି ଲକ୍ଷ୍ୟ ଅଗଷ୍ଟ 15, 2010 ସୁଦ୍ଧା ହାସଲ କରାଯାଇପାରିଥିଲା। ଏହି ଅଭିଯାନର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦିଗ ଥିଲା ସମାଜ ଶିଳ୍ପୀ ଦମ୍ପତି ଯାହାର ଅର୍ଥ ଗାଁରେ ରହୁଥିବା 'ସ୍ନାତକ' ଦମ୍ପତି । ପ୍ରତ୍ୟେକ ଦମ୍ପତିଙ୍କୁ 5ଟି ଗାଁକୁ ନେଇ ଗଠିତ ଏକ କ୍ଲଷ୍ଟରର ଲୋକମାନଙ୍କୁ ଅନୁପ୍ରାଣିତ ଓ ମାର୍ଗଦର୍ଶନ କରିବାର ଦାୟିତ୍ୱ ଦିଆଯାଇଥିଲା । ଚିତ୍ରକୂଟ ପ୍ରକଳ୍ପ ପୂର୍ବରୁ, ନାନାଜୀ ଗୋଣ୍ଡା ଜିଲ୍ଲାରେ ଜୟପ୍ରଭା ଗ୍ରାମ ପ୍ରକଳ୍ପ ଆରମ୍ଭ କରିଥିଲେ । ଏହା ଜୟପ୍ରକାଶ ନାରାୟଣ ଏବଂ ତାଙ୍କର ପତ୍ନୀ ପ୍ରଭାବତୀଙ୍କ ନାମରେ ନାମିତ ହୋଇଥିଲା । ଏହି ପ୍ରକଳ୍ପ ପାଇଁ ବଳରାମପୁର ରାଜ୍ୟର ରାଜମାତା ରାଜଲକ୍ଷ୍ମୀ କୁମାରୀ ଜମି ଯୋଗାଇ ଦେଇଥିଲେ ଯାହାଙ୍କୁ ସେ ଲୋକସଭା ନିର୍ବାଚନରେ ପରାଜିତ କରିଥିଲେ। ନାନାଜୀଙ୍କ ବିଚାର ଥିଲା, ଗ୍ରାମୀଣ ଗରିବଙ୍କ ଉନ୍ନତି ଏବଂ ଗ୍ରାମାଞ୍ଚଳର ଜୀବନରେ ସୁଧାର ଆଣିପାରିଲେ ଦେଶ ବିକଶିତ ହୋଇପାରିବ । ତାଙ୍କର "ଗ୍ରାମୋଦୟ" ଏବଂ "ସ୍ୱାବଲମ୍ବନ" ଚିନ୍ତାଧାରାରେ ସ୍ୱାମୀ ବିବେକାନନ୍ଦ, ବାଲ ଗଙ୍ଗାଧର ତିଳକ ଓ ମହାତ୍ମା ଗାନ୍ଧୀଙ୍କ ଭଳି ମହାପୁରୁଷଙ୍କ ବିଚାର ପ୍ରତିଫଳିତ ହୋଇଥିଲା ।



ମୁଁ ମୋ ପାଇଁ ବଞ୍ଚିନଥାଏ। ମୁଁ ବଞ୍ଚିତ ଓ ଅସହାୟଙ୍କ ପାଇଁ ରହିଛି।
*ନାନାଜୀ ଦେଶମୁଖ*

**ଜନ୍ମ : ଅକ୍ଟୋବର 11, 1916**
**ମୃତ୍ୟୁ : ଫେବୃଆରୀ 27, 2010**

ଅକ୍ଟୋବର 11, 1916 ରେ ମହାରାଷ୍ଟ୍ରର ପାରଭାନୀ ଜିଲ୍ଲା ଅନ୍ତର୍ଗତ ଏକ ଛୋଟ ସହର କାଦୋଲିରେ ଜନ୍ମଗ୍ରହଣ କରିଥିବା ନାନାଜୀ ଲୋକମାନ୍ୟ ତିଲକ ଏବଂ ଡ. କେ ବି ହେଡ଼ଗେୱାରଙ୍କ ଜାତୀୟତାବାଦୀ ବିଚାରଧାରାରେ ଅନୁପ୍ରାଣିତ ହୋଇଥିଲେ। ବିନୋବା ଭାବେଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଭୂଦାନ ଆନ୍ଦୋଳନରେ ନାନାଜୀ ସକ୍ରିୟ ଭାବେ ଅଂଶଗ୍ରହଣ କରିବା ସହିତ ତାଙ୍କ ସହ ଦୁଇ ମାସ ବିତାଇଥିଲେ। ଜୟପ୍ରକାଶ ନାରାୟଣଙ୍କ ଆହ୍ୱାନକ୍ରମେ 'ସମ୍ପୂର୍ଣ୍ଣ କ୍ରାନ୍ତି' ଆନ୍ଦୋଳନ ପ୍ରତି ନାନାଜୀ ନିଜର ସମର୍ଥନ ଜଣାଇଥିଲେ। 1974ରେ ପୋଲିସର ଲାଠି ମାଡ଼ରୁ ଜେପିଙ୍କୁ ବଞ୍ଚାଇବାକୁ ଯାଇ ନାନାଜୀଙ୍କ ହାତ ଭାଙ୍ଗିଯାଇଥିଲା । ନାନାଜୀଙ୍କ 101ତମ ଜୟନ୍ତୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାର ସ୍ମରଣ କରିଥିଲେ। 1977ରେ ନାନାଜୀ ଉତ୍ତର ପ୍ରଦେଶର ବଳରାମପୁର ନିର୍ବାଚନ ମଣ୍ଡଳୀରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ ମଧ୍ୟ ତତକାଳୀନ ପ୍ରଧାନମନ୍ତ୍ରୀ ମୋରାରଜୀ ଦେଶାଇଙ୍କ ପକ୍ଷରୁ ତାଙ୍କୁ ଯଚାଯାଇଥିବା ମନ୍ତ୍ରୀପଦକୁ ସେ ପ୍ରତ୍ୟାଖ୍ୟାନ କରିଥିଲେ। ଏହାପରେ ସାରା ଜୀବନ ସେ ଦୀନଦୟାଲ ଗବେଷଣା ସଂସ୍ଥାନ ପ୍ରତି ସମର୍ପି ଦେଇଥିଲେ ଯାହାକୁ ସେ 1968ରେ ପ୍ରତିଷ୍ଠା କରିଥିଲେ । 1999ରେ ସେ ରାଜ୍ୟସଭାକୁ ମନୋନୀତ ହୋଇଥିଲେ । 2019ରେ କୃତଜ୍ଞ ରାଷ୍ଟ୍ର ତାଙ୍କୁ ମରଣୋତ୍ତର ଭାବେ ଭାରତ ରତ୍ନ ଉପାଧିରେ ଭୂଷିତ କରିଥିଲା । ■

# ଆଠଟି ଭାରତୀୟ ବେଳାଭୂମିକୁ 'ବ୍ଲୁ ଫ୍ଲାଗ'ମାନ୍ୟତା



ୟୁଏନଇପି, ୟୁଏନଡବ୍ଲୁଟିଓ, ଏଫଇଇ ଏବଂ ଆଇୟୁସିଏନକୁ ନେଇ ଗଠିତ ଏକ ଅନ୍ତର୍ଜାତୀୟ ବିଚାରପତି ମଣ୍ଡଳୀ ଦ୍ୱାରା ଭାରତର ଆଠଟି ସମୁଦ୍ର ବେଳାଭୂମିକୁ 'ବ୍ଲୁ ଫ୍ଲାଗ' ମାନ୍ୟତା ମିଳିବା ଦେଶ ପାଇଁ ଗୌରବର ବିଷୟ । ଏହି ଗୌରବ ହାସଲ କରିଥିବା ବେଳାଭୂମିଗୁଡ଼ିକ ହେଲେ ଗୁଜରାଟର ଶିବରାଜପୁର, ଡିଉର ଘୋଘଲା, କର୍ଣ୍ଣାଟକର କାସାରକୋଡ ଓ ପାଦୁବିଦ୍ରି, କେରଳର କପ୍ପାଡ, ଆନ୍ଧ୍ରପ୍ରଦେଶର ରୁଷିକୋଣ୍ଡା, ଓଡ଼ିଶାର ସ୍ୱର୍ଣ୍ଣିମ ବେଳାଭୂମି ଏବଂ ଆଣ୍ଡାମାନ ନିକୋବରର ରାଧାନଗର। ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରଦୂଷଣ ନିୟନ୍ତ୍ରଣ ବର୍ଗରେ ଅନ୍ତର୍ଜାତୀୟ ସ୍ତରରେ ଶ୍ରେଷ୍ଠ ପଦକ୍ଷେପ ପାଇଁ ଭାରତ ଅନ୍ତର୍ଜାତୀୟ ବିଚାରକ ମଣ୍ଡଳୀ ଦ୍ୱାରା ତୃତୀୟ ସ୍ଥାନରେ ରହିବାର ଗୌରବ ହାସଲ କରିଛି । କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରକାଶ ଜାଭଡ଼େକର କହିଛନ୍ତି ଯେ ଗୋଟିଏ ପ୍ରୟାସରେ ୮ଟି ବେଳାଭୂମିକୁ 'ବ୍ଲୁ ଫ୍ଲାଗ' ମାନ୍ୟତା ମିଳିବାରେ କୌଣସି ରାଷ୍ଟ୍ର ସଫଳ ହୋଇନଥିବାରୁ ଏହା ଏକ ଉଲ୍ଲେଖନୀୟ ଉପଲବ୍ଧି । ଏହା ମଧ୍ୟ ଭାରତର ସଂରକ୍ଷଣ ଏବଂ ସ୍ଥାୟୀ ବିକାଶ ପ୍ରୟାସକୁ ଏକ ବୈଶ୍ୱିକ ମାନ୍ୟତା । ମାତ୍ର 2 ବର୍ଷ ମଧ୍ୟରେ ଏସୀୟ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ପ୍ରଥମ ଦେଶ ଭାବେ ଭାରତ ଏହି ସଫଳତା ପାଇଛି । ଜାପାନ, ଦକ୍ଷିଣ କୋରିଆ ଏବଂ ସଂଯୁକ୍ତ ରାଷ୍ଟ୍ର ଏମିରେଟ୍ସ ଅନ୍ୟ ଏସୀୟ ରାଷ୍ଟ୍ର ଭାବେ ଦୁଇଟି ଲେଖାଏଁ ବେଳାଭୂମି ସହିତ ଏହି ମାନ୍ୟତା ପାଇଛନ୍ତି। ■

## ରାଫେଲ କକପିଟରେ ବାରାଣସୀର ଝିଅ

ବାରାଣସୀ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସଂସଦୀୟ କ୍ଷେତ୍ର ପୁଣିଥରେ ଆଉ ଏକ ପ୍ରେରଣାଦାୟୀ କାହାଣୀ ପାଇଁ ଚର୍ଚ୍ଚାର ପରିସରକୁ ଆସିଛି । ବାରାଣସୀ ବାସିନ୍ଦା ବାୟୁସେନା ପାଇଲଟ ଫ୍ଲାଇଟ ଲେଫ୍ଟନାଣ୍ଟ ଶିବାଙ୍ଗୀ ସିଂଙ୍କୁ ନୂଆ କରି ବାୟୁସେନାରେ ସାମିଲ ହୋଇଥିବା ଅତ୍ୟାଧୁନିକ ଯୁଦ୍ଧ ବିମାନ ରାଫେଲ ଉଡ଼ାଇବା ଲାଗି ଚୟନ କରାଯାଇଛି।



ରାଫେଲର ପ୍ରଥମ ମହିଳା ପାଇଲଟ ଭାବେ ସେ ସ୍ୱପ୍ନ ଦେଖୁଥିବା ଅନେକ ମହିଳାଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ଶିବାଙ୍ଗୀଙ୍କ ବାପା କହିଛନ୍ତି, "ଝିଅମାନଙ୍କୁ ବାହାରକୁ ଯିବା ଲାଗି ଅନୁମତି ଦେବା ଏବଂ ସେମାନଙ୍କୁ ନିଜ ପସନ୍ଦର କ୍ଷେତ୍ର ଚୟନ କରିବା ପାଇଁ ପ୍ରୋତ୍ସାହିତ କରିବାର ଆବଶ୍ୟକ।" ମହିଳା ଯୋଦ୍ଧା ପାଇଲଟ ମାନଙ୍କ ଦ୍ୱିତୀୟ ବ୍ୟାଚରେ 2017ରେ ଶିବାଙ୍ଗୀଙ୍କୁ ଭାରତୀୟ ବାୟୁସେନାରେ ସାମିଲ କରାଯାଇଥିଲା । ଏଠାରେ ଯୋଗ ଦେବା ପୂର୍ବରୁ ସେ ମିଗ-21 ବିସନ ଉଡ଼ାଉଛନ୍ତି । କେବଳ ତାଙ୍କ ପରିବାର ନୁହେଁ ସାରା ଦେଶ ବାରାଣସୀର ଏହି ଝିଅକୁ ନେଇ ଗର୍ବିତ । ■

## ସ୍ୱେଚ୍ଛାସେବୀମାନଙ୍କୁ ସୁରକ୍ଷା

ଏଣିକି କେହି ପୋଲିସ ଅଧିକାରୀ କିମ୍ବା ଅନ୍ୟ କୌଣସି ବ୍ୟକ୍ତି ଜଣେ ସ୍ୱେଚ୍ଛାସେବୀଙ୍କୁ ତାଙ୍କର ନାମ, ପରିଚୟ, ଠିକଣା କିମ୍ବା ଅନ୍ୟ କୌଣସି ବ୍ୟକ୍ତିଗତ ତଥ୍ୟ ଦେବାକୁ ବାଧ କରିପାରିବେ ନାହିଁ । 'ଭଲ ସ୍ୱେଚ୍ଛାସେବୀ' ମାନଙ୍କୁ ସୁରକ୍ଷା ଦେବା ଲାଗି କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ନୂଆ ନିୟମ ପ୍ରକାଶିତ ହୋଇଛି । ଏହି ନିୟମରେ ମଧ୍ୟ ବ୍ୟବସ୍ଥା କରାଯାଇଛି ଯେ ପ୍ରତ୍ୟେକ ସରକାରୀ ଓ ଘରୋଇ ଡାକ୍ତରଖାନା ସେମାନଙ୍କର ପ୍ରବେଶ ପଥ କିମ୍ବା ଅନ୍ୟ କୌଣସି ମୁକ୍ତ ସ୍ଥାନରେ, ଏବଂ ସେମାନଙ୍କର ୱେବସାଇଟରେ ସ୍ୱେଚ୍ଛାସେବୀମାନଙ୍କର ଅଧିକାର ଦର୍ଶାଉଥିବା ଘୋଷଣାପତ୍ର ହିନ୍ଦୀ, ଇଂରାଜୀ ଏବଂ ଅନ୍ୟ କୌଣସି ଭାରତୀୟ ଭାଷାରେ ପ୍ରକାଶ କରିବେ । ଆହୁରି, ଜଣେ ବ୍ୟକ୍ତି ଯଦି ସ୍ୱେଚ୍ଛାକୃତ ଭାବେ ସେ କରିଥିବା ସ୍ୱେଚ୍ଛାସେବା କାର୍ଯ୍ୟ ପାଇଁ ସାକ୍ଷ୍ୟ ହେବାକୁ ଚାହୁଁଥାନ୍ତି ତା' ହେଲେ ଏହି ନିୟମ ଅନୁଯାୟୀ ତାଙ୍କର ଯାଞ୍ଚ କରାଯିବ । ମୋଟର ଯାନ (ସଂଶୋଧନ) ଆଇନ, 2019 ଅନୁଯାୟୀ, ମୋଟର ଯାନ ଦ୍ୱାରା ଦୁର୍ଘଟଣାଗ୍ରସ୍ତ ହୋଇଥିବା କୌଣସି ପୀଡ଼ିତଙ୍କୁ ଜରୁରିକାଳୀନ ଚିକିତ୍ସା ସେବା କିମ୍ବା ଅଣଚିକିତ୍ସା ସହାୟତା ଯୋଗାଇ ଦେବା ସମୟରେ ସ୍ୱେଚ୍ଛାସେବୀଙ୍କର ଅବହେଳା କିମ୍ବା ବିଫଳତା କାରଣରୁ ଯଦି ସମ୍ପୃକ୍ତ ପୀଡ଼ିତ କୌଣସି ପ୍ରକାରରେ ଆଘାତପ୍ରାପ୍ତ ହୁଅନ୍ତି ଅଥବା ମୃତ୍ୟୁବରଣ କରନ୍ତି ତା' ହେଲେ ସ୍ୱେଚ୍ଛାସେବୀଙ୍କ ବିରୋଧରେ କୌଣସି ଦେୱାନୀ କିମ୍ବା ଫୌଜଦାରୀ ମାମଲା ଦାୟର କରାଯାଇପାରିବ ନାହିଁ । ■





# ଜନଜାତି ଉଦ୍ୟମିତା ବଢ଼ାଇବେ ସରକାର

ଉତ୍କୃଷ୍ଟ କେନ୍ଦ୍ର ପ୍ରୟାସ ଅନ୍ତର୍ଗତ, କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଏବଂ ଆସୋସିଏଟେଡ ଚାମ୍ବର୍ସ ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରୀ ଅଫ ଇଣ୍ଡିଆ (ଆସୋଚାମ) ପକ୍ଷରୁ ଜନଜାତି ଉଦ୍ୟମିତା ବିକାଶ ଲାଗି ତିନିବର୍ଷିଆ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି।

ଏହି ଯୋଜନାରେ ଜନାଜାତି ସମୁଦାୟ ମଧ୍ୟରେ ରହିଥିବା ସମ୍ଭାବନାକୁ ବିକଶିତ କରିବା ଏବଂ ସେମାନଙ୍କର ସାମର୍ଥ୍ୟ ନିର୍ମାଣ ପାଇଁ ପ୍ରୟାସ କରାଯିବ ଯାହାଫଳରେ ସେମାନେ ସାମାଜିକ-ଆର୍ଥିକ ଅଭିବୃଦ୍ଧିରେ ଯୋଗଦାନ ଦେଇପାରିବେ। ଏହି କାର୍ଯ୍ୟକ୍ରମ ଗ୍ରାମୀଣ ଏବଂ ଜନଜାତି ସମୁଦାୟଙ୍କ ମଧ୍ୟରେ ରହିଥିବା ସମ୍ଭାବନାକୁ ଉଜାଗର କରି ସେମାନଙ୍କୁ ସେମାନଙ୍କର ଜୀବିକା ନିମନ୍ତେ ସମ୍ଭାବ୍ୟ ସମାଧାନ ଯୋଗାଇ ଦେବ। ଜନଜାତି ସମୁଦାୟଙ୍କ ନିକଟରେ ପ୍ରଚୁର ଜ୍ଞାନ ଏବଂ ଦକ୍ଷତା ରହିଛି। ଏହି ଯୋଜନା ଅଧୀନରେ, 1,000 ଜନଜାତି ଶିଳ୍ପୀମାନଙ୍କୁ ଚିହ୍ନଟ କରାଯିବ ଏବଂ ଏକ ଭିନ୍ନ ମୂଲ୍ୟ ପ୍ରସ୍ତାବ ସହିତ ବିଶେଷ ବ୍ରାଣ୍ଡ ପରିଚୟ ସୃଷ୍ଟି କରିବା କରିବା ଲାଗି ସହାୟତା ଯୋଗାଇ ଦିଆଯିବ। ଦେଶ ଓ ବିଦେଶରେ ପ୍ରଦର୍ଶନୀ, ଭର୍ଚୁଆଲ ରୋଡ ଶୋ ଏବଂ ଉଦ୍ୟମିତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ ମାଧ୍ୟମରେ ସେମାନଙ୍କୁ ସମ୍ଭାବ୍ୟ ଉପଭୋକ୍ତାମାନଙ୍କ ସହିତ ଯୋଡ଼ିବା ଲାଗି ସହାୟତା ଯୋଗାଇ ଦିଆଯିବ। ■

# ପମ୍ବନ ସେତୁ : ଏକ ଇଞ୍ଜିନିୟରିଂ ଚମତ୍କାର



ଭାରତର ମୁଖ୍ୟଭୂମିରେ ଥିବା ମଣ୍ଡପମକୁ ପମ୍ବନ ଦ୍ୱୀପ ସହିତ ଯୋଡୁଥିବା 100 ବର୍ଷ ପୁରୁଣା ସେତୁ ନିକଟରେ ଏକ ନୂଆ ରେଳ ବ୍ରିଜ ନିର୍ମାଣ କରାଯାଉଛି। ଏହି ନୂଆ ସେତୁ କାମ ବର୍ତ୍ତମାନ ଦ୍ରୁତ ଗତିରେ ଜାରି ରହିଛି ଏବଂ ଏହା ଡିସେମ୍ବର 2021 ସୁଦ୍ଧା ସମାପନ ହେବ। ପ୍ରାୟ 280 କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ଏହି ସେତୁ ଅତ୍ୟାଧୁନିକ ଭର୍ଟିକାଲ ଲିଫ୍ଟ ଟେକ୍ନୋଲୋଜି ସମ୍ପନ୍ନ ଯାହାକି ଏହାକୁ 63 ମିଟର ଉପରକୁ ସିଧାସଳଖ ଉଠିବା ଲାଗି ସକ୍ଷମ କରିବ ଫଳରେ ଏହା ତଳ ଦେଇ ବଡ଼ ବଡ଼ ଜାହାଜଗୁଡ଼ିକ ଯାଇପାରିବ। ଏହି ସେତୁ ନିର୍ମାଣ ଫଳରେ ରାମେଶ୍ୱରମ୍ କ୍ଷେତ୍ରରେ ପର୍ଯ୍ୟଟନ କ୍ଷମତା ବୃଦ୍ଧି ପାଇବ କାରଣ ଏଠାକୁ ବହୁସଂଖ୍ୟକ ଶ୍ରଦ୍ଧାଳୁ ରାମେଶ୍ୱରମ୍ ମନ୍ଦିର ଓ ଧନୁଷ୍କୋଡି ମନ୍ଦିର ଦେଖିବାକୁ ଆସିଥାନ୍ତି। ■

# ତିନି ଲକ୍ଷ ଲାଭାର୍ଥୀଙ୍କ ନିକଟରେ ପହଞ୍ଚିଲା ଟେଲି ଆଇନ କାର୍ଯ୍ୟକ୍ରମ

ଡିଜିଟାଲ ଇଣ୍ଡିଆ ସଂକଳ୍ପ'କୁ ସାକାର କରିବା ଲାଗି, ନ୍ୟାୟ ବିଭାଗ ପକ୍ଷରୁ 'ଉଦୀୟମାନ' ଏବଂ 'ସ୍ୱଦେଶୀ' ଡିଜିଟାଲ ପ୍ଲାଟଫର୍ମର ଉପଯୋଗ କରାଯାଉଛି ଯାହା ସମସ୍ତଙ୍କ ପାଇଁ ନ୍ୟାୟର ପହଞ୍ଚକୁ ବାସ୍ତବତାରେ ପରିଣତ କରିଛି । ଟେଲି-ଆଇନ କାର୍ଯ୍ୟକ୍ରମର ତିନି ବର୍ଷ ପୂର୍ତ୍ତି ପାଳନ ଉଦ୍ଦେଶ୍ୟରେ ନ୍ୟାୟ ବିଭାଗ ପକ୍ଷରୁ ଏହାର ପ୍ରଥମ ପୁସ୍ତିକା "ଟେଲି-ଲ'-ରିଚିଂ ଦ ଅନରିଚଡ, ଭଏସେସ ଅଫ ବେନିଫିସିଆରିଜ"ର ଉନ୍ମୋଚନ କରାଯାଇଛି । ଏହି ପୁସ୍ତିକାରେ ହିତାଧିକାରୀମାନଙ୍କର ବାସ୍ତବ ଜୀବନ କାହାଣୀ ଏବଂ ସେମାନଙ୍କ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରୁଥିବା ବିବାଦର ସମାଧାନ ଲାଗି ଏହି କାର୍ଯ୍ୟକ୍ରମ ଜରିଆରେ ଯୋଗାଇ ଦିଆଯାଇଥିବା ସହାୟତାର ବିବରଣୀ ରହିଛି। 115ଟି ଆକାଂକ୍ଷୀ ଜିଲ୍ଲା ସମେତ 29ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶର 260ଟି ଜିଲ୍ଲାର 29,860 ଜନସେବା କେନ୍ଦ୍ର ଜରିଆରେ ବହୁ ଭୌଗୋଳିକ ଏବଂ ଦୂରବର୍ତ୍ତୀ ଅଞ୍ଚଳର ତିନି ଲକ୍ଷରୁ ଅଧିକ ହିତାଧିକାରୀ ଏହି କାର୍ଯ୍ୟକ୍ରମ ଦ୍ୱାରା ଲାଭାନ୍ୱିତ ହୋଇଛନ୍ତି । ପଞ୍ଚାୟତ ସ୍ତରରେ ଜନସେବା କେନ୍ଦ୍ରର ବିସ୍ତୃତ ନେଟୱର୍କ ଜରିଆରେ ଉପଲବ୍ଧ ସ୍ମାର୍ଟ ପ୍ରଯୁକ୍ତି, ଏବଂ ଟେଲିଫୋନ/ତୁରନ୍ତ କଲ ସୁବିଧା ମାଧ୍ୟମରେ ଉପାନ୍ତ, ପଛୁଆ, ଦୁର୍ବଳ ଓ ବଞ୍ଚିତ ଗୋଷ୍ଠୀଙ୍କୁ ଆଇନଜୀବୀମାନଙ୍କର ଏକ ପ୍ୟାନେଲ ସମୟୋଚିତ ଏବଂ ମୂଲ୍ୟବାନ ଆଇନ ପରାମର୍ଶ ଯୋଗାଇ ଦେଉଛନ୍ତି । ■

# ବାୟୋମେଟ୍ରିକ ଆଧାରିତ ଡିଜିଟାଲ ସେବା ପେନସନଭୋଗୀଙ୍କ ପାଇଁ




**ପେନସନଭୋଗୀଙ୍କ ପାଇଁ ଡିଜିଟାଲ ଜୀବନ ପ୍ରମାଣପତ୍ର ଯୋଜନା, ଯାହାକି ଜୀବନ ପ୍ରମାଣ ନାମରେ ପରିଚିତ, ଜୀବନ ପ୍ରମାଣପତ୍ର ହାସଲ କରିବାର ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ଡିଜିଟାଲ କରିଛି, ଯାହାଫଳରେ ପେନସନଭୋଗୀଙ୍କ ପାଇଁ ଏହି ସୁବିଧା ବାଧାମୁକ୍ତ ହୋଇପାରିଛି ।**

ବରିଷ୍ଠ ନାଗରିକମାନଙ୍କ ଜୀବନକୁ ସହଜ କରିବା ସରକାରଙ୍କର ପ୍ରାଥମିକତା । ଭାରତରେ ଏକ କୋଟିରୁ ଅଧିକ ପରିବାର ପେନସନଭୋଗୀ ପରିବାର ଭାବେ ଶ୍ରେଣୀବଦ୍ଧ, ଯେଉଁଠି ବିଭିନ୍ନ ସରକାରୀ ସଂସ୍ଥା ପକ୍ଷରୁ ଯୋଗାଇ ଦିଆଯାଉଥିବା ପେନସନ ଆୟର ମୁଖ୍ୟ ଉତ୍ସ ହୋଇଥାଏ । ତେବେ ପେନସନଭୋଗୀଙ୍କୁ ପ୍ରତିବର୍ଷ ଜୀବନପ୍ରମାଣ ପତ୍ର ଅଧିକୃତ ପେନସନ ବିତରଣ ଏଜେନ୍ସି ଯେପରିକି ବ୍ୟାଙ୍କ, ପୋଷ୍ଟ ଅଫିସ ଆଦିରେ ଜମା କରିବାକୁ ପଡ଼ିଥାଏ । ଯାହାଫଳରେ ସେମାନଙ୍କର ପେନସନ ସେମାନଙ୍କର ଆକାଉଣ୍ଟରେ ଜମା କରାଯାଇପାରିବ । ଜୀବନ ପ୍ରମାଣପତ୍ର ହାସଲ କରିବା ଲାଗି ପେନସନଭୋଗୀମାନଙ୍କୁ ବ୍ୟକ୍ତିଗତ ଭାବେ ପେନସନ ବିତରଣ ସଂସ୍ଥାରେ ହାଜର ହେବାକୁ ପଡ଼ିଥାଏ

### ଡିଜିଟାଲ ଜୀବନ ପ୍ରମାଣପତ୍ରର ସୁବିଧା

- ଏହା ଯେକୌଣସି ସ୍ଥାନରେ ହାସଲ କରାଯାଇପାରିବ, ଏପରିକି ଘରେ ଥାଇ ମଧ୍ୟ
- ଡିଏଲସି ସଂକ୍ରାନ୍ତରେ ପେନସନ ଭୋଗୀମାନଙ୍କୁ ସ୍ୱୟଂକ୍ରିୟ ଏସଏମଏସ
- ପେନସନ ବିତରଣ ସଂସ୍ଥାଗୁଡ଼ିକୁ ଡିଏଲସିର ସ୍ୱୟଂକ୍ରିୟ ହସ୍ତାନ୍ତର
- ପ୍ରୋସେସିଂ ପରେ ପେନସନ ବିତରଣ ସଂସ୍ଥା ଦ୍ୱାରା ଏସଏମଏସ ପ୍ରେରଣ

### ପେନସନ ବିତରଣ ସଂସ୍ଥା

ପେନସନ ବିତରଣ ସଂସ୍ଥାର ଅର୍ଥ ପେନସନଭୋଗୀଙ୍କ ପାଇଁ ଏକ ଜୀବନ ପ୍ରମାଣପତ୍ର ପ୍ରୋସେସିଂ ସଂସ୍ଥା । ଅନ-ବୋର୍ଡିଂ ପାଇଁ ନିମ୍ନୋକ୍ତ ପେନସନ ବିତରଣ ସଂସ୍ଥାଗୁଡ଼ିକ ଯୋଗ୍ୟ ହୋଇପାରିବେ ।

- ବ୍ୟାଙ୍କ
- ପୋଷ୍ଟ ଅଫିସ
- ରାଜ୍ୟ/କେନ୍ଦ୍ର ଶାସିତ ପ୍ରଦେଶ ସରକାରୀ କାର୍ଯ୍ୟାଳୟ (ଟ୍ରେଜେରୀ)
- କେନ୍ଦ୍ର ସରକାରୀ କାର୍ଯ୍ୟାଳୟ
- ସ୍ୱାୟତ୍ତ ସଂସ୍ଥା/ବୈଧାନିକ ସଂସ୍ଥା/ସମିତି/କେନ୍ଦ୍ର ସରକାରଙ୍କ ରାଷ୍ଟ୍ରାୟତ୍ତ ଉଦ୍ୟୋଗ
- ସ୍ୱାୟତ୍ତ ସଂସ୍ଥା/ରାଜ୍ୟ ସରକାରଙ୍କ ରାଷ୍ଟ୍ରାୟତ୍ତ ଉଦ୍ୟୋଗ
- ସଂସଦ/ରାଜ୍ୟ ବିଧାନସଭା ଜରିଆରେ ସୃଷ୍ଟି ହୋଇଥିବା ସଂସ୍ଥା
- ନ୍ୟାୟିକ ସଂଗଠନ

କିମ୍ବା ସେମାନେ ପୂର୍ବରୁ କାର୍ଯ୍ୟ କରୁଥିବା ସଂସ୍ଥାରୁ ଜୀବନ ପ୍ରମାଣପତ୍ର ଆଣି ବିତରଣ ସଂସ୍ଥାକୁ ଦେବାକୁ ପଡ଼ିଥାଏ ।

ବ୍ୟକ୍ତିଗତ ଭାବେ ପେନସନ ବିତରଣ ସଂସ୍ଥାରେ ହାଜର ହୋଇ ଜୀବନ ପ୍ରମାଣପତ୍ର ହାସଲ କରିବା ପେନସନ ଟଙ୍କାର ବାଧାମୁକ୍ତ ହସ୍ତାନ୍ତର କ୍ଷେତ୍ରରେ ଅଧିକାଂଶ ସମୟରେ ବାଧକ ସାଜିଥାଏ । ଏହା ଉଲ୍ଲେଖ କରାଯାଇପାରେ କି ବୟସ୍କ ଏବଂ ଦୁର୍ବଳ ପେନସନଭୋଗୀଙ୍କ ପାଇଁ ଏହା ଅନେକ ପରିମାଣରେ କଷ୍ଟ ଏବଂ ଅସୁବିଧା ଉପୁନ୍ନ କରିଥାଏ ।

ଏହା ଅତିରିକ୍ତ, ଅଧିକାଂଶ କର୍ମଚାରୀ ସେମାନଙ୍କର ଅବସର ପରେ ପରିବାର ସହିତ ରହିବା ଲାଗି କିମ୍ବା ଅନ୍ୟ କୌଣସି କାରଣ ପାଇଁ ଏକ ଭିନ୍ନ ସ୍ଥାନକୁ ସ୍ଥାନାନ୍ତରିତ ହୋଇଯାଆନ୍ତି । ଯାହାଫଳରେ ସେମାନଙ୍କ ପେନସନ ଅଧିକାର ପାଇବା ଲାଗି ସେମାନଙ୍କୁ ଯାତାୟାତଜନିତ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ବରିଷ୍ଠ ନାଗରିକମାନଙ୍କ ଜୀବନକୁ ସହଜ କରିବା ଲାଗି ଜୀବନ ପ୍ରମାଣ ଆରମ୍ଭ କରାଯାଇଥିଲା । ଏହା କେନ୍ଦ୍ର ସରକାର, ରାଜ୍ୟ ସରକାର ଏବଂ ଅନ୍ୟ ସରକାରୀ ସଂଗଠନର ପେନସନଭୋଗୀମାନଙ୍କ ପାଇଁ ଏକ ବାୟୋମେଟ୍ରିକ ଆଧାରିତ ଡିଜିଟାଲ ସେବା ।

**ଜୀବନ ପ୍ରମାଣ ସମ୍ପର୍କରେ**

ପେନସନ ଭୋଗୀଙ୍କ କଷ୍ଟ ଦୂର କରିବା ଲାଗି ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମର ଅଂଶବିଶେଷ ସ୍ୱରୂପ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ପକ୍ଷରୁ ଜୀବନ ପ୍ରମାଣ ପୋର୍ଟାଲ ଆରମ୍ଭ କରାଯାଇଛି । ଏଣିକି ପେନସନଭୋଗୀମାନଙ୍କୁ ଜୀବନ ପ୍ରମାଣପତ୍ର ଦାଖଲ କରିବା ଲାଗି ପେନସନ ବିତରଣକାରୀ ସଂସ୍ଥାକୁ ବ୍ୟକ୍ତିଗତ ଭାବେ ଯିବାକୁ ପଡ଼ିବ ନାହିଁ ଏବଂ ସେମାନେ ଆଧାର ଆଧାରିତ ବାୟୋମେଟ୍ରିକ ପ୍ରମାଣପତ୍ର ବ୍ୟବସ୍ଥା ଜରିଆରେ ଡିଜିଟାଲ ଜୀବନ ପ୍ରମାଣପତ୍ର (ଡିଏଲସି) ବାହାର କରିପାରିବେ । ଏହା ନଭେମ୍ବର 10, 2014ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା । ସେବେଠାରୁ, 358.55 ଲକ୍ଷ ପେନସନଭୋଗୀ ଡିଜିଟାଲ ଜୀବନ ପ୍ରମାଣପତ୍ର ଦାଖଲ କରିସାରିଛନ୍ତି । ନଭେମ୍ବର 1, 2019 ଏବଂ ଅକ୍ଟୋବର 12, 2020 ମଧ୍ୟରେ ମୋଟ 95.31 ଲକ୍ଷ ପେନସନଭୋଗୀ ଡିଜିଟାଲ ଜୀବନ ପ୍ରମାଣପତ୍ର ଦାଖଲ କରିସାରିଛନ୍ତି ।

### ଡିଏଲସି ବାହାର କରିବା ଲାଗି ପ୍ରାକ ଆବଶ୍ୟକତା

- ପେନସନଭୋଗୀଙ୍କର ଏକ ଆଧାର ନମ୍ବର ରହିବା ଉଚିତ
- ପେନସନଭୋଗୀଙ୍କର ଏକ ସଚଳ ମୋବାଇଲ ନମ୍ବର ଥିବା ଉଚିତ
- ପେନସନ ବିତରଣ ସଂସ୍ଥାରେ ଆଧାର ନମ୍ବର ପଞ୍ଜିକରଣ
- ଏକ ବାୟୋମେଟ୍ରିକ ଡିଭାଇସ
- ୱିଣ୍ଡୋଜ 7.0 କିମ୍ବା ଏହାଠାରୁ ଉପରେ କିମ୍ବା ଆଣ୍ଡ୍ରଏଡ 4.0 କିମ୍ବା ଅଧିକ ଥିବା ମୋବାଇଲ/ଟାବଲେଟ
- ଇଣ୍ଟରନେଟ ସଂଯୋଗ

### ବିଦେଶରେ ଥିବା ପେନସନଭୋଗୀଙ୍କ ପାଇଁ ଡିଏଲସି

ଅବସର ପରେ ବିଦେଶରେ ରହୁଥିବା ପେନସନଭୋଗୀମାନଙ୍କୁ ଜୀବନ ପ୍ରମାଣପତ୍ର ପ୍ରଦାନ ଏବଂ ଫ୍ୟାମିଲି ପେନସନ ସୁବିଧା ପ୍ରଦାନ କରିବା ଲାଗି ସରକାର ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ତଦନୁଯାୟୀ, ବିଦେଶରେ ଥିବା ସମ୍ପୃକ୍ତ ବ୍ୟାଙ୍କ ଶାଖା ଏବଂ ଭାରତୀୟ ଦୂତାବାସ/ବାଣିଜ୍ୟିକ ଦୂତାବାସ/ଉଚ୍ଚାୟୁକ୍ତଙ୍କୁ ଜୀବନ ପ୍ରମାଣପତ୍ର ଏବଂ ଫ୍ୟାମିଲି ପେନସନ ଯୋଗାଇ ଦେବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି ।

### ଉମଙ୍ଗ ଆପରେ ମଧ

ନିଜର 66 ଲକ୍ଷ ପେନସନଭୋଗୀମାନଙ୍କୁ ସୁରକ୍ଷିତ ଏବଂ ନିରାପଦ ଭାବେ ହାତପାହାନ୍ତାରେ ସେବା ଯୋଗାଇ ଦେବା ଲାଗି ଇପିଏଫଓ ପକ୍ଷରୁ ଉମଙ୍ଗ ଆପରେ ପେନସନର ପାସବୁକ ଦେଖିବା ଏବଂ ଜୀବନ ପ୍ରମାଣପତ୍ର ଅପଡେଟ କରିବାର ସୁବିଧା ଦିଆଯାଇଛି। କୋଭିଡ-19 ମହାମାରୀ ସମୟରେ ଏପ୍ରିଲରୁ ଜୁଲାଇ 2020 ମଧ୍ୟରେ ପେନସନର ପାସବୁକ ଦେଖିବା ଲାଗି 18.52 ଲକ୍ଷ ଏପିଆଇ ହିଟ ହୋଇଥିବା ବେଳେ ଜୀବନ ପ୍ରମାଣପତ୍ର ସେବା ଅପଡେଟ କରିବା ଲାଗି 29,773 ଏପିଆଇ ହିଟ ହୋଇଛି ।

### ଚଳିତ ବର୍ଷ ଅତିରିକ୍ତ ସମୟ ପ୍ରଦାନ

ଚଳିତ କୋଭିଡ-19 ସମୟରେ ପେନସନଭୋଗୀମାନେ ନଭେମ୍ବର 1ରୁ ଡିସେମ୍ବର 31ମଧ୍ୟରେ ଜୀବନପ୍ରମାଣପତ୍ର ଦାଖଲ କରିପାରିବେ । ପୂର୍ବରୁ, ପେନସନ ଜାରି ରଖିବା ଲାଗି ନଭେମ୍ବରରେ ପେନସନଭୋଗୀଙ୍କୁ ଜୀବନ ପ୍ରମାଣପତ୍ର ଦାଖଲ କରିବାକୁ ପଡୁଥିଲା ।

**ଅଧିକ ସୂଚନା ପାଇଁ, ଯୋଗାଯୋଗ କରନ୍ତୁ :**

**ଫୋନ :** 1800 111 555 / (91)-0120-3076200

**ମେଲ:** jeevanpramaan@gov.in

**ଏସଏମଏସ:** JPL to 7738299899 ଏବଂ ନିଜର ପିନକୋଡ ନିକଟରେ ଜୀବନ ପ୍ରମାଣ କେନ୍ଦ୍ରର ତାଲିକା ହାସଲ କରନ୍ତୁ।

# ବିଶ୍ୱର ଦୀର୍ଘତମ ରାଜପଥ ସୁଡ଼ଙ୍ଗ



**ଅଟଳ ସୁଡ଼ଙ୍ଗ, ଏକ ଇଞ୍ଜିନିୟରିଂ ଚମତ୍କାର, ଭାରତର ସୀମା ଭିତ୍ତିଭୂମି, ରଣନୈତିକ ନିୟନ୍ତ୍ରଣକୁ ବୃହତ ପ୍ରୋତ୍ସାହନ ଦେବା ସହିତ ଏହି କ୍ଷେତ୍ରରେ ଆର୍ଥିକ ଅଭିବୃଦ୍ଧିକୁ ବଢ଼ାଇବ ।**

ଦେଶର ବିକାଶ ସହିତ ଯୋଗାଯୋଗ ବ୍ୟବସ୍ଥାର ପ୍ରତ୍ୟକ୍ଷ ସମ୍ପର୍କ ରହିଛି । ଉନ୍ନତ ଯୋଗାଯୋଗର ଅର୍ଥ ଦ୍ରୁତ ବିକାଶ, ବିଶେଷ କରି ସୀମାବର୍ତ୍ତୀ କ୍ଷେତ୍ରରେ । ଆହୁରି, ଏସବୁ କ୍ଷେତ୍ରରେ ଯୋଗାଯୋଗ ବ୍ୟବସ୍ଥା ଉନ୍ନତ ହେବା ଦେଶର ପ୍ରତିରକ୍ଷା ଆବଶ୍ୟକତା ସହିତ ସିଧାସଳଖ ଜଡ଼ିତ। ତେବେ, 2014 ପୂର୍ବରୁ, ଯୋଗାଯୋଗ ବ୍ୟବସ୍ଥାର ଉନ୍ନତିକରଣ ପାଇଁ ଆବଶ୍ୟକ ଗମ୍ଭୀରତା ଏବଂ ରାଜନୈତିକ ଇଚ୍ଛାଶକ୍ତି ବ୍ୟକ୍ତ କରାଯାଇନଥିଲା ।

2014 ପରେ, ଉନ୍ନତ ଯୋଗାଯୋଗ ସହ ଜଡ଼ିତ ବିଭିନ୍ନ ପ୍ରକଳ୍ପ ନିର୍ମାଣ ବୃଦ୍ଧି ପାଇଲା। ସେପରି ଏକ ପ୍ରକଳ୍ପ ହେଉଛି ଅଟଳ ସୁଡ଼ଙ୍ଗ, ଯାହାକି ହିମାଚଳ ପ୍ରଦେଶ, ଜମ୍ମୁ ଓ କଶ୍ମୀର ଏବଂ ଲଦାଖରେ ଯୋଗଯୋଗ ବ୍ୟବସ୍ଥାକୁ ଆହୁରି ଆଗେଇ ନେଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅକ୍ଟୋବର 3, 2020ରେ ବିଶ୍ୱର ଦୀର୍ଘତମ ରାଜପଥ ସୁଡ଼ଙ୍ଗକୁ ଉଦଘାଟନ କରିଛନ୍ତି ।

ନିଜର ଉଦବୋଧନରେ ପ୍ରଧାନମନ୍ତ୍ରୀ ଏହି ଦିବସରକୁ ଐତିହାସିକ ବୋଲି ଅଭିହିତ କରିଥିଲେ । ଏହା କେବଳ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସ୍ୱପ୍ନକୁ ପୂରଣ କରିନାହିଁ ବରଂ ଏହି ଅଞ୍ଚଳର ବହୁଦଶନ୍ଧି ପୁରୁଣା ଦାବିକୁ ପୂରଣ କରିଛି। ହିମାଚଳ ପ୍ରଦେଶର କିଛି ଅଂଶ ଏବଂ ଲଦାଖର ଲେହକୁ ସଂଯୋଗ କରୁଥିବା ଏହି ସୁଡ଼ଙ୍ଗ ଅର୍ଥନୈତିକ ପ୍ରଗତିକୁ ଆଗେଇ ନେବ। ପ୍ରଧାନମନ୍ତ୍ରୀ କହିଥିଲେ ଯେ କୃଷକ, ଉଦ୍ୟାନବିତ ଏବଂ ଯୁବକମାନେ ଏବେ ଦିଲ୍ଲୀ ଏବଂ ଅନ୍ୟ ବଜାରକୁ ସହଜରେ ପହଞ୍ଚିପାରିବେ ।

ଏହି ସୁଡ଼ଙ୍ଗ ମଧ୍ୟ ନିୟମିତ ସାମଗ୍ରୀ ଯୋଗାଣ ଏବଂ ପାଟ୍ରୋଲିଂ ସୁନିଶ୍ଚିତ କରିବା ଲାଗି ସେନାବାହିନୀକୁ ସହାୟକ ହେବ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ ଦେଶର

> **"ଆଜି ଆମେ ଦ୍ୱିଧାମୁକ୍ତ ଭାବେ ଆମର ସଂକଳ୍ପକୁ ପ୍ରଦର୍ଶିତ କରିପାରିବୁ । ଆମେ ଅଭେଦ୍ୟ ପୀର ପାଞ୍ଜାଲ ପର୍ବତର ଛାତିଚିରି ଯିବାକୁ ସମର୍ଥ ହୋଇଛୁ । ଏହି ମହାନ ପ୍ରକଳ୍ପ ପାଇଁ ସେମାନଙ୍କର ଜୀବନକୁ ବାଜି ଲଗାଇ ଦେଇଥିବା ସୈନିକ, ଇଞ୍ଜିନିୟର, ସମସ୍ତ ଶ୍ରମିକ ଭାଇ ଓ ଭଉଣୀମାନଙ୍କୁ ପ୍ରଣାମ କରିବାକୁ ଚାହୁଁଛି ।"**
>
> **ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ**



# ସୁଡ଼ଙ୍ଗ ସମ୍ପର୍କରେ

- ଏହି ସୁଡ଼ଙ୍ଗ ଫଳରେ ମନାଲିରୁ ଲେହ ମଧ୍ୟରେ ଦୂରତା 46 କିମି ଏବଂ ଯାତ୍ରା ସମୟ 4ରୁ 5 ଘଣ୍ଟା ହ୍ରାସ ପାଇବ
- ଅଟଳ ସୁଡ଼ଙ୍ଗ ବିଶ୍ୱର ସର୍ବବୃହତ ରାଜପଥ ସୁଡ଼ଙ୍ଗ
- 9.02 କିମି ଲମ୍ବ ଏହି ସୁଡ଼ଙ୍ଗ ମନାଲି ଓ ଲାହୌଲ-ସ୍ପିତି ଉପତ୍ୟକା ମଧ୍ୟରେ ସବୁ ଋତୁରେ ଯୋଗାଯୋଗ ସୁବିଧା ଯୋଗାଇ ଦେବ । ପୂର୍ବରୁ ଏହି ଉପତ୍ୟକା ବରଫପାତ କାରଣରୁ ପାଖାପାଖି 6 ମାସ ପର୍ଯ୍ୟନ୍ତ ମୂଳ ଭୂଖଣ୍ଡ ଠାରୁ ବିଚ୍ୟୁତ ହୋଇ ରହୁଥିଲା
- ଏହି ସୁଡ଼ଙ୍ଗର ଦକ୍ଷିଣ ଭାଗ ମନାଲି ଠାରୁ 25 କିମି ଦୂର ସମୁଦ୍ର ପତନଠାରୁ 3060 ମିଟର ଉଚ୍ଚତାରେ ରହିଥିବା ବେଳେ ଏହାର ଉତ୍ତର ଭାଗ ଲାହୌଲ ଉପତ୍ୟକାର ତେଲିଂ, ସିସୁ ଗ୍ରାମ ନିକଟରେ 3071 ମିଟର ଉଚ୍ଚତାରେ ରହିଛି
- ଏହା ଏକ ଅଶ୍ୱ ଖୁରାକୃତି, ଏକକ ଟ୍ୟୁବ ଦୁଇ ଲେନ ବିଶିଷ୍ଟ ସୁଡ଼ଙ୍ଗ ଯେଉଁଥିରେ 8 ମିଟରର ସଡ଼କ ପଥ ରହିଛି। ଏହାର ଉଚ୍ଚତା 5.525 ମିଟର

ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମର ଭିଡିଓ ଦେଖିବା ଲାଗି କ୍ୟୁଆର କୋଡ ସ୍କାନ କରନ୍ତୁ

## ବ୍ୟୟ

2005ରେ ଏହି ସୁଡ଼ଙ୍ଗ ପାଇଁ 900 କୋଟି ଟଙ୍କା ଖର୍ଚ୍ଚ ନିମନ୍ତେ ଆକଳନ କରାଯାଇଥିଲା । କିନ୍ତୁ ନିର୍ମାଣ କାର୍ଯ୍ୟରେ ବାରମ୍ବାର ବିଳମ୍ବ କରାଯିବା ଯୋଗୁ ଏହାର ଖର୍ଚ୍ଚ 3,200 କୋଟି ଟଙ୍କାରେ ପହଞ୍ଚିଲା ଯାହାକି ମୂଳ ଦରର ପାଖାପାଖି ତିନି ଗୁଣା ଅଧିକ ଥିଲା ।

## ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ବୈଶିଷ୍ଟ୍ୟ

- ଉଭୟ ପଟେ ପ୍ରବେଶ ଗତିରୋଧକ
- ପ୍ରତି 150 ମିଟର ଦୂରତାରେ ଟେଲିଫୋନ
- ପ୍ରତ୍ୟେକ 60 ମିଟର ବ୍ୟବଧାନରେ ଅଗ୍ନି ନିର୍ବାପନ ବ୍ୟବସ୍ଥା
- ସିସିଟିଭି କ୍ୟାମେରା ସହିତ ସ୍ୱୟଂକ୍ରିୟ ଘଟଣା ଠାବ ବ୍ୟବସ୍ଥା
- ପ୍ରତି ଗୋଟିଏ କିମିରେ ବାୟୁ ଗୁଣବତ୍ତା ଅନୁଧ୍ୟାନ
- ପ୍ରତି 25 ମିଟରରେ ଉଦ୍ଧାର ଆଲୋକ/ ପ୍ରସ୍ଥାନ ଚିହ୍ନ ।
- ସମ୍ପୂର୍ଣ୍ଣ ସୁଡ଼ଙ୍ଗରେ ପ୍ରସାରଣ ବ୍ୟବସ୍ଥା
- ପ୍ରତି 50 ମିଟରରେ ଫାୟାର ରେଟେଡ ଡାମ୍ପର
- ପ୍ରତି 60 ମିଟରରେ କ୍ୟାମେରା ।

ସେନାବାହିନୀର ଆବଶ୍ୟକତା ପୂରଣ କରିବା ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା। କିନ୍ତୁ ଏହା ସହିତ, ମଧ୍ୟ, ଅତୀତରେ ସାଲିସ କରାଯାଇଥିଲା ଏବଂ ଦେଶର ପ୍ରତିରକ୍ଷା ବାହିନୀର ହିତ ପ୍ରତି ସଙ୍କଟ ଦେଖାଦେଇଥିଲା । ଅଟଳ ସୁଡ଼ଙ୍ଗ ଭାରତର ସୀମା ଭିତ୍ତିଭୂମିକୁ ନୂଆ ଶକ୍ତି ଯୋଗାଇବ ଏବଂ ବିଶ୍ୱସ୍ତରୀୟ ସୀମା ଯୋଗାଯୋଗର ଏକ ଜୀବନ୍ତ ପ୍ରମାଣ ହେବ ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ ଦେଶର ଆର୍ଥିକ ଏବଂ ସାମାଜିକ କ୍ଷେତ୍ରରେ ପ୍ରଗତି ହାସଲ କରିବାକୁ ହେଲେ ଦ୍ରୁତ ଗତିରେ ଭିତ୍ତିଭୂମି ବିକାଶ କରିବାର ଆବଶ୍ୟକତା ରହିଛି । ଏଥିପାଇଁ ଅଦମ୍ୟ ରାଜନୈତିକ ଇଚ୍ଛାଶକ୍ତି ଓ ଦେଶର ପ୍ରଗତି ପାଇଁ ପ୍ରତିବଦ୍ଧତାର ଆବଶ୍ୟକତା ରହିଛି ବୋଲି ସେ ଉଲ୍ଲେଖ କରିଥିଲେ ।

### ସୁଡ଼ଙ୍ଗର ଯାତ୍ରା

ଅଟଳ ବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ଜୁନ 03, 2000 ମସିହାରେ ରୋହତଙ୍ଗ ପାସ ତଳେ ଏକ ରଣନୈତିକ ସୁଡ଼ଙ୍ଗ ତିଆରି କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା । ସୁଡ଼ଙ୍ଗର ଦକ୍ଷିଣ ପ୍ରବେଶପଥକୁ ସହାୟକ ସଡ଼କ ପାଇଁ ମେ 26, 2002ରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ତେବେ 2013-14 ବର୍ଷ ପର୍ଯ୍ୟନ୍ତ, ଏହି କାର୍ଯ୍ୟ ପ୍ରତି ଅବହେଳା ପ୍ରଦର୍ଶନ କରାଯାଇ ମାତ୍ର 1300 ମିଟର ସୁଡ଼ଙ୍ଗ ନିର୍ମାଣ କରାଯାଇଥିଲା । ସାଧାରଣ ଗତିରେ ଏହି ଅବଧି ମଧ୍ୟରେ 1.5 କିମି ସୁଡ଼ଙ୍ଗ ନିର୍ମାଣ କରାଯାଇପାରିଥାନ୍ତା ।

ଅକ୍ଟୋବର 15, 2017ରେ ଉଭୟ ପଟକୁ ମାର୍ଗ ପ୍ରଶସ୍ତ ହୋଇଥିଲା । ଡିସେମ୍ବର 24, 2019ରେ ପୂର୍ବତନ ପ୍ରଧାନମନ୍ତ୍ରୀ ବାଜପେୟୀଙ୍କ ଯୋଗଦାନକୁ ସ୍ମରଣ କରିବା ଲାଗି ରୋହତଙ୍ଗ ସୁଡ଼ଙ୍ଗର ନାମକରଣ ଅଟଳ ସୁଡ଼ଙ୍ଗ ଭାବେ କରାଯାଇଥିଲା ।



# ସଚଳ ଟ୍ୟାପ ସଂଯୋଗ

## ପ୍ରତ୍ୟେକ ଗ୍ରାମୀଣ ପରିବାରକୁ

**ଗ୍ରାମାଞ୍ଚଳରେ ନିୟମିତ ଭାବେ ଉନ୍ନତ ମାନର ଏବଂ ଯଥେଷ୍ଟ ପରିମାଣର ପାନୀୟ ଜଳ ଯୋଗାଇ ଦେବା ଲାଗି ସରକାର ଜଳ ଜୀବନ ମିଶନ ଆରମ୍ଭ କରିଛନ୍ତି । ଏହା ଅନ୍ତର୍ଗତ 2024 ସୁଦ୍ଧା ସାର୍ବଜନୀନ ଜଳଯୋଗାଣ ପାଇଁ ଲକ୍ଷ୍ୟ ରଖାଯାଇଛି ।**

ଜଳ ଜୀବନ ପାଇଁ ଅମୃତ ଏବଂ ଏହାର ଗୁରୁତ୍ୱକୁ କେବେ ଅଣଦେଖା କରାଯାଇପାରିବ ନାହିଁ । ଆମ ଭିତରୁ ଅଧିକାଂଶଙ୍କ ନିକଟରେ ଟ୍ୟାପ ଖୋଲିବା ମାତ୍ରେ ପ୍ରଚୁର ଜଳର ଉପଲବ୍ଧତା ରହିଛି; କିନ୍ତୁ ଗ୍ରାମାଞ୍ଚଳରେ ବହୁସଂଖ୍ୟକ ଲୋକମାନଙ୍କ ପାଇଁ ଏହି ମୌଳିକ ଆବଶ୍ୟକତା ଏବେ ସୁଦ୍ଧା ଅପହଞ୍ଚ ହୋଇ ରହିଛି। ସଚଳ ଟ୍ୟାପ କଥା ଛାଡ଼ନ୍ତୁ, ଏହି ନୀରବ ଜନସଂଖ୍ୟାଙ୍କ ନିକଟରେ ହ୍ୟାଣ୍ଡ ପମ୍ପର ସୁବିଧା ସୁଦ୍ଧା ନାହିଁ। ଫଳରେ ସେମାନଙ୍କୁ ଦୈନିକ ପାଣି ଟୋପେ ପାଇବା ଲାଗି ମାଇଲ ମାଇଲ ଦୂର ଯାତ୍ରା କରିବାକୁ ପଡ଼ୁଛି । କିନ୍ତୁ ଆଉ ନୁହେଁ, 2024 ସୁଦ୍ଧା ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ପାଇପ ଯୋଗେ ଜଳ ଯୋଗାଣ ନିମନ୍ତେ ଏହି ବ୍ୟବସ୍ଥାରେ ଲକ୍ଷ୍ୟ ରଖାଯାଇଛି ।

ପ୍ରକୃତ ବାସ୍ତବତାକୁ ସ୍ୱୀକାର କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲାଲକିଲାର ପ୍ରାଚୀରରୁ ଅଗଷ୍ଟ 15, 2019ରେ ତାଙ୍କର ସ୍ୱାଧୀନତା ଦିବସ ଅଭିଭାଷଣରେ କହିଥିଲେ ଯେ ଭାରତର ପାଖାପାଖି ଅଧା ଘରେ ଏବେ ସୁଦ୍ଧା ସିଧାସଳଖ ପାନୀୟ ଜଳ ସଂଯୋଗ ନାହିଁ । ସେ ଜଳ ଜୀବନ ମିଶନ ଘୋଷଣା କରିଥିଲେ ଏବଂ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଏହି ସ୍ଥିତିରେ ପରିବର୍ତ୍ତନ ଆଣିବା ଲାଗି ପ୍ରତିଶ୍ରୁତି ଦେଇଥିଲେ ।

ଏହି ମିଶନ ଅଧୀନରେ ପ୍ରତିଦିନ ପାଖାପାଖି 1






## ଯୋଜନାର ଲାଭ

- ଏହା ମହିଳାମାନଙ୍କ କଷ୍ଟ ଦୂର କରିବ କାରଣ ଜଳ ସଂଗ୍ରହ କରିବା ସେମାନଙ୍କର କାର୍ଯ୍ୟ ହୋଇଥାଏ।
- ଗ୍ରାମାଞ୍ଚଳରେ 'ସହଜ ଜୀବନ ଧାରଣ'ରେ ସୁଧାର ଆଣିବ
- ଉନ୍ନତ ମାନର ପାନୀୟ ଜଳ ଯୋଗୁ ଜଳବାହିତ ରୋଗ ବ୍ୟାପିବ ନାହିଁ ଏବଂ ଗ୍ରାମୀଣ ଲୋକମାନଙ୍କର ଜୀବନରେ ସୁଧାର ଆସିବ
- ଗ୍ରାମୀଣ ମହିଳାମାନଙ୍କର ସମୟ ସଞ୍ଚୟ ହେବା ସହିତ ଏହା ସେମାନଙ୍କ ଲାଗି ଆର୍ଥିକ ଗତିବିଧି ନିମନ୍ତେ ସୁଯୋଗ ସୃଷ୍ଟି କରିବ। ଜଳ ସଂଗ୍ରହ କରିବାରେ ତାଙ୍କର ଅଧିକାଂଶ ସମୟ ଯାଉଥିଲା।

## ମିଶନର ସମ୍ଭାବ୍ୟ ଅବଧି

ଏହି ମିଶନ ଅଧୀନରେ 15.81 କୋଟି ପରିବାରକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଜଳ ସଂଯୋଗ ଯୋଗାଇ ଦେବା ଏବଂ ପୂର୍ବରୁ ଥିବା ସଂଯୋଗକୁ ସଚଳ କରିବା ଲାଗି ଲକ୍ଷ୍ୟ ରଖାଯାଇଛି। ଏହାର ଅର୍ଥ ପ୍ରତିବର୍ଷ 3.2 କୋଟି ପରିବାରକୁ ସଂଯୋଗ ଦିଆଯିବାକୁ ଥିବା ବେଳେ ଦୈନିକ ପାଖାପାଖି 88,000 ପରିବାର ଉପକୃତ ହେବେ। ଏହି ମିଶନ ଅନ୍ତର୍ଗତ ଦେଶର 100 ପ୍ରତିଶତ ପରିବାରକୁ ସଚଳ ଜଳ ସଂଯୋଗ ଯୋଗାଇଦେବା ଲାଗି ଲକ୍ଷ୍ୟ ରଖାଯାଇଛି ଏବଂ ପ୍ରତ୍ୟେକ ରାଜ୍ୟ ପାଇଁ ଏକ ଆନୁମାନିକ ସମୟସୀମା ଧାର୍ଯ୍ୟ କରାଯାଇଛି।

**2021:** **ବିହାର, ପୁଡୁଚେରୀ, ତେଲଙ୍ଗାନା (ଗୋଆ ଲକ୍ଷ୍ୟ ହାସଲ)**
**2022:** **ହରିୟାଣା, ଜମ୍ମୁ ଓ କଶ୍ମୀର, ଲଦାଖ, ହିମାଚଳ ପ୍ରଦେଶ, ଗୁଜରାଟ, ମେଘାଳୟ, ପଞ୍ଜାବ, ସିକିମ, ଉତ୍ତର ପ୍ରଦେଶ**
**2023:** **ଅରୁଣାଚଳ ପ୍ରଦେଶ, କର୍ଣ୍ଣାଟକ, କେରଳ, ମଧ୍ୟପ୍ରଦେଶ, ମଣିପୁର, ମିଜୋରାମ, ନାଗାଲାଣ୍ଡ, ତ୍ରିପୁରା, ଛତିଶଗଡ଼**
**2024:** **ଆସାମ, ଆନ୍ଧ୍ରପ୍ରଦେଶ, ଝାଡ଼ଖଣ୍ଡ, ମହାରାଷ୍ଟ୍ର, ଓଡ଼ିଶା, ରାଜସ୍ଥାନ, ତାମିଲନାଡୁ, ଉତ୍ତରାଖଣ୍ଡ, ପଶ୍ଚିମବଙ୍ଗ**

ଲକ୍ଷ ପରିବାରକୁ ସିଧାସଳଖ ଜଳସଂଯୋଗ ଯୋଗାଇ ଦିଆଯାଉଛି ।

ଯାହା ଦର୍ଶାଉଛି ଯେ ସରକାରଙ୍କ ଗତି ଏବଂ ସମର୍ପଣ ଏହାର ପ୍ରତିଶ୍ରୁତିକୁ ପୂରଣ କରୁଛି। ଏହି ମିଶନ ଅଧୀନରେ ଘର ପାଖରେ ଲୋକମାନଙ୍କୁ ନିୟମିତ ଏବଂ ଦୀର୍ଘସ୍ଥାୟୀ ଭିତ୍ତିରେ ଦୈନିକ ଜଣେ ବ୍ୟକ୍ତି ପିଛା 55 ଲିଟର ଧାର୍ଯ୍ୟ ଗୁଣବତ୍ତାସମ୍ପନ୍ନ ଜଳ ଯୋଗାଣ ସୁନିଶ୍ଚିତ କରିବା ଲାଗି ଲକ୍ଷ୍ୟ ରଖାଯାଇଛି।

ଏହି ମିଶନର ଲକ୍ଷ୍ୟ ହେଉଛି ସାର୍ବଜନୀନ ଜଳ ଯୋଗାଣ । 'ସମାନତା ଓ ସମାବେଶୀତା' ନୀତି ଉପରେ ଜୋର ଦିଆଯାଉଛି, ଏହାର ଅର୍ଥ ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାର ସେମାନଙ୍କ ଘରେ ଟ୍ୟାପ ଯୋଗେ ପାଣି ପାଇପାରିବେ। ଏହି ମିଶନ ପାଇଁ ମୋଟ 3.60 ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବା ବେଳେ କେନ୍ଦ୍ର ସରକାର 2.08 ଲକ୍ଷ କୋଟି ଟଙ୍କା ଏବଂ ଅବଶିଷ୍ଟ 1.52 ଲକ୍ଷ କୋଟି ଟଙ୍କା ରାଜ୍ୟ ସରକାର ଖର୍ଚ୍ଚ କରିବେ।

## ଜଳ ଜୀବନ ମିଶନ ସମ୍ପର୍କରେ

- ଏହି ମିଶନ ଅଗଷ୍ଟ, 2019ରେ ଶୁଭାରମ୍ଭ କରାଯାଇଥିଲା।
- 2019-20 ବର୍ଷର ସାତ ମାସ ମଧ୍ୟରେ ପାଖାପାଖି 84.83 ଲକ୍ଷ ଗ୍ରାମୀଣ ପରିବାରକୁ ଟ୍ୟାପ ଯୋଗେ ଜଳ ସଂଯୋଗ ଯୋଗାଇ ଦିଆଯାଇଛି।
- ଜିଲ୍ଲାସ୍ତରରେ ମିଶନର ଅଗ୍ରଗତି ଅନୁଧ୍ୟାନ କରିବା ଲାଗି ଏକ ଡ୍ୟାଶବୋର୍ଡ ଗଠନ କରାଯାଇଛି ଯାହାକି ମନ୍ତ୍ରଣାଳୟର ୱେବସାଇଟରେ ଉପଲବ୍ଧ ରହିଛି।
- ଏହି ମିଶନ କାର୍ଯ୍ୟକାରୀ ହେବା ପରେ ରାଜ୍ୟଗୁଡ଼ିକୁ ମୂଳ ତଥ୍ୟ ପୁଣିଥରେ ସଂଗ୍ରହ କରିବା ଲାଗି କୁହାଯାଇଥିଲା। ଏଥିରୁ ଜଣାପଡ଼ିଲା ଯେ ଗ୍ରାମୀଣ ଭାରତରେ ମୋଟ 19 କୋଟି ପରିବାର ମଧ୍ୟରୁ ମାତ୍ର 3.23 କୋଟି ପରିବାର ନିକଟରେ ଟ୍ୟାପ ସଂଯୋଗ ରହିଛି। ଅବଶିଷ୍ଟ 15.81 କୋଟି ପରିବାର ଏହି ସୁବିଧାରୁ ବଞ୍ଚିତ ଅଛନ୍ତି।
- ଏହି ମିଶନର ଲକ୍ଷ୍ୟ ହେଉଛି ପ୍ରତ୍ୟେକ ପରିବାରକୁ ସଚଳ ଟ୍ୟାପ ସଂଯୋଗ ଯୋଗାଇ ଦେବା।
- ଜଳ ଯୋଗାଣ ବ୍ୟବସ୍ଥାର ସଚଳତା ସୁନିଶ୍ଚିତ କରିବା ଉପରେ ବିଶେଷ ଧ୍ୟାନ ଦିଆଯାଉଛି।
- ଜଳସଂକଟ ଗ୍ରସ୍ତ ଗ୍ରାମ ଏବଂ ଜଳ ଗୁଣବତ୍ତା ପ୍ରଭାବିତ କ୍ଷେତ୍ର, ଆକାଂକ୍ଷୀ ଜିଲ୍ଲା, ଅନୁସୂଚିତ ଜାତି/ଜନଜାତି ବହୁଳ ଗ୍ରାମ/ଜନବସତି, ସାଂସଦ ଆଦର୍ଶ ଗ୍ରାମ ଯୋଜନାରେ ଆସୁଥିବା ଗ୍ରାମ, ବିଶେଷ କରି ଦୁର୍ବଳ ଜନଜାତି ଗୋଷ୍ଠୀ ଆଦିଙ୍କ ପ୍ରତି ପ୍ରାଥମିକତା ଦିଆଯାଇଛି।
- ଶିଶୁ ମୃତ୍ୟୁର ଅନ୍ୟତମ କାରଣ ସାଜିଥିବା ଜାପାନୀ ଏନସେଫାଲାଇଟିସ/ଗମ୍ଭୀର ଏନସେଫାଲାଇଟିସ ସିଣ୍ଡ୍ରୋମ (ଜେଇ/ଏଇଏସ) ପ୍ରଭାବିତ ଜିଲ୍ଲା ପ୍ରତି ବିଶେଷ ଧ୍ୟାନ ଦିଆଯାଉଛି।
- ବର୍ତ୍ତମାନ ସୁଦ୍ଧା, ପାଞ୍ଚଟି ରାଜ୍ୟ-ଆସାମ, ବିହାର, ତାମିଲନାଡୁ, ଉତ୍ତର ପ୍ରଦେଶ ଏବଂ ପଶ୍ଚିମବଙ୍ଗର 61ଟି ଜେଇ/ଏଇଏସ ପ୍ରଭାବିତ ଜିଲ୍ଲାରେ 3.01 କୋଟି ପରିବାର ରହୁଥିବା ଜଣାଯାଇଛି। ଏମାନଙ୍କ ମଧ୍ୟରୁ 27.32 ଲକ୍ଷ (9%) ପରିବାରର ଏଫଏଚଟିସି ରହିଛି ଏବଂ ଅବଶିଷ୍ଟ 2.74 କୋଟି ପରିବାର (91%)କୁ ଜେଜେଏମ ଅନ୍ତର୍ଗତ ଏଫଏଚଟିସି ଯୋଗାଇ ଦିଆଯିବ।



2019-20 ବର୍ଷରେ ଏହି ମିଶନ ପାଇଁ 10,000 କୋଟି ଟଙ୍କା ଆବଣ୍ଟନ କରାଯାଇଥିବା ବେଳେ 2020-21ରେ 23,500 କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ବିଗତ ଗୋଟିଏ ବର୍ଷ ମଧ୍ୟରେ, ପାଖାପାଖି 2.20 କୋଟି ଗ୍ରାମୀଣ ପରିବାରକୁ ଟ୍ୟାପ ସଂଯୋଗ ଯୋଗାଇ ଦିଆଯାଇଛି।

### ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକୁ ପାଇପ ଜଳ ଯୋଗାଣ ସୁନିଶ୍ଚିତ କରିବା ନିମନ୍ତେ 100 ଦିନିଆ ଅଭିଯାନ

ଶିଶୁମାନଙ୍କୁ ସୁରକ୍ଷିତ ଜଳ ଯୋଗାଣ କରି ଦେଶର ଭବିଷ୍ୟତଙ୍କ ଯତ୍ନ ନେବା ସରକାରଙ୍କ ପ୍ରାଥମିକତା, କାରଣ ଏମାନେ ଜଳବାହିତ ରୋଗର ଶିକାର ହେବାର ଅଧିକ ଆଶଙ୍କା ରହିଥାଏ। ତେଣୁ ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର, ସ୍ୱାସ୍ଥ୍ୟ ସେବା କେନ୍ଦ୍ର, ଇତ୍ୟାଦି ଜଳ ଜୀବନ ମିଶନ



## ଗୋଆ : ପ୍ରଥମ 'ହର ଘର ଜଲ' ରାଜ୍ୟ

ଗୋଆ ଦେଶର ପ୍ରଥମ 'ହର ଘର ଜଲ' ରାଜ୍ୟ ଭାବେ ମାନ୍ୟତା ପାଇବାର ସୌଭାଗ୍ୟ ଅର୍ଜନ କରିଛି। ରାଜ୍ୟର 2.30 ଲକ୍ଷ ଗ୍ରାମୀଣ ପରିବାରକୁ ଟ୍ୟାପ ଜଳ ସଂଯୋଗ ଯୋଗାଇ ଦେବା ସହିତ ଶତପ୍ରତିଶତ ସଚଳ ଘରୋଇ ଟ୍ୟାପ ସଂଯୋଗ ସହିତ ଏହି ଉପଲବ୍ଧି ହାସଲ କରିଛି ଗୋଆ। ଗୋଆର ଦୁଇଟି ଜିଲ୍ଲାରେ 191ଟି ଗ୍ରାମ ପଞ୍ଚାୟତ ରହିଛି। ଏଥିମଧ୍ୟରୁ ଉତ୍ତର ଗୋଆରେ 1.65 ଲକ୍ଷ ଗ୍ରାମୀଣ ପରିବାର ଏବଂ ଦକ୍ଷିଣ ଗୋଆର ୨୪,000 ଗ୍ରାମୀଣ ପରିବାରକୁ ସମ୍ପୂର୍ଣ୍ଣ ଶୁଦ୍ଧ ଏବଂ ସୁନିଶ୍ଚିତ ପାଇପ ଜଳ ଟ୍ୟାପ ସଂଯୋଗ ମାଧ୍ୟମରେ ଯୋଗାଇ ଦିଆଯାଇଛି।

## କୋଭିଡ-19 ଭୟ ସତ୍ତ୍ୱେ ପ୍ରୟାସ ଜାରି

ଅନଲକ 1 ପରଠାରୁ, କୋଭିଡ-19 ମହାମାରୀ ମଧ୍ୟରେ ପାଖାପାଖି 45 ଲକ୍ଷ ଟ୍ୟାପ ସଂଯୋଗ ବର୍ତ୍ତମାନ ସୁଦ୍ଧା 2020-21 ଆର୍ଥିକ ବର୍ଷରେ ଯୋଗାଇ ଦିଆଯାଇଛି। ପ୍ରତିଦିନ ପାଖାପାଖି 1 ଲକ୍ଷ ପରିବାରକୁ ଟ୍ୟାପ ସଂଯୋଗ ଦିଆଯାଉଛି। ପାରଦର୍ଶିତା ସୁନିଶ୍ଚିତ କରିବା ଲାଗି ସୃଷ୍ଟି ହେଉଥିବା ପ୍ରତ୍ୟେକ ସମ୍ପତ୍ତିକୁ ଜିଓ ଟ୍ୟାଗ କରାଯାଉଛି ଏବଂ ପରିବାର ମୁଖ୍ୟଙ୍କ ଆଧାର କାର୍ଡ ସହିତ ଜଳ ସଂଯୋଗ ବ୍ୟବସ୍ଥାକୁ ଯୋଡ଼ାଯାଉଛି। ବର୍ତ୍ତମାନର ମହାମାରୀ ପରିସ୍ଥିତିରେ ମଧ୍ୟ ଗ୍ରାମାଞ୍ଚଳରେ ଜଳ ଯୋଗାଣ ଏବଂ ଜଳ ସଂରକ୍ଷଣ ସଂକ୍ରାନ୍ତ କାର୍ଯ୍ୟ ଜାରି ରହିଛି। ଏହି ପ୍ରକଳ୍ପ କେବଳ ଗ୍ରାମାଞ୍ଚଳରେ ଘର ପାଖରେ ଜଳ ଯୋଗାଣ ସୁନିଶ୍ଚିତ କରିନାହିଁ, ବରଂ କୁଶଳୀ/ଅର୍ଦ୍ଧକୁଶଳୀ ପ୍ରବାସୀ ଶ୍ରମିକମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି।

ଅନ୍ତର୍ଗତ ଟ୍ୟାପ ଯୋଗେ ନିରାପଦ ଜଳ ଯୋଗାଣ ସୁନିଶ୍ଚିତ କରିବା ଲାଗି ବ୍ୟବସ୍ଥା କରାଯାଇଛି।

ସାରା ଦେଶରେ ଥିବା ପିଲାମାନଙ୍କୁ ବିଶୁଦ୍ଧ ଏବଂ ନିରାପଦ ଜଳ ଯୋଗାଣ କରିବା ଲାଗି କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଅକ୍ଟୋବର 2, 2020ରେ ଏକ ସ୍ୱତନ୍ତ୍ର ମିଶନ ମୋଡ୍ ଅଭିଯାନ ଆରମ୍ଭ କରିଛନ୍ତି। ଏହା ଜରିଆରେ ସମସ୍ତ ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକୁ 100 ଦିନ ମଧ୍ୟରେ ପାଇପ ଜଳ ଯୋଗାଣ କରାଯିବ। ପ୍ରଧାନମନ୍ତ୍ରୀ ସେପ୍ଟେମ୍ବର 29, 2020ରେ ଏହି ଯୋଜନା ବିଷୟରେ ଘୋଷଣା କରିଥିଲେ। ଏସବୁ ସର୍ବସାଧାରଣ ସଂସ୍ଥାନଗୁଡ଼ିକୁ ପାଇପ ଜଳ ଯୋଗାଣ ସୁନିଶ୍ଚିତ କରିବା ସକାଶେ ଅଭିଯାନର ଲାଭ ଉଠାଇବା ନିମନ୍ତେ ସେ ରାଜ୍ୟଗୁଡ଼ିକୁ ନିବେଦନ କରିଥିଲେ।

# କ୍ୟାବିନେଟରେ 'ଭୋକାଲ ଫର୍ ଲୋକାଲ'କୁ ଗୁରୁତ୍ୱ

**ସାଂପ୍ରତିକ କ୍ୟାବିନେଟ ବୈଠକର ନିଷ୍ପତ୍ତି ପ୍ରାକୃତିକ ଗ୍ୟାସ୍ କ୍ଷେତ୍ର ପାଇଁ ଅଧିକ ପୁଞ୍ଜି ଆକର୍ଷଣ କରିବା ସହ ନିଯୁକ୍ତି ସୁବିଧା ସୃଷ୍ଟି, ପରିବେଶ ସୁରକ୍ଷା, ଅର୍ଥ ସଞ୍ଚୟ ଏବଂ ଦେଶର ସାଇବର ନିରାପତ୍ତାକୁ ଦୃଢୀଭୂତ କରିବ ।**






**ନିଷ୍ପତ୍ତି:** ପ୍ରାକୃତିକ ଗ୍ୟାସ୍ ବିପଣନ ସଂସ୍କାର ପ୍ରସ୍ତାବ ଅନୁମୋଦିତ ।

**ଲାଭ:** ନିବେଶକ ପରିଚାଳିତ ମୁକ୍ତ ଆକ୍ରିଏଜ ଲାଇସେନ୍ସିଂ ନୀତି ଫଳରେ ଦେଶରେ ଆକ୍ରିଏଜ କ୍ଷେତ୍ର ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ଏହି ନୀତି ସଂକ୍ରାନ୍ତ ସମଗ୍ର ପରିବେଶ ଓ ପରିତନ୍ତ୍ରରେ ଉତ୍ପାଦନ, ଭିତ୍ତିଭୂମି ଓ ବିପଣନ ବ୍ୟବସ୍ଥା ଅନ୍ତର୍ଭୁକ୍ତ ହୋଇ ପ୍ରାକୃତିକ ଗ୍ୟାସର କାରବାର ଅଧିକ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ହୋଇପାରିବ । ଏହା ବ୍ୟବସାୟ ସୁଗମତା ବା ଇଜ୍ ଅଫ୍ ଡୁଇଂ ବିଜନେସକୁ ପ୍ରୋତ୍ସାହନ ଯୋଗାଇବ । ଏହିସବୁ ସଂସ୍କାର ଆତ୍ମନିର୍ଭର ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ । ଏହାଦ୍ୱାରା ଘରୋଇ ଗ୍ୟାସ୍ ଉତ୍ପାଦନ କ୍ଷେତ୍ରରେ ପୁଞ୍ଜି ନିବେଶର ସମ୍ଭାବନା ବଢିବ । ଏହାଦ୍ୱାରା ବିଦେଶରୁ ଗ୍ୟାସ ଆମଦାନୀ ହ୍ରାସ ପାଇବ । ଫଳରେ ଭାରତକୁ ଅନ୍ୟ ଦେଶ ଉପରେ କମ୍ ନିର୍ଭର କରିବାକୁ ପଡିବ । ଏ କ୍ଷେତ୍ରରେ ପୁଞ୍ଜି ନିବେଶକୁ ପ୍ରୋତ୍ସାହିତ କରାଯାଇଥିବାରୁ ଗ୍ୟାସ ଭିତ୍ତିକ ଅର୍ଥନୀତି ପ୍ରତିଷ୍ଠା କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ ଭାବେ ବିବେଚିତ ହେବ ।



**ନିଷ୍ପତ୍ତି:** ସାଇବର ନିରାପତ୍ତା କ୍ଷେତ୍ରରେ ଭାରତ-ଜାପାନ ମଧ୍ୟରେ ସହଯୋଗ ବୁଝାମଣା ପତ୍ର ବା ଏମ୍ଓସି ସ୍ୱାକ୍ଷରିତ ହୋଇଛି ।

**ଲାଭ:** ଏହି ଏମ୍ଓସି ଫଳରେ ଦ୍ୱିପାକ୍ଷିକ ସ୍ୱାର୍ଥଜଡିତ ବିଷୟରେ ଦୁଇ ଦେଶ ମଧ୍ୟରେ ସହଯୋଗ ବୃଦ୍ଧି ପାଇବ । ସାଇବର ସ୍ପେସ୍, ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିର ସୁରକ୍ଷା, ଉଦୀୟମାନ ପ୍ରଯୁକ୍ତି କ୍ଷେତ୍ରରେ ସହଯୋଗ, ସାଇବର ନିରାପତ୍ତା ବିପଦ ଘଟଣା ଏବଂ ଦୁଷ୍ଟବୁଦ୍ଧି ସଂପନ୍ନ ସାଇବର କାର୍ଯ୍ୟକଳାପ ସଂକ୍ରାନ୍ତ ତଥ୍ୟର ଆଦାନପ୍ରଦାନ ଉଭୟ ଦେଶ ମଧ୍ୟରେ ହେବ। ଏହିସବୁ ସାଇବର ଅପରାଧର ମୁକାବିଲା ପାଇଁ ଦୁଇ ଦେଶ ମିଳିତଭାବେ କାର୍ଯ୍ୟ କରିବେ । ଏଥିପାଇଁ ଯୁଗ୍ମ ବ୍ୟବସ୍ଥା ଓ ପଦକ୍ଷେପ ଗ୍ରହଣ କରାଯିବ । ସାଇବର ବିପଦର ମୁକାବିଲା ପାଇଁ ଦୁଇଦେଶ ଆଇସିଟି ଭିତ୍ତିଭୂମିର ଉପଯୋଗ କରିବେ।

**ନିଷ୍ପତ୍ତି:** କୋଲକାତା ପୂର୍ବ ପଶ୍ଚିମ କରିଡର ପାଇଁ 8575 କୋଟି ଟଙ୍କାର ସଂଶୋଧିତ ବ୍ୟୟ ଅଟକଳ ଅନୁମୋଦିତ। ପ୍ରକଳ୍ପର ରୁଟ୍ ପୁନର୍ବିନ୍ୟାସ ପରେ ଏହାର ଖର୍ଚ୍ଚ ଅଟକଳ ସଂଶୋଧନର ଆବଶ୍ୟକତା ପଡିଥିଲା ।

**ଲାଭ:** ଏହା ଫଳରେ ଏକ ନିରାପଦ, ଦକ୍ଷ ଏବଂ ପରିବେଶ ଅନୁକୂଳ ପରିବହନ ବ୍ୟବସ୍ଥା ସୃଷ୍ଟି ହୋଇପାରିବ । ପୁନଃନିର୍ଦ୍ଧାରିତ ରୁଟ୍ ଦ୍ୱାରା ଏହି କରିଡରର ଦୈର୍ଘ୍ୟ ହ୍ରାସ ପାଇବ ଏବଂ ଯାତ୍ରା ସମୟ କମିଯିବ । ଏହା ମଧ୍ୟ ଇନ୍ଧନ ବଞ୍ଚାଇବାରେ ସହାୟକ ହେବା ସହ ପ୍ରଦୂଷଣ ଏବଂ ଦୁର୍ଘଟଣା ହାର କମାଇବ। ଏହି କରିଡରର ଦୈର୍ଘ୍ୟ ହ୍ରାସ ପାଇଥିବାରୁ ନିର୍ମାଣ ବାବଦ ଖର୍ଚ୍ଚ ମଧ୍ୟ କମିବ । ଏହା ଅତିରିକ୍ତ ରାଜସ୍ୱ, ନିଯୁକ୍ତି ସୃଷ୍ଟିରେ ସହାୟକ ହେବା ସହିତ ଆତ୍ମନିର୍ଭର ଭାରତ ଏବଂ ଭୋକାଲ ଫର୍ ଲୋକାଲ ଭାବନାରେ କାର୍ଯ୍ୟକାରୀ ହେବ ।

**ନିଷ୍ପତ୍ତି:** ଷ୍ଟକହୋମ୍ ଚୁକ୍ତି ତାଲିକାଭୁକ୍ତ 7ଟି ନିରନ୍ତର ଜୈବ ପ୍ରଦୂଷକ ସଂଶୋଧନକୁ ଅନୁମୋଦନ ।

**ଲାଭ:** ଚୁକ୍ତିର ଏହି ଅନୁମୋଦନ ଫଳରେ ଭାରତ ଆନ୍ତର୍ଜାତିକ ପରିବେଶ ସୁରକ୍ଷା ଅର୍ଥଲଗାଣ ପାଣ୍ଠିରୁ ଆର୍ଥିକ ସହାୟତା ପାଇବ ଏବଂ ନିଜର ପରିବେଶ ସୁରକ୍ଷା

ଯୋଜନାକୁ କାର୍ଯ୍ୟକାରୀ କରିପାରିବ ।

**ନିଷ୍ପତ୍ତି:** 'ଷ୍ଟାର୍‌ସ' ଜରିଆରେ ସ୍କୁଲ୍ ଶିକ୍ଷାର ବିକାଶ।

**ଲାଭ:** ଷ୍ଟାର୍‌ସ ବ୍ୟବସ୍ଥାରେ ହିମାଚଳ ପ୍ରଦେଶ, ରାଜସ୍ଥାନ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, କେରଳ ଏବଂ ଓଡିଶାରେ ସ୍କୁଲ ଶିକ୍ଷାର ବିକାଶ ସଂକ୍ରାନ୍ତ ଏକ ପ୍ରସ୍ତାବ କେନ୍ଦ୍ର କ୍ୟାବିନେଟର ଅନୁମୋଦନ ଲାଭ କରିଛି । ଷ୍ଟ୍ରେନ୍‌ଦେନିଂ, ଟିଚିଂ, ଲର୍ଣ୍ଣିଂ ଆଣ୍ଡ ରେଜଲ୍ଟ୍‌ସ ଫର୍ ଷ୍ଟେଟସ୍ ବା ଷ୍ଟାର୍‌ସ କାର୍ଯ୍ୟକ୍ରମରେ ମୋଟ 5718 କୋଟି ଟଙ୍କା ଖର୍ଚ୍ଚ ହେବ । ସେଥିମଧ୍ୟରୁ ବିଶ୍ୱବ୍ୟାଙ୍କ 3700 କୋଟି ଟଙ୍କା ଯୋଗାଇ ଦେବ । ଏହି ଯୋଜନାରେ ଉପର ଲିଖିତ 6ଟି ରାଜ୍ୟର ଶିକ୍ଷା ଓ ଶୈକ୍ଷିକ ବ୍ୟବସ୍ଥାର ଉନ୍ନତି, ଏହାର ଫଳାଫଳ ଆକଳନ ଏବଂ ଶ୍ରମ ବଜାର ସହ ଶିକ୍ଷାକୁ ଯୋଡିବା ପ୍ରୟାସ କରାଯିବ । ନୂଆ ଜାତୀୟ ଶିକ୍ଷା ନୀତିରେ ଷ୍ଟାର୍‌ସ ପ୍ରକଳ୍ପ ସନ୍ନିବେଶିତ କରାଯାଇଛି । ଏଥିରେ ଗୁଣାତ୍ମକ ଶିକ୍ଷା ଅଗ୍ରାଧିକାର ପାଇଛି । କେନ୍ଦ୍ରଶିକ୍ଷା ମନ୍ତ୍ରଣାଳୟର ଗଣଶିକ୍ଷା ବିଭାଗ ପକ୍ଷରୁ ଏହି ଯୋଜନା କାର୍ଯ୍ୟକାରୀ ହେବ । ଏହା ଏକ ନୂଆ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ।

ନିଷ୍ପତ୍ତି: ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା- ଜାତୀୟ ଗ୍ରାମ୍ୟ ଜୀବନଜୀବିକା ମିଶନ ବାବଦରେ ଜମ୍ମୁ କଶ୍ମୀର ଓ ଲଦାଖର 10 ଲକ୍ଷ ମହିଳାଙ୍କ ପାଇଁ 520 କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ ଯୋଗାଇ ଦିଆଯିବ ।

**ଲାଭ:** ଏହି ପ୍ୟାକେଜ 2013ରେ ଅନୁମୋଦିତ ହୋଇଥିଲା। ସେତେବେଳେ ସଂପୃକ୍ତ ରାଜ୍ୟରେ ଅସ୍ଥିରତା ଓ ହିଂସାକାଣ୍ଡ ଏବଂ ଅନ୍ୟାନ୍ୟ କାରଣରୁ ଏହା କାର୍ଯ୍ୟକାରୀ ହୋଇପାରି ନ ଥିଲା । ସେତେବେଳେ 5 ବର୍ଷ ପାଇଁ ଏ ବାବଦରେ 520 କୋଟି ଟଙ୍କା ମଂଜୁର ହୋଇଥିଲା । ତେବେ ଏବେ ସେଠାରେ ସ୍ୱାଭାବିକତା ଫେରିଥିବାରୁ ଏବଂ ନୂଆ ପ୍ରଶାସନିକ ବ୍ୟବସ୍ଥା ଆରମ୍ଭ ହୋଇଥିବାରୁ ଦୁଇ କେନ୍ଦ୍ର ଶାସିତ ଅଞ୍ଚଳକୁ 520 କୋଟି ଟଙ୍କା ଏହି ସ୍ୱତନ୍ତ୍ର ପ୍ୟାକେଜ ଆକାରରେ ଯୋଗାଇ ଦିଆଯାଇଛି । 2023-24 ପର୍ଯ୍ୟନ୍ତ ଏହି ଅର୍ଥ ଖର୍ଚ୍ଚ କରାଯିବ। ଗ୍ରାମୀଣ ଜୀବନ ଜୀବିକା କାର୍ଯ୍ୟକ୍ରମ ଓ ଦୀନଦୟାଲ ଉପାଧ୍ୟାୟ ଅନ୍ତ୍ୟୋଦୟ ଯୋଜନା ଅଧୀନରେ ଏହି ଦୁଇ କେନ୍ଦ୍ର ଶାସିତ ଅଞ୍ଚଳରେ ଯେଉଁସବୁ ଯୋଜନା କାର୍ଯ୍ୟକାରୀ ହେଉଛି ସେଥିରେ ମହିଳା ସ୍ୱୟଂସେବୀ ଓ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ମିଳିବ । ଏହି ସ୍ୱତନ୍ତ୍ର ପ୍ୟାକେଜରେ ସଂପୃକ୍ତ ଦୁଇ କେନ୍ଦ୍ର ଶାସିତ ଅଞ୍ଚଳର ଦାରିଦ୍ର୍ୟ ଅନୁପାତକୁ ବିଚାରକୁ ନିଆଯାଇନାହିଁ। ବର୍ତ୍ତମାନ ସୁଦ୍ଧା ଦେଶର 63 ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀର 6.90 କୋଟି ମହିଳା ସଦସ୍ୟଙ୍କୁ କେନ୍ଦ୍ର ସରକାର ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି । ଏହି ଯୋଜନାରେ 3 ଲକ୍ଷ କୋଟି ଟଙ୍କାରୁ ଅଧିକ ବ୍ୟାଙ୍କ ଋଣ ହିତାଧିକାରୀଙ୍କ ଠାରୁ ଅସୁଲ କରାଯାଇଛି । ଋଣ ନେଇଥିବା ହିତାଧିକାରୀ ଏବେ ମଧ୍ୟ 1 ଲକ୍ଷ କୋଟି ଟଙ୍କା ପରିଶୋଧ କରିନାହାନ୍ତି । ଏଥିରେ ଏନ୍‌ପିଏ ହାର ମାତ୍ର 2 ଶତାଂଶ।

**ନିଷ୍ପତ୍ତି:** ଏନ୍ଏମ୍‌ଡିସିରୁ ନାଗରନାର ଷ୍ଟିଲ ପ୍ଲାଣ୍ଟକୁ ଅଲଗା କରିବା ନିଷ୍ପତ୍ତି ଏବଂ ରଣନୈତିକ ପୁଞ୍ଜି ପ୍ରତ୍ୟାହାର ପ୍ରସ୍ତାବ ଅନୁମୋଦିତ ।

**ଲାଭ:** ଏନ୍ଏମ୍‌ଡିସି ଛତିଶଗଡର ବସ୍ତର ଜିଲା ଅନ୍ତର୍ଗତ ନାଗରନାରରେ ବାର୍ଷିକ 3 ନିୟୁତ ଟନ ଉତ୍ପାଦନକ୍ଷମ ସମନ୍ୱିତ ଇସ୍ପାତ କାରଖାନା ପ୍ରତିଷ୍ଠା କରିଛି । ଏଥିପାଇଁ 1980 ଏକର ଜମି ସଂସ୍ଥା ପକ୍ଷରୁ ଅଧିଗ୍ରହଣ କରାଯାଇଛି । ଏହି ଇସ୍ପାତ କାରଖାନାକୁ ଏନ୍ଏମ୍‌ଡିସିରୁ ପୃଥକ କରିବା ସଂକ୍ରାନ୍ତ ନିଷ୍ପତ୍ତି ମନ୍ତ୍ରିମଣ୍ଡଳର ଅନୁମୋଦନ ଲାଭ କରିଛି । ଖଣିଜ ପଦାର୍ଥ, ଏହାର ଉତ୍ତୋଳନ ଏବଂ କାରବାର ଏନ୍ଏମ୍‌ଡିସିର ମୁଖ୍ୟ କାର୍ଯ୍ୟ । ଇସ୍ପାତ କାରଖାନା କରି ଚଳାଇବା ଏହାର ଦାୟିତ୍ୱ ନୁହେଁ, ତେଣୁ ନିଜ କାର୍ଯ୍ୟ ପରିସରରେ ଏନ୍ଏମ୍‌ଡିସିକୁ ସୀମିତ ରଖି ଇସ୍ପାତ ଉତ୍ପାଦନ କାମ ଏବଂ ତାହାର ପରିଚାଳନା ତଥା ଲାଭକ୍ଷତି ଭାର ସଂପୃକ୍ତ କାରଖାନା ଉପରେ ନ୍ୟସ୍ତ କରାଯାଇଛି। ଏବେ ଏହା ଦୁଇଟି କଂପାନୀରେ ପରିଣତ ହୋଇଥିବାରୁ ଅଂଶୀଦାରମାନେ ଦୁଇଟିଯାକ ସଂସ୍ଥାରେ ଭାଗୀଦାର ହୋଇ ରହିବେ । ଏହି ପୃଥକୀକରଣ ବ୍ୟବସ୍ଥାରେ ପୁଞ୍ଜିଗତ ଲାଭ ସତ୍ତ୍ୱେ ଅଂଶୀଦାରଙ୍କ ଉପରେ ଟିକସ ବୋଝ ଲାଗିବ ନାହିଁ । ଜଣେ ଅଂଶୀଦାର ଚାହିଁଲେ ଏନ୍ଏମ୍‌ଡିସି ବା ଏନ୍ଏସ୍‌ପି ଇସ୍ପାତ କାରଖାନାରୁ ନିଜର ପୁଞ୍ଜି ପ୍ରତ୍ୟାହାର କରି ନିଜ ଇଚ୍ଛାମତେ ଯେକୌଣସି କଂପାନୀରେ ବିନିଯୋଗ କରିପାରିବେ ।

**ନିଷ୍ପତ୍ତି: ତୈଳ ମହଜୁଦ ପାଇଁ 3874 କୋଟି ଟଙ୍କା ଖର୍ଚ୍ଚ ହେବ ।**

**ଲାଭ: କାର୍ଯ୍ୟାରମ୍ଭ ପରବର୍ତ୍ତୀ ନୀତିରେ କେନ୍ଦ୍ର କ୍ୟାବିନେଟ ତୈଳ ମହଜୁଦ ପାଇଁ ଆରମ୍ଭ ହୋଇଥିବା ଭିତ୍ତିଭୂମି ନିର୍ମାଣ ନିମନ୍ତେ 3874 କୋଟି ଟଙ୍କା ଅନୁମୋଦନ କରିଛି । ବିଶ୍ୱ ବଜାରରେ ତୈଳ ଦର ମାନ୍ଦା ଥିବାବେଳେ ତାହାକୁ କିଣି ଦେଶରେ ଭୂମିତଳେ ସ୍ୱତନ୍ତ୍ର ଭଣ୍ଡାରଣ ବ୍ୟବସ୍ଥା କରି ଭବିଷ୍ୟତରେ ବ୍ୟବହାର କରିବା ପାଇଁ ସେହି ତେଲକୁ ସାଇତି ରଖାଯିବ । ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି ଆହୁରି ମଧ୍ୟ ଆବୁଧାବି ନ୍ୟାସନାଲ ଅଏଲ କଂପାନୀକୁ ଏହି ତୈଳ ମହଜୁଦ କାର୍ଯ୍ୟରେ ଅଂଶୀଦାର ହେବାକୁ ଅନୁମତି ଦେଇଛି । ଏହି କଂପାନୀ ଭାରତରେ ତୈଳର ମହଜୁଦୀକରଣ ଓ କାରବାର ପାଇଁ ଏକ ଅଂଶୀଦାରଭାବେ କାର୍ଯ୍ୟ କରୁଛି । ବିଶ୍ୱ ବଜାରରେ ତୈଳ ଦର ମାନ୍ଦା ଥିବାବେଳେ ଭାରତ ଚଳିତବର୍ଷ ଏପ୍ରିଲ-ମେ ମାସରେ 16.71 ନିୟୁତ ବ୍ୟାରେଲ ଅଶୋଧିତ ତୈଳ କ୍ରୟ କରି ତାହାକୁ ବିଶାଖାପାଟଣା, ମାଙ୍ଗାଲୁରୁ ଏବଂ ପାଡୁର ସ୍ଥିତ ଭୂମିତଳ ଷ୍ଟୋରେଜ ବ୍ୟବସ୍ଥାରେ ସାଇତି ରଖିଛି। ଏହା ଫଳରେ ତୈଳ କାରବାରରେ ଭାରତ 5000 କୋଟି ଟଙ୍କା ସଞ୍ଚୟ କରିପାରିଛି । ପେଟ୍ରୋଲିୟମ ମନ୍ତ୍ରଣାଳୟ ଏହି ତୈଳ କ୍ରୟ ବାବଦରେ ମୋଟ 3874 କୋଟି ଟଙ୍କା ଖର୍ଚ୍ଚ କରିଛି ।**

**କ୍ୟାବିନେଟ ନିଷ୍ପତ୍ତି ପାଇଁ କ୍ୟୁଆର କୋଡ ସ୍କାନ କରନ୍ତୁ**

# ଭାରତ ଅଧିକ ସ୍ଥାନୀୟ ଉତ୍ପାଦ କିଣୁଛି | ବିଶ୍ୱ ବଜାରରେ ବେଶୀ ବିକୁଛି

କରୋନା ମହାମାରୀ ଭାରତର ବ୍ୟବସାୟ ଓ ଉଦ୍ୟମିତା ଚେତନାକୁ ହରାଇବାରେ ବିଫଳ ହୋଇଛି । ଆମର ରପ୍ତାନି, ସ୍ଥାନୀୟ ସାମଗ୍ରୀର ଚାହିଦା ଏବଂ ବିଶ୍ୱବ୍ୟାପୀ ପହଞ୍ଚ ନିରନ୍ତର ବୃଦ୍ଧି ପାଇବାରେ ଲାଗିଛି । ମହାମାରୀ ଆରମ୍ଭ ସମୟରେ ସାମାନ୍ୟ ବ୍ୟାଘାତ ସତ୍ତ୍ୱେ ଭାରତ ଏ କ୍ଷେତ୍ରରେ ତାର ଜୟଯାତ୍ରା ଅବ୍ୟାହତ ରଖି ସମଗ୍ର ବିଶ୍ୱକୁ ଏକ ସଫଳ ବାର୍ତ୍ତା ଦେଇଛି ।

“ଭାରତର ଆଜି ଓ ଆଗାମୀକାଲି ସୁଦୃଢ଼”



ଫଟୋ : ବିଜୟ କୁମାର



"ଆମ ଜୀବନରେ ଜାଗରଣ ସୃଷ୍ଟିର ଏକ ସ୍ୱତନ୍ତ୍ର ମହତ୍ୱ ରହିଛି । ଉତ୍ସବ, ବିଶେଷକରି ଦୀପାବଳି ଏଭଳି ଏକ ପର୍ବ ଯେତେବେଳେ ପ୍ରତ୍ୟେକ ପରିବାର ନିଜ ଘର ପାଇଁ କିଛି ନୂଆ ଜିନିଷ କିଣାକିଣି କରନ୍ତି, ଆମେ ଯେତେ ସ୍ଥାନୀୟ ସାମଗ୍ରୀ କିଣିବା ତାହା ସେତେ ଭଲ । ମୁଁ ଆପଣମାନଙ୍କୁ ସମସ୍ତଙ୍କୁ ଆହ୍ୱାନ ଜଣାଉଛି ଯେ ଆମ ବୁଣାକାର ଓ ଖଦୀ ଉତ୍ପାଦକଙ୍କ ଦ୍ୱାରା ପ୍ରସ୍ତୁତ ହେଉଥିବା କିଛି ସାମଗ୍ରୀ କିଣନ୍ତୁ ।"

- ପ୍ରଧାନମନ୍ତ୍ରୀ, ନରେନ୍ଦ୍ର ମୋଦୀ

ଭାରତ ପାର୍ବଣ ଋତୁ ପାଇଁ ପ୍ରସ୍ତୁତ ହେଉଛି । ଚଳିତବର୍ଷର ଏହି ପାର୍ବଣ ଋତୁ ବିଭିନ୍ନ କାରଣ ପାଇଁ ସ୍ୱତନ୍ତ୍ର । କାରଣ ଏହା କରୋନା ମହାମାରୀ ଭଳି ପରିସ୍ଥିତିରେ ଆସୁଛି; ଯେଉଁଠି ମଣିଷ ଏକ ନୂଆ ଜୀବନଶୈଳୀରେ ବଞ୍ଚିବା ପାଇଁ ଉଦ୍ୟମ କରୁଛି । କରୋନା ମହାମାରୀ ପରବର୍ତ୍ତୀ ସମୟରେ ମ୍ୟାନୁଫ୍ୟାକ୍ଚରିଂ, ସପ୍ଲାଇଚେନର ବିପର୍ଯ୍ୟସ୍ତ ବ୍ୟବସ୍ଥା ସହିତ ବିଭିନ୍ନ କ୍ଷେତ୍ରରେ ଯେଉଁ ଅସ୍ୱାଭାବିକତା ସୃଷ୍ଟି ହୋଇଛି ତାହାର ମୁକାବିଲା କରିବାରେ ଅଳ୍ପ କେତେକ ଦେଶ ସଫଳ ହୋଇଛନ୍ତି। ଭାରତ ସେମାନଙ୍କ ମଧ୍ୟରେ ଅନ୍ୟତମ । ଅସୁବିଧା ଓ ବାଧା ବିଘ୍ନ ସତ୍ତ୍ୱେ ଭାରତ ତାର ପ୍ରୟାସ ଜାରି ରଖିଛି ଏବଂ ଏଥିରେ ସଫଳ ହୋଇଛି । ଲୋକେ ସ୍ଥାନୀୟ ଜିନିଷକୁ ଅଗ୍ରାଧିକାର ଦେଉଛନ୍ତି ଏବଂ ଅଧିକ କିଣୁଛନ୍ତି । ଏହା ଫଳରେ ଭୋକାଲ ଫର୍ ଲୋକାଲ ନୀତି ବେଶ ସଫଳ ହୋଇଛି । ଭାରତ କେବଳ ତାର ସ୍ଥାନୀୟ ଆବଶ୍ୟକତା ପୂରଣ କରୁନି; ଏହା ମଧ୍ୟ ବିଶ୍ୱ ଆବଶ୍ୟକତା ପୂରଣ କରିବା ପାଇଁ ଯତ୍ନବାନ ହୋଇଛି।

ବାର୍ଷିକ ଭିତ୍ତିରେ 2020 ସେପ୍ଟେମ୍ବରରେ ଭାରତର ସାମଗ୍ରୀ ରପ୍ତାନୀ ପରିମାଣ 5.27 ଶତାଂଶ ବୃଦ୍ଧି ପାଇଥିଲା । ରେଡିମେଡ ପୋଷାକ, ଇଂଜିନିୟରିଂ ସାମଗ୍ରୀ, ପେଟ୍ରୋଲିୟମ ଦ୍ରବ୍ୟ, ଔଷଧପତ୍ର, ଦରି ଆଦି ସାମଗ୍ରୀର ଚାହିଦା ବିଶ୍ୱ ବଜାରରେ ବୃଦ୍ଧି ପାଇବାରୁ ଭାରତର ରପ୍ତାନି ଏ କ୍ଷେତ୍ରରେ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ସେହି ସେପ୍ଟେମ୍ବର ମାସରେ ଭାରତର ଆମଦାନୀ ପରିମାଣ 19.6 ଶତାଂଶ କମିଥିଲା । ମାର୍ଚ୍ଚ-ଜୁନ୍ ମଧ୍ୟରେ ଭାରତର କୃଷିଜାତ ଦ୍ରବ୍ୟର ରପ୍ତାନୀ ପରିମାଣ 23 ଶତାଂଶ ବୃଦ୍ଧି ପାଇଥିଲା । ଏହି ସମୟରେ ସମଗ୍ର ଭାରତବର୍ଷ ଲକ୍‌ଡାଉନ ମଧ୍ୟରେ ରହିଥିଲା । ଏହା ସତ୍ତ୍ୱେ ରପ୍ତାନୀ ବାଣିଜ୍ୟ ଉପରେ ଏହାର କୌଣସି ପ୍ରଭାବ ପଡିନଥିଲା। ଏହି ସମୟରେ ପ୍ରଧାନମନ୍ତ୍ରୀ

## କୃଷି

**43.4 %**

**ରପ୍ତାନି ଅଭିବୃଦ୍ଧି**

- **କରୋନା ମହାମାରୀ ସତ୍ତ୍ୱେ ଚଳିତ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ କୃଷିଜାତ ସାମଗ୍ରୀର ରପ୍ତାନି ପରିମାଣ 43.4 ଶତାଂଶ ବୃଦ୍ଧି ପାଇ 53,626.6 କୋଟି ଟଙ୍କାରେ ପହଞ୍ଚିଥିଲା ।**

- ସେପ୍ଟେମ୍ବର 2020ରେ କୃଷିଜାତ ସାମଗ୍ରୀ ରପ୍ତାନି 81.7 ଶତାଂଶ ବଢି 9296 କୋଟି ଟଙ୍କାରେ ପହଞ୍ଚିଥିଲା । ଗତବର୍ଷ ବା 2019 ସେପ୍ଟେମ୍ବରରେ ଏହା ଥିଲା 5114 କୋଟି ଟଙ୍କା ।
- ଚିନାବାଦାମ ରପ୍ତାନି ପରିମାଣ 35 ଶତାଂଶ ବଢିଥିବାବେଳେ ରିଫାଇନ ଚିନି 104 ଶତାଂଶ, ଗହମ 206 ଶତାଂଶ, ବାସୁମତୀ ଚାଉଳ 13 ଶତାଂଶ ଏବଂ ଅଣବାସୁମତୀ ଚାଉଳ 105% ବୃଦ୍ଧି ପାଇଛି ।
- 2018ରେ ଘୋଷଣା କରାଯାଇଥିବା କୃଷି ରପ୍ତାନି ନୀତି ଏ କ୍ଷେତ୍ରରେ ବାଣିଜ୍ୟକୁ ପ୍ରୋତ୍ସାହିତ କରିଛି ।
- ଦେଶରେ କୃଷି ଭିତ୍ତିଭୂମି ନିର୍ମାଣ ପାଇଁ 1 ଲକ୍ଷ କୋଟି ଟଙ୍କାର ଏକ ପ୍ୟାକେଜ ସରକାର ଘୋଷଣା କରିଛନ୍ତି ।
- ଚାଷୀଙ୍କ ଆୟ ବୃଦ୍ଧି ନିମନ୍ତେ କୃଷି ସଂସ୍କାର ବିଲ୍ କାର୍ଯ୍ୟକାରୀ ହୋଇଛି ।

**ପାର୍ବଣ ସମୟରେ ମାଟି ଦୀପର ବ୍ୟବହାର, ମା' ଲକ୍ଷ୍ମୀ, ପ୍ରଭୁ ଗଣେଶଙ୍କ ପ୍ରତିମା ସମେତ ସାଜସଜାରେ ବ୍ୟବହାର ହେଉଥିବା ସାମଗ୍ରୀର ଚାହିଦା ବୃଦ୍ଧି ପାଏ। ଲୋକେ ଏହାକୁ ପ୍ରାୟତଃ କିଣାକିଣି କରନ୍ତି । ଏଥର ଖଦୀ ଓ ଗ୍ରାମୋଦ୍ୟୋଗ ଆୟୋଗ (କେଭିଆଇସି) ଏସବୁ ସାମଗ୍ରୀକୁ ଅନ୍‌ଲାଇନରେ ବିକ୍ରି କରିବ ।**

ଭୋକାଲ ଫର୍ ଲୋକାଲ ଓ ଆତ୍ମନିର୍ଭର ଭାରତର ଆହ୍ୱାନ ଦେଇଥିଲେ ।

### ଦୀପାବଳିରେ ଭୋକାଲ ଫର୍ ଲୋକାଲ ମନ୍ତ୍ର

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ 2020ରେ ଭୋକାଲ ଫର୍ ଲୋକାଲ ମନ୍ତ୍ରର ଆହ୍ୱାନ ଦେଇଥିଲେ ମଧ କେନ୍ଦ୍ର ସରକାର 2014ରୁ ଏହି ଲକ୍ଷ୍ୟ ନେଇ କାର୍ଯ୍ୟ କରିଆସୁଛନ୍ତି । ସ୍ଥାନୀୟଭାବେ ଉତ୍ପାଦିତ ସାମଗ୍ରୀକୁ ବଜାରରେ ପହଞ୍ଚାଇବା ସହିତ ଏହାର ବିକ୍ରିବଟାକୁ ପ୍ରୋତ୍ସାହିତ କରିବା ପାଇଁ ସରକାରୀଭାବେ ଉଦ୍ୟମ ଚାଲିଛି । ଏଥିପାଇଁ ସରକାର ମଧ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଛନ୍ତି ।

ଜୁଲାଇ 2017ରେ ନିଜର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ପୂଜା ପାର୍ବଣ କିପରି ଗରିବଙ୍କ ଅର୍ଥନୀତି ସହିତ ସଂଯୁକ୍ତ ସେ ବିଷୟରେ କହିଥିଲେ । ସେ କହିଥିଲେ 'ଆମେ ଯେତେବେଳେ ଦୀପାବଳିରେ ଏକ ମାଟିଦୀପରେ ସଳିତା ଜାଳୁ ସେତେବେଳେ ଏହା କେବଳ ଆଲୋକର ଏକ ଉତ୍ସବରେ ସୀମିତ ନ ଥାଏ । ଏହି ଉତ୍ସବ ସମଗ୍ର ଗୃହକୁ ଆଲୋକିତ କରେ। ଏହା ସିଧାସଳଖ ସେହି ଗରିବ ପରିବାର ସହ ସଂଯୁକ୍ତ ହୁଏ, ଯେଉଁମାନେ ଏହି କ୍ଷୁଦ୍ର କ୍ଷୁଦ୍ର ଦୀପାଳି ବା ମାଟିଦୀପ ତିଆରି କରି ବିକ୍ରି କରିଥାନ୍ତି । ଆଜି ମୁଁ ଉତ୍ସବ ସଂପର୍କରେ କହୁଛି ଏବଂ ଏହା କିପରି ଗରିବଙ୍କ ଅର୍ଥନୀତି ସହ ସଂଯୁକ୍ତ ତାହା ଉଲ୍ଲେଖ କରୁଛି । ଏଥିସହିତ ପରିବେଶ ସହ ସଂଯୁକ୍ତ ସମ୍ପର୍କ ଉପରେ ଆଲୋକପାତ କରିବାକୁ ଚାହୁଁଛି ।'

ପାର୍ବଣ ସମୟରେ ମାଟି ଦୀପର ବ୍ୟବହାର, ମା'ଲକ୍ଷ୍ମୀ, ପ୍ରଭୁ ଗଣେଶଙ୍କ ପ୍ରତିମା ସମେତ ସାଜସଜାରେ ବ୍ୟବହାର ହେଉଥିବା ସାମଗ୍ରୀର ଚାହିଦା ବୃଦ୍ଧି ପାଏ । ଲୋକେ ଏହାକୁ ପ୍ରାୟତଃ କିଣାକିଣି କରନ୍ତି । ଏଥର ଖଦୀ ଓ ଗ୍ରାମ୍ୟଦ୍ୟୋଗ ଆୟୋଗ (କେଭିଆଇସି) ଏସବୁ ସାମଗ୍ରୀକୁ ଅନ୍‌ଲାଇନରେ ବିକ୍ରି କରିବ ।

କେଭିଆଇସି ଅନ୍‌ଲାଇନରେ 1 ଲକ୍ଷ ଲକ୍ଷ୍ମୀ, ଗଣେଶ ପ୍ରତିମା ବିକ୍ରି କରିବାକୁ ଲକ୍ଷ୍ୟ ରଖିଛି । ଏହାଛଡା ଅନ୍‌ଲାଇନରେ ମଧ ଏହି ସଂସ୍ଥା ମାଟି ଦୀପର ବିକ୍ରି କରିବ। ଏଥିପାଇଁ ଉତ୍ତର ପ୍ରଦେଶର ବାରାଣସୀ, ରାଜସ୍ଥାନ, ଜମ୍ମୁ ଓ କଶ୍ମୀର, ଲେହ, ହରିୟାଣା ଏବଂ ଗୁଜରାଟର କୁମ୍ଭାର ଓ ମୂର୍ତ୍ତି କାରିଗରଙ୍କ ସହ ଯୋଗାଯୋଗ ରକ୍ଷା କରାଯାଇଛି । ଏହା ଫଳରେ ଏସବୁ ଅଞ୍ଚଳର ଦୂରଦୂରାନ୍ତ ଗାଁର ଶିଳ୍ପୀମାନେ ଦିଲ୍ଲୀ, ମୁମ୍ବାଇ ଭଳି ସହରରେ ନିଜ ନିଜର ସାମଗ୍ରୀ ବିକିବାର ସୁଯୋଗ ପାଇବେ । ସର୍ବଭାରତୀୟ ବ୍ୟବସାୟ ମହାସଂଘ (ସିଏଆଇଟି)ର ତଥ୍ୟ ଅନୁସାରେ ପ୍ରତ୍ୟେକ ବର୍ଷ ଦୀପାବଳି ସମୟରେ 1 ଲକ୍ଷ କୋଟି ଟଙ୍କାର କାରବାର ହୋଇଥାଏ । ଏଥିରେ ମାଟିଦୀପଠାରୁ ଆରମ୍ଭ କରି ଗହଣାଗାଣ୍ଠି ପର୍ଯ୍ୟନ୍ତ ସମସ୍ତ ସାମଗ୍ରୀ ଅନ୍ତର୍ଭୁକ୍ତ ।

### କୁମ୍ଭକାରଙ୍କ ନେତୃତ୍ୱରେ 'କେବଳ ସ୍ୱଦେଶୀ'

ପ୍ରଧାନମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀ ବାରାଣସୀର କୁମ୍ଭକାର ସଂପ୍ରଦାୟ ଚଳିତ ପାର୍ବଣ ଋତୁରେ 'କେବଳ ସ୍ୱଦେଶୀ' ପ୍ରଚାରର ନେତୃତ୍ୱ ନେବ । କେଭିଆଇସି ମାଟିଦୀପ, ବିଭିନ୍ନ ପ୍ରକାର ଦେବଦେବୀଙ୍କ ପ୍ରତିମା ଏବଂ ଅନ୍ୟାନ୍ୟ ମାଟି ତିଆରି ଉପକରଣ ପାଇଁ ବାରାଣସୀର କୁମ୍ଭକାରଙ୍କୁ ତାଲିମ ପ୍ରଦାନ କରିଛି । ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମରେ ଏହି ତାଲିମ ପ୍ରଦାନ କରାଯାଇଛି ।

କେଭିଆଇସି ପକ୍ଷରୁ ୫୦ କୁମ୍ଭାର ପରିବାରଙ୍କୁ ବିଦ୍ୟୁତ ଚାଳିତ ଚକ ବାରାଣସୀର 4ଟି ଗ୍ରାମରେ ଯୋଗାଇ ଦିଆଯାଇଛି ।

## ମେଡ଼ିକାଲ ସାମଗ୍ରୀ ରପ୍ତାନି

ଭାରତ ଇତିମଧ୍ୟରେ ବିଶ୍ୱର ସର୍ବବୃହତ୍ ପିପିଇ କିଟ୍ ଏବଂ ଭେଣ୍ଟିଲେଟର ଉତ୍ପାଦକର ମାନ୍ୟତା ଲାଭ କରିଛି ।



**24.36%**

**ଏପ୍ରିଲ-ସେପ୍ଟେମ୍ବର 2020 ମଧ୍ୟରେ ଭାରତର ଔଷଧପତ୍ର ଓ ଔଷଧୀୟ ସାମଗ୍ରୀ ରପ୍ତାନି ପରିମାଣ ବଢିଛି।**

- କରୋନା ମହାମାରୀର ମୁକାବିଲା ପାଇଁ ଭାରତ 150ଟି ଦେଶକୁ ହାଇଡ୍ରୋକ୍ସିକ୍ଲୋରୋକୁଇନ ବଟିକା ଯୋଗାଇଛି। ଭାରତର ଔଷଧ ଓ ଡାକ୍ତରୀ ସାମଗ୍ରୀ ରପ୍ତାନି ପରିମାଣ 24.36 ଶତାଂଶ ବଢିଛି ।
- ପୂର୍ବରୁ ପିପିଇ କିଟ୍ ଭାରତରେ ଉତ୍ପାଦିତ ହେଉ ନ ଥିଲା। ଏବେ ଦୈନିକ ଦେଶରେ 5ଲକ୍ଷ ପିପିଇ କିଟ୍ ଉତ୍ପାଦିତ ହେଉଛି ।
- 2020 ଜାନୁଆରୀ ପୂର୍ବରୁ ଦେଶରେ ଭେଣ୍ଟିଲେଟର ଉତ୍ପାଦନ ନଗଣ୍ୟ ଥିଲା । ଏବେ ଭାରତ ଏଥିରେ ଆତ୍ମନିର୍ଭର ହେବା ସହିତ ବିଦେଶକୁ ଏହା ରପ୍ତାନି କରୁଛି ।
- ପୂର୍ବରୁ ଭାରତ ପ୍ରତିବର୍ଷ 10 ଲକ୍ଷ ଲିଟର ଆଲ୍‌କହଲଭିତ୍ତିକ ସାନିଟାଇଜର ଉତ୍ପାଦନ କରୁଥିଲା । ଏବେ ଦେଶରେ ଦୈନିକ ୩୫ ଲକ୍ଷ ଲିଟର ସାନିଟାଇଜର ଉତ୍ପାଦିତ ହେଉଛି ।




**9.2%** ଗତବର୍ଷ ତୁଳନାରେ ଚଳିତବର୍ଷ ରପ୍ତାନୀ ପରିମାଣ ବଢିଛି । ଏହି ସମୟରେ ଆମଦାନୀ ହ୍ରାସ ପାଇଛି ।

- **2020 ସେପ୍ଟେମ୍ବରରେ ଭାରତର ରପ୍ତାନି ପରିମାଣ ଥିଲା 2,02,694.07 କୋଟି ଟଙ୍କା । 2019ର ସେହି ସମୟ ତୁଳନାରେ ଏହା ଥିଲା 9.2 ଶତାଂଶ ଅଧିକ । ଏହି ସମୟ ମଧ୍ୟରେ ଭାରତର ଆମଦାନୀ ପରିମାଣ 19.60 ଶତାଂଶ କମିଛି ।**
- **2019 ସେପ୍ଟେମ୍ବର ତୁଳନାରେ 2020ରେ ଅଣପେଟ୍ରୋଲିୟମ ଓ ଅଣଅଳଙ୍କାର ଏବଂ ଅଣମାଣିକ୍ୟ ସାମଗ୍ରୀ ରପ୍ତାନି ପୂର୍ବବର୍ଷ ତୁଳନାରେ 11.94 ଶତାଂଶ ବୃଦ୍ଧି ପାଇଛି ।**
- **ଅଣତୈଳ ଓ ଅଣସୁନା ଆମଦାନୀ ପରିମାଣ 13.29 ଶତାଂଶ କମିଛି ।**
- **2019 ସେପ୍ଟେମ୍ବର ତୁଳନାରେ ଚଳିତବର୍ଷ ସେପ୍ଟେମ୍ବରରେ ଭାରତ 5ଟି ସାମଗ୍ରୀ ରପ୍ତାନିରେ ଐତିହାସିକ ସଫଳତା ହାସଲ କରିଛି । ସେଗୁଡିକ ହେଲା ଅନ୍ୟାନ୍ୟ ଶସ୍ୟ (ଅଭିବୃଦ୍ଧି 337.22 ଶତାଂଶ) । ଲୁହାପଥର (ଅଭିବୃଦ୍ଧି 109.65 ଶତାଂଶ) । ଧାନ: (ଅଭିବୃଦ୍ଧି 93.86 ଶତାଂଶ) । ଖାଇବା ତେଲ: (ଅଭିବୃଦ୍ଧି 47.52 ଶତାଂଶ) । କାର୍ପେଟ: (ଅଭିବୃଦ୍ଧି 42.89 ଶତାଂଶ) । ସେରାମିକ ଓ କାଚ ସାମଗ୍ରୀ: (ଅଭିବୃଦ୍ଧି 36.17 ଶତାଂଶ) ।**

ଆସନ୍ତା 3ମାସ ମଧ୍ୟରେ ବାରାଣସୀରେ 1500 କୁମ୍ଭାରଙ୍କୁ ଏଭଳି ଚକ ଯୋଗାଇ ଦେବାକୁ କେଭିଆଇସି ଲକ୍ଷ୍ୟ ରଖିଛି । ସମଗ୍ର ଦେଶରେ କେଭିଆଇସି ଏ ଯାବତ୍ 17 ହଜାରରୁ ଅଧିକ ବିଦ୍ୟୁତ ଚାଳିତ କୁମ୍ଭାର ଚକ ଯୋଗାଇ ସାରିଲାଣି । ଏହି ବିଦ୍ୟୁତ ଚାଳିତ ଚକ ସମୟ ଓ ଉର୍ଜା ବଞ୍ଚାଇବା ସହ ଉତ୍ପାଦନ ବୃଦ୍ଧିରେ ସହାୟକ ହୋଇଛି । ପାରମ୍ପରିକ ରୀତିରେ ଯେଉଁ କାମ କୁମ୍ଭାରମାନେ 3 ଦିନରେ କରୁଥିଲେ ବିଦ୍ୟୁତ ଚକ ଦ୍ୱାରା ଏବେ ତାହା 10 ଘଣ୍ଟାରୁ କମ୍ ସମୟରେ ହୋଇପାରୁଛି। ଆଗରୁ ପାରମ୍ପରିକ ଉପାୟରେ ଜଣେ କୁମ୍ଭାର ଦୈନିକ 200 ଘଡି ତିଆରି କରୁଥିଲା । ଏବେ ବିଦ୍ୟୁତ ଚାଳିତ ଚକ ସାହାଯ୍ୟରେ ପ୍ରତିଦିନ 1 ହଜାର ଘଡି ତିଆରି କରିପାରୁଛି ।

ଜଣେ କୁମ୍ଭକାର କିଷନ ପ୍ରଜାପତି କହନ୍ତି ଯେ ବିଦ୍ୟୁତ ଚାଳିତ ଚକ ମିଳିବା ପରେ ଏବେ ସେ ବାରାଣସୀ କ୍ୟାଣ୍ଟନମେଣ୍ଟ ରେଳ ଷ୍ଟେସନରେ ଦୈନିକ ପ୍ରାୟ 3 ହଜାର ଘଡି ବା କୁଲ୍ହାଡ ବିକ୍ରି କରୁଛନ୍ତି । ପୂର୍ବ ତୁଳନାରେ ଏହା ଯଥେଷ୍ଟ ଅଧିକ । ଅନ୍ୟ ଜଣେ କୁମ୍ଭକାର ଅକ୍ଷୟକୁମାର କହନ୍ତି ଯେ ବିଦ୍ୟୁତ ଚାଳିତ ଚକ ବ୍ୟବହାର କରିବା ଫଳରେ ତାଙ୍କ ବ୍ୟବସାୟ ବଢିଛି । ଏବେ ସେ ମିର୍ଜାପୁରର ଚୁନା ମାର୍କେଟରେ ଦୈନିକ ପ୍ରାୟ 4 ହଜାର କୁଲ୍ହାଡ ଓ ମାଟିସରା ବିକି ଆର୍ଥିକ ଦୃଷ୍ଟିରୁ ଆତ୍ମନିର୍ଭରଶୀଳ ହୋଇଛନ୍ତି ।

**ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସଂସଦୀୟ କ୍ଷେତ୍ର ବାରାଣସୀର କୁମ୍ଭକାରମାନେ "କେବଳ ସ୍ୱଦେଶୀ" ଉତ୍ପାଦ ସହିତ ଚଳିତ ପାର୍ବଣ ଋତୁରେ ଦେଶର ନେତୃତ୍ୱ ନେବାକୁ ଆଗେଇ ଆସିଛନ୍ତି।**

### ଆତ୍ମନିର୍ଭର ଭାରତ ଅଭିଯାନ ଆଗକୁ ରାସ୍ତା ଦେଖାଉଛି

ଚଳିତ ବର୍ଷ ମେ 12 ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯେତେବେଳେ ଆତ୍ମନିର୍ଭର ଭାରତ ଅଭିଯାନ ସଂପର୍କରେ ଘୋଷଣା କଲେ ସେତେବେଳେ ସେ ସ୍ପଷ୍ଟ ସନ୍ଦେଶ ଦେଇଥିଲେ ଯେ ଏହାଦ୍ୱାରା ଭାରତ ଆତ୍ମକେନ୍ଦ୍ରିକ ବିଚାରକୁ ଅଗ୍ରାଧିକାର ଦେଉନାହିଁ । ଆତ୍ମନିର୍ଭର ହୋଇ ଭାରତ ଅନ୍ୟମାନଙ୍କୁ ମଧ୍ୟ ସାହାଯ୍ୟ କରିବାକୁ ଉଦ୍ୟମ କରୁଛି। ଭାରତର ଏହି ଆତ୍ମନିର୍ଭରଶୀଳତା ପ୍ରୟାସରେ ବିଶ୍ୱଶାନ୍ତି, ସହଯୋଗ, ଓ ସନ୍ତୋଷ ଅଙ୍ଗୀକୃତ ।

ସେ କହିଥିଲେ 'ଭାରତର ଲକ୍ଷ୍ୟ ଏବଂ କାର୍ଯ୍ୟ ବିଶ୍ୱ କଲ୍ୟାଣ ପାଇଁ ଅଭିପ୍ରେତ । ଭାରତ ଯେତେବେଳେ ବାହ୍ୟ ମଳତ୍ୟାଗମୁକ୍ତ ହେଲା ଏହାର ପ୍ରଭାବ ବିଶ୍ୱର ଭାବମୂର୍ତ୍ତି ଉପରେ ପଡିଲା । ଯକ୍ଷ୍ମା ହେଉ ବା କୁପୋଷଣ ଅଥବା ପୋଲିଓ ଏ ସମସ୍ତ କ୍ଷେତ୍ରରେ ଭାରତର ଅଭିଯାନ ବିଶ୍ୱକୁ ପ୍ରଭାବିତ କରିଛି। ବିଶ୍ୱ ତାପାୟନ ବୃଦ୍ଧି ବିରୋଧରେ ଭାରତର ନେତୃତ୍ୱରେ ଯେଉଁ ଆନ୍ତର୍ଜାତିକ ସୌର ମେଣ୍ଟ ଗଠନ କରାଯାଇଛି ତାହା ସମଗ୍ର ଦୁନିଆ ପାଇଁ ଏକ ଉପହାର। ଆନ୍ତର୍ଜାତିକ ଯୋଗ ଦିବସ ପ୍ରୟାସ ମଧ୍ୟ ବିଶ୍ୱକୁ ଚାପମୁକ୍ତ କରିବା ପାଇଁ ଭାରତର ଏକ ଅବଦାନ । ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଭାରତୀୟ ଔଷଧ ସେଠାକାର ଜନତାଙ୍କୁ ନୂଆ ଜୀବନ ପ୍ରଦାନ କରିଛି । ଏସବୁ ପଦକ୍ଷେପ ଭାରତ ପାଇଁ ଗୌରବ ଆଣିଛି ଏବଂ ଏହା ପ୍ରତ୍ୟେକ ଭାରତୀୟଙ୍କୁ ଗର୍ବିତ କରିଛି । ଭାରତ ବେଶ୍ କିଛି ଭଲ କାମ କରିପାରିବ, ସମଗ୍ର ବିଶ୍ୱ ଏକଥା ବିଶ୍ୱାସ କରିବାକୁ ଆରମ୍ଭ କରିଛି । ସମଗ୍ର ମାନବଜାତିର କଲ୍ୟାଣ ପାଇଁ ଭାରତ ଯଥେଷ୍ଟ କିଛି କରିବାର ସାମର୍ଥ୍ୟ ରଖିଛି ଏବଂ କରୁଛି ମଧ୍ୟ ଏହା ପ୍ରମାଣ କରି ଦେଖାଇଛି । ସେଥିପାଇଁ ଭାରତକୁ ଆତ୍ମନିର୍ଭର କରିବାକୁ ପ୍ରୟାସ ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି ।'

**ଏହି ପ୍ୟାକେଜ କୁଟିରଶିଳ୍ପ, ଗୃହଦ୍ୟୋଗ, କ୍ଷୁଦ୍ରଶିଳ୍ପ ଏବଂ ଏମ୍‌ଏସ୍‌ଏମ୍‌ଇ ପାଇଁ ଉଦ୍ଦିଷ୍ଟ । ଏସବୁ କ୍ଷେତ୍ର କୋଟି କୋଟି ଲୋକଙ୍କ ପାଇଁ ଜୀବିକାର ଉତ୍ସ ପାଲଟିଛି । ଏହି ଉଦ୍ୟୋଗଗୁଡିକର ଦୃଢ ମୂଳଦୁଆ ଉପରେ ଆତ୍ମନିର୍ଭର ଭାରତର ଗଠନ ସମ୍ଭବ ହୋଇପାରିବ ।**

ଆମେ 130 କୋଟି ଜନତା ମିଳିତଭାବେ ଏକ ସଂକଳ୍ପ ନେବାର ଆବଶ୍ୟକତା ରହିଛି ।

ସେ ମଧ୍ୟ ଆତ୍ମନିର୍ଭର ଭାରତର 5ଟି ସ୍ତମ୍ଭ ସଂପର୍କରେ ଉଲ୍ଲେଖ କରିଛନ୍ତି । ଏହି ସ୍ତମ୍ଭ ଉପରେ ଆତ୍ମନିର୍ଭର ଭାରତର ଢାଞ୍ଚା ନିର୍ମିତ ହେବ । ସେଗୁଡିକ ହେଲା ଅର୍ଥନୀତି, ଭିତ୍ତିଭୂମି, ବ୍ୟବସ୍ଥା (ସିଷ୍ଟମ୍), ସମର୍ଥ ଲୋକବଳ ଏବଂ ଚାହିଦା ।

ଆତ୍ମନିର୍ଭର ଭାରତ ଅଭିଯାନ ସହିତ ପ୍ରଧାନମନ୍ତ୍ରୀ ମଧ୍ୟ 20 ଲକ୍ଷ କୋଟି ଟଙ୍କାର ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ ଓ ପୂର୍ଣ୍ଣାଙ୍ଗ କାର୍ଯ୍ୟସୂଚୀ ଘୋଷଣା କରିଥିଲେ । ଏହି ପ୍ୟାକେଜର ଅର୍ଥ ପରିମାଣ ଭାରତର ଜିଡିପିର 10 ଶତାଂଶ । ଏହା କେବଳ ଏକ ମାମୁଲି ପ୍ୟାକେଜ ନୁହେଁ, ବରଂ ଏହା ଆତ୍ମନିର୍ଭର ଭାରତ ଗଠନର ଏକ ନକ୍ସା । ତାହାର ସଂକେତ ଚଳିତ ପାର୍ବଣ ଋତୁରେ ଦେଖିବାକୁ ମିଳୁଛି । ଏହି ପ୍ୟାକେଜ ଫଳରେ କୁଟିରଶିଳ୍ପ, କ୍ଷୁଦ୍ର ଉଦ୍ୟୋଗ ଏବଂ ଏମ୍‌ଏସ୍‌ଏମଇ କ୍ଷେତ୍ରରେ ଆଶ୍ୱସ୍ତି ଆସିଛି। ଏହିସବୁ ଉଦ୍ୟୋଗରେ କୋଟି କୋଟି ଲୋକ ଜୀବିକା ଅର୍ଜନ କରିଥାନ୍ତି। ଏହି ଆର୍ଥିକ ସହାୟତା ଫଳରେ ସଂପୃକ୍ତ ଉଦ୍ୟୋଗଗୁଡିକ ଶକ୍ତିଶାଳୀ ହୋଇ ଆତ୍ମନିର୍ଭର ଭାରତ ସଂକଳ୍ପ ପୂରଣ ପାଇଁ ଦୃଢ ମୂଳଦୁଆ ଯୋଗାଇବେ । ଏହି ପ୍ୟାକେଜ ଦିନରାତି, ଖରାବର୍ଷା ନିର୍ବିଶେଷରେ କାମ କରୁଥିବା ଦେଶର ଶ୍ରମିକ ଓ କୃଷକମାନଙ୍କ ପାଇଁ ଉଦ୍ଦିଷ୍ଟ । ଏହାଦ୍ୱାରା ମଧ୍ୟ ଦେଶର ମଧ୍ୟବିତ୍ତ ଶ୍ରେଣୀ ଉପକୃତ ହୋଇପାରିବେ । ଏହି ବର୍ଗର ଲୋକ ସଚ୍ଚୋଟତାର ସହ ଟିକସ ପ୍ରଦାନ କରି ଦେଶର ବିକାଶ ପ୍ରକ୍ରିୟାରେ ସହାୟକ ହେଉଛନ୍ତି । ଏହି ପ୍ୟାକେଜ ଦ୍ୱାରା ମଧ୍ୟ ଦେଶକୁ ଆର୍ଥିକ ଦୃଷ୍ଟିରୁ ସମୃଦ୍ଧ କରୁଥିବା ଉଦ୍ୟୋଗଜଗତ ଉପକୃତ ହେବ ।

### ଭାରତ ବିଶ୍ୱର ଔଷଧାଳୟ

ଲକ୍‌ଡାଉନ ସମୟରେ ସମଗ୍ର ବିଶ୍ୱ ନିସ୍ତବ୍ଧ ହୋଇଯାଇ ଥିବାବେଳେ ଭାରତ ପ୍ରାୟ 150ଟି ଦେଶକୁ ଔଷଧପତ୍ର ଯୋଗାଇ ଦେଇଥିଲା । ସେତେବେଳେ ଏହା ବିଶ୍ୱର ଔଷଧାଳୟଭାବେ କାର୍ଯ୍ୟ କରିଥିଲା । ମହାମାରୀ ପୂର୍ବରୁ ଭାରତରେ ପ୍ରାୟତଃ ପିପିଇ କିଟ୍ସ ଉତ୍ପାଦିତ ହେଉ ନ ଥିଲା । ଏବେ ଭାରତ ଏହାକୁ ନିୟୁତ ନିୟୁତ ସଂଖ୍ୟାରେ ପ୍ରତିଦିନ କେବଳ ଉତ୍ପାଦନ କରୁନାହିଁ, ନିଜର ଆବଶ୍ୟକତା ପୂରଣ କରି ସାରିବା ପରେ ବଳକା ସାମଗ୍ରୀକୁ ବିଦେଶକୁ ମଧ୍ୟ ପଠାଉଛି । ଗତ ଜୁଲାଇରେ ଭାରତ 23 ଲକ୍ଷ ପିପିଇ କିଟ୍‌ସ ଆମେରିକା, ବ୍ରିଟେନ, ସଂଯୁକ୍ତ ଆରବ ଏମିରେଟସ୍, ସେନେଗାଲ ଏବଂ ସ୍ଲୋଭେନିଆକୁ ରପ୍ତାନୀ କରିଥିଲା । ଭାରତ ଏହି ମହାମାରୀ ସମୟରେ ପିପିଇ କିଟସ୍ ରପ୍ତାନୀରେ ବିଶ୍ୱର ପ୍ରମୁଖ ବଜାର ପାଲଟିଛି ।

**ଟେଲିକମ୍**

**ଭାରତ ଏବେ ବିଶ୍ୱରେ ଦ୍ୱିତୀୟ ସର୍ବବୃହତ୍ ମୋବାଇଲ ଫୋନ ଉତ୍ପାଦନକାରୀ**

**33 କୋଟି** | ମୋବାଇଲ ଫୋନ 2019 ବର୍ଷରେ ଉତ୍ପାଦିତ ହୋଇଥିଲା

- ଭାରତ ଏବେ ବିଶ୍ୱରେ 2ୟ ସର୍ବବୃହତ୍ ମୋବାଇଲ ଫୋନ ଉତ୍ପାଦନକାରୀ ରାଷ୍ଟ୍ର । 2019ରେ ଭାରତରେ 33 କୋଟି ମୋବାଇଲ ଫୋନ ଉତ୍ପାଦିତ ହୋଇଥିଲା । 2014ରେ ଭାରତ ମାତ୍ର 6 କୋଟି ମୋବାଇଲ ଉତ୍ପାଦନ କରିବାରେ ସଫଳ ପାଇଥିଲା ।
- ଏବେ ଭାରତରେ 300 ମୋବାଇଲ ଫୋନ ତିଆରି ୟୁନିଟ ରହିଛି । 2014ରେ ଏହି ସଂଖ୍ୟା ଥିଲା ମାତ୍ର 2 ।
- ପେଗାଟ୍ରନ, ଲାଭା, ଡିକ୍ସନ ଏବଂ ସାମସଙ୍ଗ ଆଦି କଂପାନୀ ଆସନ୍ତା 5 ବର୍ଷ ମଧ୍ୟରେ ଭାରତରେ 11.5 ଲକ୍ଷ କୋଟି ଟଙ୍କା ନିବେଶ କରିବେ । ଏହାଦ୍ୱାରା ଦେଶରେ 12 ଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି ହେବ ।

କରୋନା ବିରୋଧୀ ସଂଗ୍ରାମରେ ଭାରତର ଉଦ୍ୟମକୁ ବିଶ୍ୱବ୍ୟାପୀ ସ୍ୱୀକୃତି ମିଳିଛି । ବ୍ରାଜିଲର ରାଷ୍ଟ୍ରପତି ଜୟେର ବଲସୋନାର ଭାରତରୁ ମେଲେରିଆ ବିରୋଧୀ ଔଷଧ ହାଇଡ୍ରୋକ୍ସି କ୍ଲୋରୋକୁଇନ ଚାହିଁଥିଲେ ଏବଂ ଭାରତ ଏହାକୁ ମଧ୍ୟ ଉପଯୁକ୍ତ ସମୟରେ ପହଞ୍ଚାଇଥିଲା । ଏଥିରେ ଆନନ୍ଦିତ ହୋଇ ସେ କହିଥିଲେ ଯେ ହନୁମାନ ଲକ୍ଷ୍ମଣଙ୍କ ଜୀବନ ବଞ୍ଚାଇବା ପାଇଁ ସଞ୍ଜିବନୀ ଆଣିବା ଭଳି ଭାରତ ବ୍ରାଜିଲବାସୀଙ୍କୁ ବିପଦରୁ ରକ୍ଷା କରିବା ପାଇଁ ଔଷଧ ପଠାଇବାରେ ସହାୟକ ହୋଇଛି । ଭାରତରୁ ଔଷଧପତ୍ର ପାଇବା ପରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମହାନ୍ ବୋଲି ସମ୍ବୋଧନ କରିଥିଲେ । ଆମେରିକାରେ କୋଭିଡ୍ ଚିକିତ୍ସା ପାଇଁ ହାଇଡ୍ରୋକ୍ସି କ୍ଲୋରୋକୁଇନର ଜରୁରୀ ଆବଶ୍ୟକତା ଥିଲା। ଆମେରିକାର ଅନୁରୋଧରେ ଭାରତ ତାହା ପଠାଇଥିଲା। ସୂଚନାଯୋଗ୍ୟ ଯେ ଭାରତ ନିଜର ଘରୋଇ ଆବଶ୍ୟକତା ମେଣ୍ଟାଇବା ପାଇଁ କରୋନା ମହାମାରୀ ସମୟରେ ହାଇଡ୍ରୋକ୍ସି

# ପ୍ରତିରକ୍ଷା କ୍ଷେତ୍ର



## ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀ କ୍ଷେତ୍ରରେ ଭାରତ ବିଶ୍ୱର ଶ୍ରେଷ୍ଠ 25 ରାଷ୍ଟ୍ରଙ୍କ ମଧ୍ୟରେ

- **ଷ୍ଟକହୋମ ଆନ୍ତର୍ଜାତିକ ଶାନ୍ତି ଗବେଷଣା ପ୍ରତିଷ୍ଠାନର ରିପୋର୍ଟ ଅନୁସାରେ ଭାରତ ଏବେ ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀ କ୍ଷେତ୍ରରେ ବିଶ୍ୱର ଶୀର୍ଷ 25 ଦେଶଙ୍କ ମଧ୍ୟରେ ରହିଛି । ଭାରତ ବୁଲେଟପ୍ରୁଫ୍ ଜ୍ୟାକେଟ୍ସ 100ରୁ ଅଧିକ ଦେଶକୁ ରପ୍ତାନି କରୁଛି ।**
- **2014-15ରେ ଭାରତର ପ୍ରତିରକ୍ଷା ସାମଗ୍ରୀ ରପ୍ତାନି ପରିମାଣ 994 କୋଟି ଟଙ୍କା ଥିଲା। 2018-19ରେ ଏହା 4682 କୋଟିରେ ପହଞ୍ଚିଥିବାବେଳେ 2019-20 ଆର୍ଥିକ ବର୍ଷରେ ଏହା 10745 କୋଟି ଟଙ୍କାରେ ପହଞ୍ଚିଛି ।**
- **ଭାରତ ଅସ୍ତ୍ରଶସ୍ତ୍ର ଓ ଅନ୍ୟାନ୍ୟ ପ୍ରତିରକ୍ଷା ସାମଗ୍ରୀ ଆମଦାନୀକାରୀ ରାଷ୍ଟ୍ରଭାବେ ସାଧାରଣତଃ ବିବେଚିତ । ଏହା ସତ୍ତ୍ୱେ ଗତ 5 ବର୍ଷ ମଧ୍ୟରେ ଏହାର ସାମରିକ ଉପକରଣ ଓ ଅସ୍ତ୍ରଶସ୍ତ୍ର ଆମଦାନୀ 32 ଶତାଂଶ ହ୍ରାସ ପାଇଛି ।**

କ୍ଲୋରୋକୁଇନ ଟାବଲେଟର ରପ୍ତାନିକୁ ନିଷିଦ୍ଧ କରିଥିଲା । ପରେ ଏହାକୁ ଭାରତ ପ୍ରତ୍ୟାହାର କରି ନେଇଥିଲା ।

### ବିଦେଶୀ ପୁଞ୍ଜି ନିବେଶରେ ନବସୃଜନ

2019ରେ ଭାରତ 51 ବିଲିୟନ ଡଲାର ବୈଦେଶିକ ପୁଞ୍ଜି ନିବେଶ ଆକାରରେ ପାଇଥିଲା । ଏହି କ୍ଷେତ୍ରରେ ଭାରତର ସ୍ଥାନ ଥିଲା ବିଶ୍ୱରେ ନବମ । ବୈଶ୍ୱିକ ନବସୃଜନ ତାଲିକା ସୂଚକାଙ୍କ ବା ଗ୍ଲୋବାଲ ଇନୋଭେସନ ଇଣ୍ଡେକ୍ସରେ ଭାରତ ଗତ 5 ବର୍ଷ ମଧ୍ୟରେ ତାହାର ସ୍ଥାନ ୫୨ରୁ ୪୮କୁ ଉନ୍ନୀତ କରିଛି । ଏହାଛଡା ଭାରତ ମଧ୍ୟ ବିଶ୍ୱବ୍ୟାଙ୍କର ଇଜ୍ ଅଫ୍ ଡୁଇଂ ବିଜିନେସ ରାଙ୍କିଂରେ 142 ସ୍ଥାନରୁ ଉଠି 63ରେ ପହଞ୍ଚିଛି । 5 ବର୍ଷ ମଧ୍ୟରେ ଭାରତ ଏହି ସଫଳତା ପାଇଛି। ଏସବୁ କ୍ଷେତ୍ରର ଉନ୍ନତିର ଫଳାଫଳ ଯେ କେହି ଦେଖିପାରିବେ। ଜାନୁୟାରୀ 2019ରୁ ଜୁଲାଇ 2020 ଭିତରେ ଭାରତ ସଂସ୍ଥାଗତ ନିବେଶକଙ୍କଠାରୁ 70 ବିଲିୟନ ଡଲାର ନିବେଶ ଆକାରରେ ପାଇଛି । ଏ କ୍ଷେତ୍ରରେ ଭାରତ ଯେତେ ପୁଞ୍ଜି ପାଇଛି ତାହା 2013ରୁ 2017 ମଧ୍ୟରେ ପାଇଥିବା ପୁଞ୍ଜି ସହ ସମାନ ।

ବିଶ୍ୱସ୍ତରର ନିବେଶକଙ୍କ ମଧ୍ୟରେ ଭାରତ ବିଶ୍ୱାସ ଜନ୍ମାଇବାରେ ସମର୍ଥ ହୋଇଛି । ଭାରତକୁ ଯେଉଁ ପରିମାଣର ଏଫ୍‌ଡିଆଇ ଆସୁଛି ସେଥିରୁ ତାହାର ପ୍ରମାଣ ମିଳୁଛି । 2019ରେ ଭାରତରେ ଏଫ୍‌ଡିଆଇ ପରିମାଣ 20 ଶତାଂଶ ବୃଦ୍ଧି ପାଇଥିଲା । ଆନ୍ତର୍ଜାତିକ ଏଫ୍‌ଡିଆଇ ପ୍ରବାହ 1 ଶତାଂଶ ହ୍ରାସ ପାଇଥିବାବେଳେ ଭାରତକୁ ଏହା ଅଧିକ ଆସିବା ଉଲ୍ଲେଖଯୋଗ୍ୟ । ନିବେଶ ମାନଦଣ୍ଡ ପୂରଣ କରିବାରେ ଭାରତ ବିଶ୍ୱର ଏକମାତ୍ର ଦେଶ କହିଲେ ଅତ୍ୟୁକ୍ତି ହେବନାହିଁ। ଏହି ମାନଦଣ୍ଡଗୁଡିକ ମଧ୍ୟରେ ରାଜନୈତିକ ସ୍ଥିରତା, ନିବେଶ ଓ ବ୍ୟବସାୟ ଅନୁକୂଳ ନୀତି, ଶାସନରେ ସ୍ୱଚ୍ଛତା, ଦକ୍ଷ ଲୋକଶକ୍ତିର ଉପଲବ୍ଧତା ଏବଂ ଏକ ବୃହତ୍ତର ବଜାର ଭାରତରେ ରହିଛି । ଏହା ନିବେଶକଙ୍କ ମଧ୍ୟରେ ଭରସା ସୃଷ୍ଟି କରିବା ସହ ସେମାନଙ୍କୁ ପୁଞ୍ଜି ନିବେଶ ପାଇଁ ଆକର୍ଷିତ କରୁଛି । ସଂସ୍ଥାଗତ ନିବେଶକ, ଉତ୍ପାଦକ, ଇନୋଭେସନ ଇକୋ ସିଷ୍ଟମର ସମର୍ଥକ, ଇନ୍‌ଫ୍ରାଷ୍ଟ୍ରକଚର କଂପାନୀ ଏବଂ ସମ୍ବଳବାନ ବ୍ୟକ୍ତିବିଶେଷ ଭାରତରେ ପୁଞ୍ଜିନିବେଶ ପାଇଁ ବିଶେଷ ଆଗ୍ରହ ପ୍ରକାଶ କରୁଛନ୍ତି ।

**2012 ମାର୍ଚ୍ଚରେ ଟାଇମ୍ ମାଗାଜିନର ପ୍ରଚ୍ଛଦ ପୃଷ୍ଠାରେ ଲେଖାଯାଇଥିଲା 'ମୋଦୀ ମିନ୍ସ ବିଜନେସ୍ ।' ପ୍ରଧାନମନ୍ତ୍ରୀ ହେବା ପରେ ମୋଦୀ ବିଶ୍ୱକୁ ଏକ ନୂଆ ଦିଗ୍‌ଦର୍ଶନ ଦେଇଛନ୍ତି ।**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବାବେଳୁ ଆନ୍ତର୍ଜାତିକ ମଞ୍ଚରେ ନିଜର ଉପସ୍ଥିତି ଜାହିର କରିବାରେ ସଫଳ ହୋଇଛନ୍ତି । ସେପ୍ଟେମ୍ବର 2011ରେ ଆମେରିକା କଂଗ୍ରେସର ରିସର୍ଚ୍ଚ ସର୍ଭିସ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ମୋଦୀ ଶାସିତ ଗୁଜରାଟକୁ ସୁଶାସନ, ଆକର୍ଷଣୀୟ ବିକାଶ ଏବଂ ନିବେଶର ଏକ ଶ୍ରେଷ୍ଠ ଉଦାହରଣଭାବେ ଉଲ୍ଲେଖ କରାଯାଇଥିଲା । ଏଥିରେ ଆହୁରି କୁହାଯାଇଥିଲା ଯେ ଗୁଜରାଟ ଜାତୀୟ ଆର୍ଥିକ ଅଭିବୃଦ୍ଧିର ଏକ ପ୍ରମୁଖ ଚାଳକ ସାଜିଛି । ଏହି ରିପୋର୍ଟରେ ମୋଦୀଙ୍କୁ ସୁଶାସନର ରାଜା ବୋଲି ବର୍ଣ୍ଣନା କରାଯାଇଥିଲା । ମାର୍ଚ୍ଚ 2012ରେ ଟାଇମ ମାଗାଜିନ ତାର ପ୍ରଚ୍ଛଦ ପୃଷ୍ଠାରେ ମୋଦୀ ମିନ୍ସ ବିଜନେସ୍ ବୋଲି ଉଲ୍ଲେଖ କରିଥିଲା । ମୋଦୀ ପ୍ରଧାନମନ୍ତ୍ରୀ ହେବା ପରେ ସମଗ୍ର ବିଶ୍ୱକୁ ଏକ ନୂଆ ରାସ୍ତା ଦେଖାଇଛନ୍ତି। ପ୍ରଧାନମନ୍ତ୍ରୀ ଅକ୍ଟୋବର ୫ ତାରିଖ 2020 କାନାଡାରେ ଅନୁଷ୍ଠିତ ଇନ୍‌ଭେଷ୍ଟ ଇଣ୍ଡିଆ ସମ୍ମିଳନୀରେ ତାଙ୍କ ଭାଷଣରେ କହିଥିଲେ ଭାରତରେ ସମସ୍ତଙ୍କ ପାଇଁ ସୁବିଧା ସୁଯୋଗ ରହିଛି। ସଂସ୍ଥାଗତ ନିବେଶକ, ମ୍ୟାନୁଫକ୍‌ଚରର, ଇନୋଭେସନ ଇକୋ ସିଷ୍ଟମର ସମର୍ଥକ ଏବଂ ଇନ୍‌ଫ୍ରାଷ୍ଟକଚର କଂପାନୀ ସମସ୍ତେ ବିନା ଦ୍ୱିଧାରେ ଭାରତରେ ପୁଞ୍ଜି ଖଟାଇପାରିବେ ଏବଂ ବ୍ୟବସାୟ କରିପାରିବେ।

# ବିକାଶରେ ଜନଭାଗିଦାରୀ

ଭାରତରେ ଏବେ ପାର୍ବଣ ଋତୁ ଆରମ୍ଭ ହୋଇଯାଇଛି । ବିଭିନ୍ନ ପ୍ରକାର ପୂଜାପାର୍ବଣ ପାଳନ ପାଇଁ ସମଗ୍ର ପରିବାର ଏକାଠି ହୋଇଛନ୍ତି । ଏହି ଉତ୍ସବକୁ ପାଳନ କରିବା ପାଇଁ ଆମମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ପାଖରେ ଯଥେଷ୍ଟ ସମ୍ବଳ ଅଛି । ତେବେ ଅନେକ ଲୋକ ଅଛନ୍ତି ଯେଉଁମାନଙ୍କ ପାଖରେ ଉତ୍ସବ ପାଳନ ପାଇଁ ପଇସା ନାହିଁ । ଗୋଟିଏ ପଟେ ଅନେକ ଘରେ ଲୁଗାପଟା, ମିଠା ଓ ଅନ୍ୟାନ୍ୟ ସାମଗ୍ରୀ ଆବଶ୍ୟକତାଠାରୁ ଅଧିକ ଥିବାବେଳେ ଆଉ କିଛି ଘରେ ସାଧାରଣ ସର୍ବନିମ୍ନ ଆବଶ୍ୟକତା ପୂରଣ ପାଇଁ ଧନ ନାହିଁ । ଉତ୍ସବ ସେତେବେଳେ ସଫଳ ହୁଏ, ସବୁ ଲୋକ ଯେତେବେଳେ ଏହାର ମଜା ଉଠାନ୍ତି ଓ ସମସ୍ତଙ୍କ ପାଖରେ ଖର୍ଚ୍ଚବାଟ କରିବାକୁ କିଛି ସମ୍ବଳ ଥାଏ ।

ଯେଉଁମାନଙ୍କ ପାଖରେ ଧନ ନାହିଁ ବା ଯେଉଁମାନେ ଅଭାବୀ ଆମେ ସେମାନଙ୍କୁ ଏହି ଉତ୍ସବ କାଳରେ କିଛି ଅର୍ଥ ସହାୟତା ଦେବା ଉଚିତ। ଆମ ଆବଶ୍ୟକତାଠାରୁ ଅଧିକ ଥିବା ଖାଦ୍ୟ, ଲୁଗାପଟା, ଉପହାର ଓ ଅନ୍ୟାନ୍ୟ ସାମଗ୍ରୀକୁ ସେହିମାନଙ୍କ ମଧ୍ୟରେ ବାଣ୍ଟିବା ଉଚିତ ଯେଉଁମାନେ ଏହା ବିଶେଷ ଲୋଡ଼ନ୍ତି । ସେମାନଙ୍କ ପାଖରେ ଏସବୁ ସାମଗ୍ରୀ ପହଞ୍ଚିଲେ ବା ସେମାନଙ୍କ ହାତରେ ଅର୍ଥ ପଡିଲେ ଏହି ବର୍ଗର ଲୋକମାନେ ଆନନ୍ଦର ସହିତ ଉତ୍ସବ ପାଳନ କରିପାରିବେ । ଗରିବ ଓ ଅଭାବୀ ଲୋକଙ୍କୁ ଏହି ପାର୍ବଣ ସମୟରେ ସାହାଯ୍ୟ ସହଯୋଗ କରି ଆନନ୍ଦର ସହ ଉତ୍ସବ ପାଳନ କରିବାର ସୁଯୋଗ ଦେବା ଆବଶ୍ୟକ । ଏହାଦ୍ୱାରା ଆମ ଖୁସି ଦ୍ୱିଗୁଣିତ ହୋଇପାରିବ । 2019 ସେପ୍ଟେମ୍ବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ମନ୍ କୀ ବାତ କାର୍ଯ୍ୟକ୍ରମରେ ଲୋକମାନଙ୍କୁ ପାର୍ବଣ ସମୟରେ ଏହି ବାର୍ତ୍ତା ଦେଇଥିଲେ ଏବଂ ଆନନ୍ଦ ବାଣ୍ଟିବା ପାଇଁ ଅନୁରୋଧ କରିଥିଲେ । ସେ କହିଥିଲେ ଯେ ନିଜ ଘରକୁ କିଛି ଉପହାର କିମ୍ବା ସାମଗ୍ରୀ ଆସୁ ଲୋକେ ସେ ବିଚାର ଛାଡି ନିଜ ଘରୁ କିଛି ଯାଇ ଅନ୍ୟ ଘରେ ପହଞ୍ଚୁ ଏହା ଚିନ୍ତା କରିବା ଲାଗି ପରାମର୍ଶ ଦେଇଥିଲେ । ବିଶେଷକରି ଅଭାବୀ ଓ ଗରିବ ଲୋକଙ୍କୁ ପାର୍ବଣ ସମୟରେ ସାହାଯ୍ୟ ସହଯୋଗ କରି ସେମାନଙ୍କ ଖୁସିରେ ଖୁସି ହେବାକୁ କହିଥିଲେ । ପ୍ରଧାନମନ୍ତ୍ରୀ ଆହୁରି କହିଥିଲେ ଯେ ଆମ ଘରକୁ ଯେତେବେଳେ ମିଠେଇ, ଲୁଗାପଟା, ଉପହାର ଓ ଅନ୍ୟାନ୍ୟ ସାମଗ୍ରୀର ପୁଡିଆ ପୂଜାବେଳେ ଆସି ପହଞ୍ଚୁଛି ସେତେବେଳେ ଆମେ କିଛିକ୍ଷଣ ଚିନ୍ତା କରିବା କଥା ଯେ ଆମ ପାଖରେ ବଳକା ଥିବା ଏଭଳି କଛି ସାମଗ୍ରୀ ଆମେ କୌଣସି ଦରିଦ୍ର କିମ୍ବା ଅଭାବୀ ଘରେ ପହଞ୍ଚାଇଲେ କିପରି ହୁଅନ୍ତା ?



ସେମାନେ ଏହାର ସୁଯୋଗ ନେବାକୁ ସେ ସମସ୍ତଙ୍କୁ ନିମନ୍ତ୍ରଣ ଜଣାଇଥିଲେ। ପ୍ରଧାନମମନ୍ତ୍ରୀ କହିଥିଲେ ଯେ ବାହାରର ନିବେଶକ ଓ ଉତ୍ପାଦକମାନେ ଭାରତୀୟ ଘରୋଇ ଓ ସରକାରୀ ଉଦ୍ୟୋଗ ସହ ଅଂଶୀଦାର ହୋଇ କାର୍ଯ୍ୟ କରିବାର ସୁଯୋଗ ରହିଛି । ଏହା ଉଭୟ ରୋଜଗାର ଏବଂ ଶିକ୍ଷଣର ସୁଯୋଗ ଦେଉଛି । ଆବଶ୍ୟକ ପଡିଲେ ନେତୃତ୍ୱ ନେଇ ଆଗକୁ ବଢିବାର ଏବଂ ଅଭିବୃଦ୍ଧି ହାସଲର ସୁବିଧା ରହିଛି। ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ଅତ୍ୟନ୍ତ ସ୍ପଷ୍ଟ ଥିଲା । ଭାରତର କାହାଣୀ ଆଜି ଦୃଢ ରହିଛି ଏବଂ ଆସନ୍ତାକାଲି ଦୃଢତର ହେବ ।

## ପ୍ରଧାନମନ୍ତ୍ରୀଙ୍କ ନିବେଦନ, ଅନ୍ୟକୁ ଭାଗିଦାରୀ କର

### ଏଲ୍‌ପିଜି ସବ୍‌ସିଡି ଛାଡ଼ ଅଭିଯାନ

2015ରେ ପ୍ରଧାନମନ୍ତ୍ରୀ ରନ୍ଧନ ଗ୍ୟାସ ବ୍ୟବହାରକାରୀଙ୍କୁ ସବ୍‌ସିଡି ପରିହାର କରିବା ପାଇ ପ୍ରବର୍ତ୍ତାଇଥିଲେ । ଯେଉଁମାନଙ୍କର ସାମର୍ଥ୍ୟ ଅଛି ସେମାନେ ସ୍ୱେଚ୍ଛାରେ ସବ୍‌ସିଡିରେ ପାଉଥିବା ରନ୍ଧନ ଗ୍ୟାସ ପରିହାର କରିବାକୁ ସେ ନିବେଦନ କରିଥିଲେ। ଗୋଟିଏ ବର୍ଷ ମଧ୍ୟରେ 1 କୋଟିରୁ ଅଧିକ ଉପଭୋକ୍ତା ପ୍ରଧାନମନ୍ତ୍ରୀଙ୍କ କଥାରେ ପ୍ରଭାବିତ ହୋଇ ନିଜର ଗ୍ୟାସ ସବ୍‌ସିଡି ପରିହାର କରିଥିଲେ ।

### ବରିଷ୍ଠ ନାଗରିକ ରିହାତି ପରିହାର ଅଭିଯାନ

2016ରେ ଭାରତୀୟ ରେଳବାଇ ବରିଷ୍ଠ ନାଗରିକମାନଙ୍କୁ ଯୋଗାଇ ଦେଉଥିବା ଟିକେଟ ରିହାତି ସୁବିଧା ପରିହାର ପାଇଁ ପ୍ରସ୍ତାବ ଦେଇଥିଲା। ସଂପୃକ୍ତ ବରିଷ୍ଠ ନାଗରିକମାନେ ପାଉଥିବା ସଂପୂର୍ଣ୍ଣ ରିହାତି କିମ୍ବା ଅର୍ଦ୍ଧରିହାତି ସୁବିଧାକୁ ପରିହାର କରିବା ପାଇଁ ସେମାନଙ୍କୁ ଅନୁରୋଧ କରାଯାଇଥିଲା । ଏହି ପ୍ରସ୍ତାବ ଘୋଷଣା ହେବାର ଦୁଇବର୍ଷ ପରେ 2018 ମାର୍ଚ୍ଚ 31ରେ ଦେଖାଗଲା ଯେ 40 ଲକ୍ଷ ବରିଷ୍ଠ ନାଗରିକ ସ୍ୱେଚ୍ଛାକୃତଭାବେ ସେମାନଙ୍କ ରିହାତି ଟିକେଟ ସୁବିଧା ପରିହାର କରିଛନ୍ତି । ଏହା ଫଳରେ ରେଳବାଇ 77 କୋଟି ଟଙ୍କା ବଞ୍ଚାଇବାରେ ସକ୍ଷମ ହୋଇଥିଲା । ଏଯାବତ ଦେଶରେ 63 ଲକ୍ଷ ବରିଷ୍ଠ ନାଗରିକ ଏହି ଟିକଟ ସବ୍‌ସିଡିକୁ ସ୍ୱେଚ୍ଛାକୃତଭାବେ ପରିହାର କରିଛନ୍ତି ।

### ପ୍ରତିମାସ 9 ତାରିଖରେ ଡାକ୍ତରଙ୍କ ଦ୍ୱାରା ମାଗଣା ଆଣ୍ଟିନାଟାଲ କେୟାର ବ୍ୟବସ୍ଥା

2016ରେ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ ଆରମ୍ଭ ହୋଇଥିଲା । ଗର୍ଭବତୀ ମହିଳାମାନଙ୍କୁ ପ୍ରତିମାସ 9 ତାରିଖରେ ମାଗଣା ସ୍ୱେଚ୍ଛାକୃତ ଉଚ୍ଚମାନର ଆଣ୍ଟିନାଟାଲ ଚିକିତ୍ସା ଓ ସେବା ଯୋଗାଇ ଦେବାଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା । ଏଥିରେ ବହୁସଂଖ୍ୟାରେ ଡାକ୍ତର ସ୍ୱେଚ୍ଛାକୃତଭାବେ ସାମିଲ ହୋଇଥିଲେ । 2018 ମଧ୍ୟରେ 4800 ଘରୋଇ ଉଦ୍ୟୋଗର ଚିକିତ୍ସକ ଏହି ସେବା ଯୋଗାଇବା ପାଇ ଶପଥ ନେଇଥିଲେ । ଏହି ବ୍ୟବସ୍ଥାରେ ପ୍ରାୟ 1 କୋଟି ଗର୍ଭବତୀ ମହିଳା ମାଗଣାରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇବାରେ ସୁବିଧା ପାଇଛନ୍ତି ।

### ଟିକସଦାତାଙ୍କ ସଂଖ୍ୟାରେ ରେକର୍ଡ ବୃଦ୍ଧି

2018-19ରେ ଆୟକରଦାତାଙ୍କ ସଂଖ୍ୟାରେ ଗତ 5 ବର୍ଷ ମଧ୍ୟରେ ରେକର୍ଡ ବୃଦ୍ଧି ଘଟିଥିଲା । ସେତେବେଳେ 14 ଶତାଂଶ ବା 8.45 କୋଟି ଲୋକ ଟିକସ ଦେଉଥିଲେ । 2017-18ରେ ଦେଶରେ ମୋଟ ଟିକସଦାତାଙ୍କ ସଂଖ୍ୟା ଥିଲା 7.42 କୋଟି ।

# କୋଭିଡ୍ 19ର ମୁକାବିଲା ପାଇଁ 3ଟି ନିୟମ

## ସାନିଟାଇଜେସନ, ମାସ୍କ ଓ ନିରାପଦ ଦୂରତ୍ୱ ରକ୍ଷା

### ଟିକା ବିକଶିତ ହେବା ପର୍ଯ୍ୟନ୍ତ କୋଭିଡ୍‌ଠାରୁ ରକ୍ଷା ପାଇବା ପାଇଁ ଏହି 3ଟି ନିୟମ ପାଳନ କରିବାକୁ ପଡିବ

କରୋନା ମହାମାରୀ ବିରୋଧରେ ସରକାର ପୁଣି ଥରେ ନିର୍ଣ୍ଣାୟକ ଲଢ଼େଇ ଆରମ୍ଭ କରିଛନ୍ତି । ପାର୍ବଣ ଋତୁ ଆସୁଥିବାରୁ ଜନଗହଳି ଦ୍ୱାରା କରୋନା ଭୂତାଣୁ ବ୍ୟାପିବାର ଆଶଂକା ଅଧିକ ରହିଛି । ଏଣୁ ଏଥିରୁ ରକ୍ଷା ପାଇବା ପାଇଁ ସରକାର ତତ୍ପର ହୋଇଉଠିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବ୍ୟକ୍ତିଗତଭାବେ ଏହି ଲଢ଼େଇ ପାଇଁ ପ୍ରସ୍ତୁତ ହେବାକୁ ଜନସାଧାରଣଙ୍କୁ ଆହ୍ୱାନ ଜଣାଇଛନ୍ତି । ଯେ ପର୍ଯ୍ୟନ୍ତ ଟିକା ନ ବାହାରିଛି ସେ ଯାଏଁ ମାସ୍କ ପିନ୍ଧିବା, ସାନିଟାଇଜେସନ ନିୟମ ପାଳନ କରିବା ଏବଂ ପରସ୍ପରଠାରୁ ଦୂରତ୍ୱ ରକ୍ଷା କରିବା ଭଳି 3ଟି ପ୍ରମୁଖ ନିରାପତ୍ତା ପାଳନ କରିବାକୁ ସେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି । ଏଥିସହିତ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା କୋଭିଡ୍ ବିରୋଧୀ ସୁରକ୍ଷା ଓ ସଚେତନତା ଅଭିଯାନର ଶୁଭାରମ୍ଭ ହୋଇଛି ।

#### ଜନସଚେତନତା ଆନ୍ଦୋଳନ

ଅକ୍ଟୋବର 7ରେ କେନ୍ଦ୍ର ମନ୍ତ୍ରିମଣ୍ଡଳ ବୈଠକରେ ପ୍ରଧାନମନ୍ତ୍ରୀ ଦେଶରେ କରୋନା ମହାମାରୀର ସ୍ଥିତି ସମୀକ୍ଷା କରିଥିଲେ । ଏବେ ବ୍ୟାଧିର ସ୍ଥିତି ଯାହା ସେଥିନେଇ ଛାନିଆ ହେବାର କୌଣସି ଆବଶ୍ୟକତା ନାହିଁ ; ତଥାପି ଶୀତଦିନ ଓ ପାର୍ବଣ ଋତୁ ଆସୁଥିବାରୁ ଲୋକଙ୍କୁ ଅଧିକ ସଚେତନ ରହିବାକୁ ପଡିବ । ଏହି ସମୟରେ କରୋନା ସଂକ୍ରମଣ ଅଧିକ ରହିଥିବାରୁ ଜନସଚେତନତା ସୃଷ୍ଟି ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ ଏବଂ ଏହାକୁ ଏକ ଆନ୍ଦୋଳନରେ ପରିଣତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସଚେତନତା ଅଭିଯାନକୁ ସଫଳ କରିବା ପାଇଁ ସରକାର ଏବେ ସର୍ବସାଧାରଣ ଦେଖିପାରୁଥିବା ସ୍ଥାନରେ ପୋଷ୍ଟର, ବ୍ୟାନର ଆଦି ଲଗାଉଛନ୍ତି । ଭାରତରେ ଏବେ ସର୍ବାଧିକ ଆରୋଗ୍ୟ ହାର ଓ ସର୍ବନିମ୍ନ ମୃତ୍ୟୁହାର ଦୃଷ୍ଟିରୁ କରୋନା ସତର୍କତା ନିୟମ ପାଳନ ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଛି ।

### ଯେ ପର୍ଯ୍ୟନ୍ତ ଔଷଧ ନାହିଁ, ସେ ପର୍ଯ୍ୟନ୍ତ ଢିଲା ନାହିଁ

**ଆରୋଗ୍ୟ ହାର 87.5 ଶତାଂଶରେ ପହଞ୍ଚିଲା, ବିଶ୍ୱରେ ସର୍ବାଧିକ**




- **ଅକ୍ଟୋବର 15 ପର୍ଯ୍ୟନ୍ତ 63 ଲକ୍ଷରୁ ଅଧିକ କରୋନା ରୋଗୀ ଆରୋଗ୍ୟ ଲାଭ କରିଛନ୍ତି । ସମଗ୍ର ବିଶ୍ୱରେ ଏହା ସର୍ବାଧିକ ।**
- **ଭାରତରେ ମୋଟ 91,226,305 ଲୋକଙ୍କର କରୋନା ପରୀକ୍ଷା କରାଯାଇଛି । ସେଥିମଧ୍ୟରୁ ଅକ୍ଟୋବର 14ରେ 1,136,183 ଟେଷ୍ଟ ସଂପନ୍ନ ହୋଇଛି ।**
- **ଭାରତରେ ଏଯାଏଁ ପ୍ରାଣ ହରାଇଥିବା କରୋନା ସଂକ୍ରମିତଙ୍କ ମଧ୍ୟରୁ 70 ଶତାଂଶ ପୁରୁଷ ।**
- **ପ୍ରାଣ ହରାଇଥିବା ଲୋକଙ୍କ ମଧ୍ୟରେ 53 ଶତାଂଶଙ୍କ ବୟସ 60 ବର୍ଷରୁ ଅଧିକ ।**

### କରୋନାର ଆୟୁର୍ବେଦ ଚିକିତ୍ସା

ଭାରତୀୟ ପାରମ୍ପରିକ ଚିକିତ୍ସା ପଦ୍ଧତି ଆୟୁର୍ବେଦ କରୋନା ମହାମାରୀ ସମୟରେ ବେଶ୍ ଲୋକଙ୍କ କାମରେ ଲାଗୁଛି । ଏଥିପାଇଁ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଚିକିତ୍ସାବିଧି ଘୋଷଣା କରାଯାଇଛି ।

କରୋନାର ମୁକାବିଲା ପାଇଁ ଉଷୁମ ପାଣି ଏବଂ ହଳଦୀ ମିଶ୍ରିତ ଦୁଗ୍ଧ ପିଇବାକୁ ପରାମର୍ଶ ଦିଆଯାଇଛି । ପ୍ରତିଦିନ 30 ମିନିଟ ଯୋଗ ଏବଂ ପ୍ରାଣାୟାମ ସହିତ ଖାଦ୍ୟରେ ହଳଦୀ, ଧଣିଆ, ଜିରା ଓ ଅନ୍ୟାନ୍ୟ ମସଲା ବ୍ୟବହାର କରିବାକୁ କୁହାଯାଇଛି । ସଦ୍ୟ ରୋଷେଇ ହୋଇଥିବା ଗରମ ଖାଦ୍ୟ ଖାଇବା ସହ ସକାଳେ ଏକ ଚାମଚ ଚ୍ୟବନପ୍ରାଶ ଖାଇବାକୁ ପରାମର୍ଶ ଦିଆଯାଇଛି । ଏହାଛଡା ଦିନକୁ ଦୁଇଥର କାଢା ପିଇବା, ନଡିଆ କିମ୍ବା ଖସାତେଲ ନାକପୁଡା ଭିତରେ ପକାଇବା, ପିପରମେଣ୍ଟ ଓ ଆଜୱାନି ମଞ୍ଜି ଗରମ ପାଣିରେ ପକାଇ ତାହାର ବାମ୍ଫ ନେବାକୁ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

# ସୈନିକଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଦୀପାବଳି ପାଳନ

2014ରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କ୍ଷମତାକୁ ଆସିବା ପରେ ସେ ପ୍ରତିବର୍ଷ ସୈନିକମାନଙ୍କ ମନୋବଳ ବୃଦ୍ଧି କରିବାକୁ ସେମାନଙ୍କ ସହ ଦୀପାବଳି ପାଳନ କରିଆସୁଛନ୍ତି । 2014ରେ ଏହା ଆରମ୍ଭ ହୋଇଥିଲା। ସେଥର ସେ ଅଘୋଷିତଭାବେ ସିଆଚୀନର ବେସ୍‌କ୍ୟାମ୍ପରେ ପହଞ୍ଚି ଯବାନମାନଙ୍କ ସହ ଦୀପାବଳି ପାଳନ କରିଥିଲେ । ଏହି ଅବସରରେ ସେ ସେନାର ଅଧିକାରୀ ଓ ଯବାମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, ମୁଁ ଆପଣମାନଙ୍କର ଜଣେ ନିଜର ଲୋକ ହିସାବରେ ଏଠାରେ ଆସି ପହଞ୍ଚିଛି... ଆପଣମାନେ ସମସ୍ତେ ନିଜର ପରିବାରଠାରୁ ଦୂରରେ ରହି ଦେଶବାସୀଙ୍କୁ ନିରାପଦରେ ଦୀପାବଳି ପାଳନ ପାଇଁ ସୁରକ୍ଷା ଯୋଗାଉଛନ୍ତି । ଏହି ବରଫ ଆଚ୍ଛାଦିତ ପାର୍ବତ୍ୟାଞ୍ଚଳର ପ୍ରତିକୂଳ ପରିବେଶକୁ ଖାତିର ନ କରି ଆପଣମାନେ ଦେଶର ସୁରକ୍ଷାରେ କର୍ମରତ। ଦେଶବାସୀଙ୍କ ପାଇଁ ଆପଣମାନେ ମହାନ୍ ତ୍ୟାଗ ସ୍ୱୀକାର କରୁଛନ୍ତି । ଗଣତାନ୍ତ୍ରିକ ବ୍ୟବସ୍ଥାରେ ନିର୍ବାଚିତ ସରକାରର ମୁଖ୍ୟଭାବେ କ୍ରମାଗତ 20 ବର୍ଷ ପୂରଣ କରିଥିବା ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଦେଶର ଜନତାଙ୍କୁ ନିଜର ପରିବାର ସଦସ୍ୟଭାବେ ପରିଗଣିତ କରନ୍ତି ।

## ଅକ୍ଟୋବର 23, 2014

ପ୍ରଧାନମନ୍ତ୍ରୀ 12 ହଜାର ଫୁଟ ଉଚ୍ଚତାରେ ଥିବା ସିଆଚୀନ ବେସ୍‌କ୍ୟାମ୍ପରେ ପହଞ୍ଚିଥିଲେ ।





## ନଭେମ୍ବର 11, 2015

ଡୋଗରାଇସ୍ଥିତ ଯୁଦ୍ଧ ସ୍ମାରକୀଠାରେ 1965 ଯୁଦ୍ଧର ଶହୀଦମାନଙ୍କ ଉଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛନ୍ତି ।



## ଅକ୍ଟୋବର 30, 2016

ହିମାଚଳ ପ୍ରଦେଶର ଏକ ଗୁରୁତ୍ୱପୂର୍ଣ୍ଣ ସାମରିକ ସ୍ଥଳୀରେ ଦୀପାବଳି ପାଳନ କରିଥିଲେ । ଏହି ସ୍ଥାନଟି ଚୀନ ସୀମାର ନିକଟବର୍ତ୍ତୀ । ଏହି ଅବସରରେ ପ୍ରଧାନମନ୍ତ୍ରୀ ସୁମ୍‌ଢୋଠାରେ ଆଇଟିବିପି, ଡୋଗରା ସ୍କାଉଟ ଏବଂ ସେନାର ଯବାନ ଓ ଅଧିକାରୀମାନଙ୍କ ସହ କଥାବାର୍ତ୍ତା କରିଥିଲେ । ସୁମ୍‌ଢୋ ସେନାଘାଟି ସିମଳାଠାରୁ 330 କିମି ଦୂରରେ ଲାହୋଲ-ସ୍ପିତି ଜିଲାର ସୀମାନ୍ତବର୍ତ୍ତୀ କିନୌରଠାରେ ଅବସ୍ଥିତ ।



## ଅକ୍ଟୋବର 19, 2017

ପ୍ରଧାନମନ୍ତ୍ରୀ ଦୀପାବଳି ପାଳନ ପାଇଁ କୌଣସି ପୂର୍ବ ଘୋଷଣା ବିନା ଜମ୍ମୁ କଶ୍ମୀରର ନିୟନ୍ତ୍ରଣ ରେଖା ନିକଟ ଗୁରେଜ ଉପତ୍ୟକାରେ ପହଞ୍ଚିଥିଲେ । ସେଠାରେ ସେ ଯବାନମାନଙ୍କ ସହ ସମୟ କାଟିଥିଲେ ।



## ନଭେମ୍ବର 7, 2018

କେଦାରନାଥ ଦର୍ଶନ କରିବା ପରେ ମୋଦୀ ସେନାର ଯବାନ ଏବଂ ଆଇଟିବିପି ଯବାନମାନଙ୍କ ସହ ଉତ୍ତରାଖଣ୍ଡର ହର୍ଷିଲ ଘାଟିରେ ଦୀପାବଳି ପାଳନ କରିଥିଲେ ।



## ଅକ୍ଟୋବର 27, 2019

ଜମ୍ମୁ କଶ୍ମୀରର ରାଜୌରି ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖା ନିକଟରେ ଯବାନଙ୍କ ସହ ପ୍ରଧାନମନ୍ତ୍ରୀ ।







# ପରୋପକାରୀ ପ୍ରଧାନମନ୍ତ୍ରୀ

ସରକାରଙ୍କ ନିର୍ବାଚିତ ମୁଖ୍ୟ ହିସାବରେ ପ୍ରଧାନମନ୍ତ୍ରୀଙ୍କ ଗୋଟିଏ ଉଦ୍ଦେଶ୍ୟ, ସବ୍ କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ । ତେବେ ତାଙ୍କର ପରୋପକାରୀ କାର୍ଯ୍ୟ ତାଙ୍କୁ ଏକ ଭିନ୍ନ ଆସନରେ ସ୍ଥାନିତ କରିଛି । ନିଜର ବ୍ୟକ୍ତିଗତ ସଂଚୟ ଏବଂ ସେ ପାଇଥିବା ବିଭିନ୍ନ ଉପହାର ଆଦିକୁ ନିଲାମ କରି ମୋଟ 103 କୋଟି ଟଙ୍କା ଏ ପର୍ଯ୍ୟନ୍ତ ସେ ଦାନ ଆକାରରେ ଯୋଗାଇଛନ୍ତି । ସେ ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବାବେଳେ ସରକାରୀ କର୍ମଚାରୀମାନଙ୍କ କନ୍ୟା ସନ୍ତାନଙ୍କ ଶିକ୍ଷା ପାଇଁ 21 ଲକ୍ଷ ଟଙ୍କା ନିଜର ବ୍ୟକ୍ତିଗତ ସଂଚୟରୁ ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀଭାବେ ସେ ପାଇଥିବା ବିଭିନ୍ନ ଉପହାରକୁ ନିଲାମ କରି ସଂଗ୍ରହ କରିଥିବା 89 କୋଟି 96 ଲକ୍ଷ ଟଙ୍କାକୁ କନ୍ୟା କେଳଓଣି ପାଣ୍ଠିକୁ ଦାନ କରିଥିଲେ । ଏହି ପାଣ୍ଠି ଝିଅ ପିଲାଙ୍କ ଶିକ୍ଷା ପାଇଁ ବିନିଯୋଗ ହେଉଛି ।

2018ରେ ପ୍ରଧାନମନ୍ତ୍ରୀ ସିଓଲ ଶାନ୍ତି ପୁରସ୍କାର ବାବଦରେ ଯେଉଁ 1.3 କୋଟି ଟଙ୍କା ପାଇଥିଲେ ସେ ସମସ୍ତ ଅର୍ଥକୁ ନମାମି ଗଙ୍ଗେ ପ୍ରକଳ୍ପ ପାଇଁ ଦାନ କରିଛନ୍ତି । 2019ରେ ସେ କୁମ୍ଭମେଳା ପାଇଁ ପ୍ରୟାଗରାଜ ଯାଇଥିବାବେଳେ ସେଠାକାର ସଫେଇ କର୍ମଚାରୀଙ୍କ କଲ୍ୟାଣ ପାଇଁ ନିଜ ବ୍ୟକ୍ତିଗତ ଜମାରୁ 21 ଲକ୍ଷ ଟଙ୍କା ଦାନ ଆକାରରେ ଦେଇ ଏକ କର୍ପସ ପାଣ୍ଠି ଗଠନ କରିଥିଲେ । ପ୍ରଧାନମନ୍ତ୍ରୀ 2015 ପର୍ଯ୍ୟନ୍ତ ପାଇଥିବା ବିଭିନ୍ନ ଉପହାରର ନିଲାମ କାର୍ଯ୍ୟ ସୁରତରେ କରିଥିଲେ ଏବଂ ଏଥିରୁ ତାଙ୍କୁ 8.35 କୋଟି ଟଙ୍କା ମିଳିଥିଲା । ଏ ବାବଦ ସମସ୍ତ ଅର୍ଥ ସେ ନମାମି ଗଙ୍ଗେ ପ୍ରକଳ୍ପ ପାଇଁ ଦାନ କରିଥିଲେ । 2019ରେ ମଧ୍ୟ ସେ ପାଇଥିବା ବିଭିନ୍ନ ଉପହାରର ଦ୍ୱିତୀୟ ନିଲାମ କରାଯାଇଥିଲା ଏବଂ ଏଥିରୁ ମୋଟ 3.4 କୋଟି ଟଙ୍କା ସଂଗୃହୀତ ହୋଇଥିଲା । ସେହି ଅର୍ଥକୁ ପ୍ରଧାନମନ୍ତ୍ରୀ ମଧ୍ୟ ନମାମି ଗଙ୍ଗେ ପ୍ରକଳ୍ପ ପାଇଁ ଦାନ କରିଥିଲେ ।



# ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କ୍ଷେତ୍ରରେ ଏକ ବିଶ୍ୱ ପେଣ୍ଠସ୍ଥଳରେ ପରିଣତ ହେବା ଲାଗି ଭାରତର ପ୍ରୟାସ

**ଭାରତ ହେଉଛି ବିଶ୍ୱର ତୃତୀୟ ବୃହତ୍ତମ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍, ଏଲିଟ ସାଇନ୍ସ ଏବଂ ଆଇଆଇଟି ଭଳି ପ୍ରଯୁକ୍ତିଶିକ୍ଷାନୁଷ୍ଠାନର ପେଣ୍ଠସ୍ଥଳୀ । ଏହାର ବିଶାଳ ଏବଂ ଦେଶବ୍ୟାପୀ ରହିଥିବା ଡିଜିଟାଲ ଭିତ୍ତିଭୂମି ତଥା ପ୍ରତିବର୍ଷ ନୂତନ ଭାବେ ଶିକ୍ଷାଲାଭ କରୁଥିବା ଲକ୍ଷ ଲକ୍ଷ ନୂତନ ବିଷୟର ସ୍ନାତକମାନଙ୍କୁ ନେଇ ଭାରତ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କ୍ଷେତ୍ରରେ ବିଶ୍ୱର ଏକ ପ୍ରମୁଖ ପ୍ରୟୋଗଶାଳାରେ ପରିଣତ ହେବା ନିମନ୍ତେ ବେଶ୍ ଅନୁକୂଳ ସ୍ଥିତିରେ ରହିଛି । ଶିଳ୍ପ ବିଶ୍ଳେଷଣକାରୀମାନଙ୍କ ଆକଳନ ଅନୁସାରେ 2035 ମସିହା ସୁଦ୍ଧା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଦେଶର ଅର୍ଥନୀତିକୁ ପ୍ରାୟ 7 ଲକ୍ଷ କୋଟି ଟଙ୍କାର ଫାଇଦା ପହଞ୍ଚାଇବ ।**

> "ସମୟର ଆହ୍ୱାନ ହେଲା ବିଜ୍ଞାନ ପ୍ରତି ଯୁବବର୍ଗଙ୍କ ମନରେ ଥିବା ଆଗ୍ରହକୁ ଆହୁରି ବଢ଼ାଇବା। ସେଥି ପାଇଁ ଆମକୁ ଇତିହାସର ବିଜ୍ଞାନ ଏବଂ ବିଜ୍ଞାନର ଇତିହାସରେ ପାରଙ୍ଗମ ହେବାକୁ ପଡ଼ିବ।" ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ବୈଭବ ଶିଖର ସମ୍ମିଳନୀ ଉଦ୍ଘାଟନ କରିବା ଅବସରରେ ମତ ପୋଷଣ କରିଛନ୍ତି ।

ଇତିହାସର ପ୍ରତିଟି ପଦକ୍ଷେପରେ, ଭାରତ ଜ୍ଞାନ ତଥା ଅଧ୍ୟୟନରେ ବିଶ୍ୱରେ ଅଗ୍ରଣୀ ଭୂମିକା ଗ୍ରହଣ କରିଆସିଛି । ଆଜିର ଆଇଟି ଯୁଗରେ ସୁଦ୍ଧା ଭାରତର ଏହି କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ରହିଆସିଛି। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ 2020 ମସିହା ଅକ୍ଟୋବର 5 ତାରିଖ ଦିନ 'ରେଜ୍- 2020- 'ସାମାଜିକ ସଶକ୍ତିକରଣ ନିମନ୍ତେ ଦାୟିତ୍ୱସମ୍ପନ୍ନ ଏଆଇ 2020' ଉଦ୍ଘାଟନ କରିଛନ୍ତି। ଏହି ଅବସରରେ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, "କୃତ୍ରିମ ପ୍ରଜ୍ଞା କ୍ଷେତ୍ରରେ ଭାରତ ବିଶ୍ୱର ଏକ ପେଣ୍ଠସ୍ଥଳୀ ପାଲଟୁ ବୋଲି ଆମେ ସଭିଏଁ ଆଶା କରୁ । ଏହି କ୍ଷେତ୍ରରେ ଏବେସୁଦ୍ଧା ଅନେକ ଭାରତୀୟ କାର୍ଯ୍ୟ କରୁଛନ୍ତି । ମୋର ଆଶା ଯେ ଆଗାମୀ ଦିନରେ ମଧ୍ୟ ଏହି କ୍ଷେତ୍ରକୁ ଆହୁରି ଅନେକ ଭାରତୀୟ ଆସନ୍ତୁ । ଏଥିପାଇଁ ଆମର ଆଭିମୁଖ୍ୟ ପଛରେ ଗୋଷ୍ଠୀବଦ୍ଧ ଭାବେ କାର୍ଯ୍ୟ କରିବା, ଆସ୍ଥା, ସହଯୋଗ, ଦାୟିତ୍ୱବୋଧ ଏବଂ ସମାବେଶୀ ମନୋଭାବ ଭଳି ମୂଳ ଆଧାରଯୁକ୍ତ ନୀତି କାର୍ଯ୍ୟ କରୁଛି ।"

ସେ ଗୁରୁତ୍ୱ ଆରୋପ କରି ଆହୁରି କହିଥିଲେ ଯେ "ଆମକୁ ଏକଥା ସୁନିଶ୍ଚିତ କରିବାକୁ ହେବ ଯେ ମଣିଷର ପ୍ରଜ୍ଞା ସଦାବେଳେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସଠାରୁ କେଇ ପାହୁଣ୍ଡ ଆଗକୁ ହେବା ଉଚିତ। ଆମେ ଯେତେବେଳେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କଥା ଆଲୋଚନା କରୁଛେ, ଆମମାନଙ୍କ ମନରେ ସନ୍ଦେହ ରହିବା ଅନୁଚିତ ଯେ ମାନବୀୟ ସୃଜନ ଏବଂ ମାନବୀୟ ଆବେଗ ଯଥାରୀତି ଆମର ସବୁଠାରୁ ବଡ଼ ସାମର୍ଥ୍ୟ ହୋଇ ରହିବ । ଏହା ହେଉଛି ମେସିନ୍ ତୁଳନାରେ ଆମର ସବୁଠାରୁ ବଡ଼ ଏବଂ ବିଶେଷ ସାମର୍ଥ୍ୟ। ଏପରିକି ସବୁଠାରୁ ପ୍ରଖର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ସୁଦ୍ଧା ଆମର ଜ୍ଞାନର ସହାୟତା ବିନା ମାନବ ସମାଜର ସକଳ ସମସ୍ୟାର ସମାଧାନ

# ବୈଭବ : ବିଜ୍ଞାନ ଓ ନବୋନ୍ମେଷର ଉତ୍ସବ

**ବୈଭବ ସମ୍ମିଳନୀରେ 55ଟି ଦେଶର 3000 ହଜାରରୁ ଅଧିକ ଭାରତୀୟ ବଂଶୋଦ୍ଭବ ଶିକ୍ଷାବିତ୍ ଏବଂ ବୈଜ୍ଞାନିକ ଯୋଗ ଦେଇଥିବାର ଆମେ ଦେଖିଲୁ ଏବଂ ଆମ ଦେଶର ପ୍ରାୟ 10,000ରୁ ଅଧିକ ଶିକ୍ଷାବିତ୍ ଓ ବୈଜ୍ଞାନିକ ଏଥିରେ ଅଂଶଗ୍ରହଣ କରିଥିଲେ । 40ଟି ରାଷ୍ଟ୍ରର 700ରୁ ଅଧିକ ପାନେଲିଷ୍ଟ ମଧ୍ୟ ଏଥିରେ ସାମିଲ ହୋଇଥିଲେ ଓ 629 ଜଣ ଆବାସିକ ପାନେଲିଷ୍ଟ ଏଥିରେ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରେ ଅନେକ ବିଶିଷ୍ଟ ଭାରତୀୟ ଶିକ୍ଷାବିତ୍ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗର ଅନେକ ବିଶେଷଜ୍ଞ ଥିଲେ । ସେମାନେ ମୋଟ 213ଟି ଅଧିବେଶନରେ 18ଟି ବିଭିନ୍ନ ବିଷୟ ଓ 80ଟି ଉପ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ ।**

ବିଜ୍ଞାନ ସଦାବେଳେ ମାନବ ସମାଜ ପ୍ରଗତିର ମୂଳ ଆଧାର ଭାବେ କାର୍ଯ୍ୟ କରିଆସିଛି । ଏହି ମାନବୀୟ ଲୌକିକ ଯାତ୍ରାକୁ ଏପର୍ଯ୍ୟନ୍ତ ଅନେକ ପରସ୍ପର ସହ ଜଡ଼ିତ କାଳଖଣ୍ଡରେ ବିଭାଜିତ କରାଯାଇଛି । ଯଥା ପ୍ରସ୍ତର ଯୁଗ, କାଂସ୍ୟ ଯୁଗ, ଲୌହ ଯୁଗ, ଶିଳ୍ପାୟନର ଯୁଗ, ମହାକାଶ ଯୁଗ ଏବଂ ଡିଜିଟାଲ ଯୁଗ । ଏହିସବୁ ପ୍ରତ୍ୟେକଟି ଯୁଗକୁ ସେହି ସମୟରେ ହୋଇଥିବା ପ୍ରଯୁକ୍ତିଗତ ପ୍ରଗତିକୁ ନେଇ ନାମିତ କରାଯାଇଛି । ସେହିସବୁ ପ୍ରଗତି ମାନବ ଜୀବନ ଶୈଳୀକୁ ବିବର୍ତ୍ତିତ କରିବାରେ ସହାୟକ ହୋଇଛି । ଏହା ମଧ୍ୟ ମଣିଷ ମନରେ ବୈଜ୍ଞାନିକ ଉତ୍କଣ୍ଠାକୁ ପ୍ରଖରିତ କରିଛି । ଏହା ଉପରେ କାର୍ଯ୍ୟ କରି, ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି ଯାହା ବୈଜ୍ଞାନିକ ସ୍ୱଭାବକୁ ବିକଶିତ କରିବା ତଥା ଗବେଷଣା ଓ ଅଭିନବତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ ପର୍ଯ୍ୟାପ୍ତ ଖୋରାକ ଯୋଗାଇଛି । ଏଭଳି ଅଭିନବତ୍ୱ ଯୋଗୁ ଅନେକ ପ୍ରତିଷେଧକ ଟୀକା ଉଦ୍ଭାବନ କରାଯାଇଛି ଯାହା ମାନବ ସମାଜର ବିପୁଳ ସଂଖ୍ୟକ ଲୋକଙ୍କ ଜୀବନ ରକ୍ଷାରେ ସହାୟକ ହେବା ସହ ସେମାନଙ୍କ ସ୍ୱାସ୍ଥ୍ୟକୁ ସୁରକ୍ଷିତ କରିପାରିଛି। ସେହିଭଳି ସରକାର ଏବେ ସୁପରକମ୍ପ୍ୟୁଟିଂ ଏବଂ ସାଇବର - ଫିଜିକାଲ ସିଷ୍ଟମ କ୍ଷେତ୍ରରେ ମଧ୍ୟ ବ୍ୟାପକ ଅଭିଯାନ ଚଳାଇଛନ୍ତି। ସେସବୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ରୋବୋଟିକ୍ସ, ସେନସର୍ସ ;ଏବଂ ବିଗ୍ ଡାଟା ଆନାଲିଟିକ୍ସ ଆଦି କ୍ଷେତ୍ରରେ ମୌଳିକ ଗବେଷଣା ଏବଂ ସେସବୁର ପ୍ରୟୋଗକୁ ପରିବ୍ୟାପ୍ତ କରିଛି । ଏହା ଭାରତୀୟ ଉତ୍ପାଦନ ଶିଳ୍ପକୁ ପର୍ଯ୍ୟାପ୍ତ ମାତ୍ରାରେ ସହାୟକ ହୋଇପାରିବ । ଏହା କେବଳ ଦେଶରେ କୁଶଳୀ ଯୁବ ମାନବ ସମ୍ବଳ ସୃଷ୍ଟି କରିବନାହିଁ ଅପରନ୍ତୁ ଷ୍ଟାର୍ଟ ଅପ୍ ସେକ୍ଟରର ସମୃଦ୍ଧି ଲାଗି ମଧ୍ୟ ଉପକାରସିଦ୍ଧ ହେବ । ଏବେସୁଦ୍ଧା ଦେଶରେ ଏଭଳି 25ଟି ଅଭିନବ ପ୍ରଯୁକ୍ତି ହବର ଶୁଭାରମ୍ଭ କରାଯାଇସାରିଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଅକ୍ଟୋବର 2, 2020 ତାରିଖ ଦିନ "ବୈଶ୍ୱିକ ଭାରତୀୟ ବୈଜ୍ଞାନିକ" (ବୈଭବ) ସମ୍ମିଳନୀ 2020କୁ ଉଦ୍ଘାଟନ କରିବା ଅବସରରେ ଭାରତ ତଥା ବିଶ୍ୱର ବିଜ୍ଞାନ ଓ ଅଭିନବତ୍ୱକୁ ଉତ୍ସବ ଭଳି ପାଳନ କରିବା ସକାଶେ ଆହ୍ୱାନ ଜଣାଇଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ " "ଏହା ହେଉଛି ମହାନ ମସ୍ତିଷ୍କର ବାସ୍ତବ ସଂଗମସ୍ଥଳ" । ଭାରତର ପ୍ରାୟ 200ଟି ଶୈକ୍ଷିକ ଅନୁଷ୍ଠାନ ଏବଂ ବିଜ୍ଞାନ ତଥା ପ୍ରଯୁକ୍ତି ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି "ବୈଭବ" ସମ୍ମିଳନୀର ସରକାରଙ୍କ ପ୍ରମୁଖ ବୈଜ୍ଞାନିକ ପରାମର୍ଶଦାତା କେ ବିଜୟରାଘବନ୍ ନେତୃତ୍ୱ ନେଇଥିଲେ। ବୈଶ୍ୱିକ ଭାରତୀୟ ବୈଜ୍ଞାନିକମାନଙ୍କ ବିଶେଷ ଜ୍ଞାନ ଓ ଅନୁଭବକୁ ଉପଯୋଗ କରି ଏକ ବ୍ୟାପକ ରୋଡ଼ ମ୍ୟାପ୍ ପ୍ରସ୍ତୁତ କରାଯାଇ ପାରିବ ଯଦ୍ୱାରା ବୈଶ୍ୱିକ ବିକାଶ କ୍ଷେତ୍ରରେ ଯେଉଁସବୁ ଚାଲେଞ୍ଜମାନ ଦେଖା ଦେଉଛି ସେସବୁର ସଫଳ ମୁକାବିଲା

*ବିଭିନ୍ନ ଦେଶରୁ - ଯୁକ୍ତରାଷ୍ଟ୍ର ଆମେରିକା, ଜାପାନ, ଅଷ୍ଟ୍ରେଲିଆ, ବ୍ରିଟେନ୍, ଫ୍ରାନ୍ସ, ସିଙ୍ଗାପୁର, କୋରିଆ ଗଣତନ୍ତ୍ର, ବ୍ରାଜିଲ ଏବଂ ସୁଇଜରଲାଣ୍ଡରୁ ଆସିଥିବା ପାନେଲିଷ୍ଟମାନେ ବିଭିନ୍ନ ପ୍ରସଙ୍ଗ ଉପରେ କାର୍ଯ୍ୟ କରୁଛନ୍ତି । ସେଥି ମଧ୍ୟରେ କମ୍ପ୍ୟୁଟିଂ ଏବଂ ଯୋଗାଯୋଗ, ସୋନୋକେମିଷ୍ଟ୍ରୀ, ହାଇ ଏନର୍ଜି ଫିଜିକ୍ସ, ମାନୁଫାକ୍ଚରିଂ ପ୍ରଯୁକ୍ତି, ମ୍ୟାନେଜମେଣ୍ଟ, ଭୂ ବିଜ୍ଞାନ, ଜଳବାୟୁ ପରିବର୍ତ୍ତନ, ମାଇକ୍ରୋବାୟୋଲୋଜି, ଆଇଟି ସିକ୍ୟୁରିଟି, ନାନୋମ୍ୟାଟେରିଆଲ୍ସ, ସ୍ମାର୍ଟ ଭିଲେଜ୍ ଏବଂ ଗାଣିତିକ ବିଜ୍ଞାନ ରହିଛି । ଉଦଘାଟନୀ ଅଧିବେଶନ କାଳରେ ସେମାନେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଭାବ ବିନିମୟ କରିଥିଲେ ।*

କରାଯାଇପାରିବ । ଏହି ସମ୍ମିଳନୀ ଅବସରରେ ଭାରତ ତଥା ବିଦେଶର ଶିକ୍ଷାବିତ୍ ଓ ବୈଜ୍ଞାନିକମାନଙ୍କ ମଧ୍ୟରେ କିଭଳି ସହଯୋଗ ଓ ସମନ୍ୱୟର ଏକ ବ୍ୟବସ୍ଥା ସୃଷ୍ଟି କରାଯାଇପାରିବ ତାହା ଉପରେ ବିସ୍ତୃତ ବିଚାର ବିମର୍ଶ କରାଯାଇଥିଲା । ବୈଶ୍ୱିକ ଆଉଟରିଚ୍ ମାଧ୍ୟମରେ ଦେଶରେ କିଭଳି ଜ୍ଞାନ ଓ ଅଭିନବତ୍ୱର ଏକ ବାତାବରଣ ସୃଷ୍ଟି କରାଯାଇପାରିବ ତାହା ଥିଲା ଏହି ସମ୍ମିଳନୀର ଅନ୍ୟତମ ଉଦ୍ଦେଶ୍ୟ ।

କରିପାରିବ ନାହିଁ ।"

'ରେଜ୍ 2020' ପ୍ରଥମ ଥର ପାଇଁ ଅନୁଷ୍ଠିତ ହୋଇଥିବା ଏକ ବୈଶ୍ୱିକ ସମ୍ମିଳନୀ ଯେଉଁଥିରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ସମ୍ମିଳନୀର ଉଦ୍ଦେଶ୍ୟ ହେଉଛି ଦାୟିତ୍ୱସମ୍ପନ୍ନ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ମାଧ୍ୟମରେ ସାମାଜିକ ପରିବର୍ତ୍ତନ, ସମାବେଶୀ ତଥା ସଶକ୍ତିକରଣ ନିମନ୍ତେ ଭାରତ ପାଇଁ ଏକ ଆଭିମୁଖ୍ୟ ତଥା ରୋଡ଼ ମ୍ୟାପ୍ ପ୍ରସ୍ତୁତ କରିବା । ଭାରତ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ଏବଂ ନୀତି ଆୟୋଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମ୍ମିଳନୀରେ ସମଗ୍ର ବିଶ୍ୱର ଶିଳ୍ପ ନେତବୃନ୍ଦ, ବିଶିଷ୍ଟ ମତଦର୍ଶ ପ୍ରଦାନକାରୀ, ସରକାରୀ



## ପ୍ରଧାନମନ୍ତ୍ରୀଙ୍କ 'ବୈଭବ' ଭାଷଣର ମୁଖ୍ୟାଂଶ

- ମହାତ୍ମା ଗାନ୍ଧୀଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଆମେମାନେ ଏଠାରେ ମିଳିତ ହୋଇଛୁ । ଗାନ୍ଧୀଜୀ ଯାହା କହିଥିଲେ ସେ ସଂପର୍କରେ ମୋର କିଛି ସ୍ମରଣ ଆସୁଛି । ସେ ଚାହୁଁଥିଲେ ଯେ ବୈଜ୍ଞାନିକ ପ୍ରଗତିର ସୁଫଳ ଭାରତର ଗ୍ରାମାଞ୍ଚଳରେ ପହଞ୍ଚିବା ଆବଶ୍ୟକ, ଯେଉଁଠାରେ ଦେଶର ଅଧିକାଂଶ ଜନତା ବସବାସ କରନ୍ତି ।
- ପ୍ରବାସୀ ଭାରତୀୟ ଅନେକ କ୍ଷେତ୍ରରେ ସଫଳତା ହାସଲ କରିଛନ୍ତି । ସେଥି ମଧ୍ୟରୁ ଅଧ୍ୟାପନା ହେଲା ଗୋଟିଏ ଉଜ୍ଜ୍ୱଳ ଉଦାହରଣ । 'ବୈଭବ' ମାଧ୍ୟମରେ, ଆମେ ଆପଣମାନଙ୍କୁ ଏକ ବିରାଟ ସୁଯୋଗ ପ୍ରଦାନ କରୁଛୁ ଯାହା ମାଧ୍ୟମରେ ଆପଣମାନେ ଦେଶ ସହ ସଂଯୁକ୍ତ ହୋଇପାରିବେ ଏବଂ ଦେଶ ବିକାଶ ପାଇଁ ନିଜର ଅବଦାନ ପ୍ରଦାନ କରିପାରିବେ ।
- ବାଇନାରୀ କୋଡ୍ – 1 ଏବଂ 0 ହେଲା କମ୍ପ୍ୟୁଟିଂର ମୂଳ ଆଧାର। ଯେତେବେଳେ ଜଣେ ଶୂନ (0) କଥା କହେ, ସେତେବେଳେ ସେ ଭାରତକୁ ଛାଡ଼ି ଏକଥା କିଭଳି କହିପାରିବେ? ଶୂନର ଗଣିତ ଶାସ୍ତ୍ର, ବାଣିଜ୍ୟ ବିକାଶରେ ଯଥେଷ୍ଟ ଅବଦାନ ରହିଛି ଏବଂ ଏହା ସମସ୍ତଙ୍କ ପାଇଁ ଉପଲବ୍ଧ ।
- ଆମର ଜାଜ୍ୱଲ୍ୟମୟ ମହାନ ଅତୀତ ଦ୍ୱାରା ଉଦବୁଦ୍ଧ ହୋଇ ଏବଂ ଆମର ବର୍ତ୍ତମାନର ସଫଳତା ଦ୍ୱାରା ସଶକ୍ତ ହୋଇ ଆମେ ଆଗାମୀ ଦିନ ନିମନ୍ତେ ବିରାଟ ଆଶା ବାନ୍ଧିଛୁ । ଆମର ଆଗାମୀ ପିଢ଼ି ନିମନ୍ତେ ଆମେ ଏକ ନିରାପଦ ତଥା ସମୃଦ୍ଧ ଭବିଷ୍ୟତ ନିର୍ମାଣ ନିମନ୍ତେ ଲକ୍ଷ୍ୟ ରଖିଛୁ ।
- ପ୍ରାୟ ତିନି ଦଶନ୍ଧି ପରେ ଭାରତ ଏକ ନୂଆ ଶିକ୍ଷା ନୀତି ପାଇଛି। ଏଥିରେ ଗବେଷଣା ଓ ଅଭିନବତ୍ୱକୁ ପ୍ରୋତ୍ସାହିତ କରିବା ସକାଶେ ପର୍ଯ୍ୟାପ୍ତ ସୁଯୋଗ ଓ ବ୍ୟବସ୍ଥା ରହିଛି ।
- ଆମର କୃଷି ବିଜ୍ଞାନୀମାନେ କଠିନ ଶ୍ରମ ସ୍ୱୀକାର କରି ଆମର ଡାଲିଜାତୀୟ ଶସ୍ୟ ଉତ୍ପାଦନ ବୃଦ୍ଧି ଘଟାଇଛନ୍ତି । ଆଜି ଆମେ ଖୁବ୍ କମ୍ ପରିମାଣର ଡାଲିଜାତୀୟ ଶସ୍ୟ ବିଦେଶରୁ ଆମଦାନୀ କରୁଛୁ। ଆମର ଖାଦ୍ୟଶସ୍ୟ ଉତ୍ପାଦନ ସର୍ବକାଳୀନ ରେକର୍ଡ଼ ଛୁଇଁଛି ।

## 'ରେଜ୍'ରେ ପ୍ରଧାନମନ୍ତ୍ରୀ ପ୍ରଦାନ କରିଥିବା ଭାଷଣର ମୁଖ୍ୟାଂଶ

- ଆମ ନିକଟରେ ବିଶ୍ୱର ସର୍ବ ବୃହତ୍ ଚିହ୍ନଟ ବ୍ୟବସ୍ଥା – 'ଆଧାର' ରହିଛି । ଆମ ନିକଟରେ ମଧ୍ୟ ବିଶ୍ୱର ସବୁଠାରୁ ଅଭିନବ ଭାବେ ବିବେଚିତ ପେମେଣ୍ଟ ବ୍ୟବସ୍ଥା – ୟୁପିଆଇ ଉପଲବ୍ଧ। ଏହା ଆମମାନଙ୍କୁ ଡିଜିଟାଲ ସେବା ଯେଉଁଥିରେ ଆର୍ଥିକ ସେବା ଯଥା ଗରିବ ଓ ଅବହେଳିତ ଲୋକମାନଙ୍କ ପାଇଁ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତରଣ ବ୍ୟବସ୍ଥା ସାମିଲ ତାହା ମାଧ୍ୟମରେ ସେମାନେ ଢ଼େର୍ ମାତ୍ରାରେ ଉପକୃତ ହୋଇ ପାରୁଛନ୍ତି ।
- କରୋନା ମହାମାରୀ ପରିସ୍ଥିତିରେ, ଆମେ ଦେଖିଛୁ ଭାରତର ଡିଜିଟାଲ ପ୍ରସ୍ତୁତି କିଭଳି ଭାବେ ଆମମାନଙ୍କ ସହାୟତାରେ ଆସିପାରିଛି ।
- ଭାରତ ତା'ର ଅପ୍ଟିକାଲ ଫାଇବର ନେଟୱାର୍କକୁ ଦ୍ରୁତ ବେଗରେ ସଂପ୍ରସାରଣ କରିଚାଲିଛି । ଏହାର ଉଦ୍ଦେଶ୍ୟ ହେଲା ଦେଶର ପ୍ରତି ଗାଁକୁ ହାଇ ସ୍ପିଡ୍ ଇଣ୍ଟରନେଟ ସଂଯୋଗ ଯୋଗାଇ ଦେବା।
- ସରକାର ଜାତୀୟ ଶୈକ୍ଷିକ ପ୍ରଯୁକ୍ତି ଫୋରମ ଗଠନ କରିଛନ୍ତି। ଏହା ଏକ ଇ-ଶିକ୍ଷା ୟୁନିଟ୍ ଗଠନ କରିବ ଯାହା ଡିଜିଟାଲ ଭିତ୍ତିଭୂମି, ଡିଜିଟାଲ ସଂଯୋଗ ତଥା କ୍ଷମତା ବୃଦ୍ଧି କରିବାରେ ସହାୟକ ହେବ ।
- ଶିକ୍ଷାର୍ଥୀମାନଙ୍କ ନିମନ୍ତେ ଦେଶରେ ଭର୍ଚୁଆଲ୍ ପରୀକ୍ଷାଗାରମାନ ସ୍ଥାପନ କରାଯାଉଛି ଯାହା ସେମାନଙ୍କୁ ପ୍ରତ୍ୟକ୍ଷ ଅନୁଭୂତି ପ୍ରଦାନ କରିବ ।
- ଆମେ ଅଟଳ ଇନୋଭେସନ୍ ମିଶନ ଆରମ୍ଭ କରିଛୁ ଯାହା ଦେଶରେ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଅଭିନବତ୍ୱ ଓ ଉଦ୍ୟମିତାର ସଂସ୍କୃତି ବୃଦ୍ଧିକୁ ପ୍ରୋତ୍ସାହିତ କରିବ । ଦେଶରେ ବିକାଶ ଲାଭ କରୁଥିବା ପ୍ରଯୁକ୍ତି ସହିତ ତାଳ ଦେଇ ଆଗକୁ ଅଗ୍ରସର ହେବାର ଲକ୍ଷ୍ୟ ରଖିଛୁ ।

ପ୍ରତିନିଧି ଏବଂ ଶିକ୍ଷାବିତ୍ ବିପୁଳ ସଂଖ୍ୟାରେ ସାମିଲ ହୋଇଥିଲେ ।

ଅକ୍ଟୋବର 5ରୁ ୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ସମ୍ମିଳନୀ ଅବସରରେ ମୋଟ 45ଟି ଅଧିବେଶନ ଆୟୋଜିତ ହୋଇଥିଲା। ସେଥିରେ ପ୍ରାୟ 300 ପର୍ଯ୍ୟନ୍ତ ଶିକ୍ଷାବିତ୍, ଶିଳ୍ପ ପ୍ରତିନିଧି ଏବଂ ସରକାରୀ ପ୍ରତିନିଧି ଯୋଗ ଦେଇଥିଲେ । ଆକଳନ କରାଯାଇଛି ଯେ ଭାରତର ଜିଡ଼ିପିକୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କ୍ଷେତ୍ର ୨,570 କୋଟି ଡଲାର ଯୋଗାଇବାର ସାମର୍ଥ୍ୟ ରହିଛି ଯାହାକି ଭାରତର ବାର୍ଷିକ ବିକାଶରେ 2035 ମସିହା ସୁଦ୍ଧା 1.3 ପ୍ରତିଶତ ଅଭିବୃଦ୍ଧି ଘଟାଇପାରିବ ।

**ଭାରତ ପାଇଁ ଏଆଇ ଉପରେ ଗୁରୁତ୍ୱାରୋପ**

ଭାରତର ବିକାଶ ଯାତ୍ରା ନିମନ୍ତେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କୃତ୍ରିମ ପ୍ରଜ୍ଞା ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି, "ଆମକୁ ଭାରତରେ କୃତ୍ରିମ ପ୍ରଜ୍ଞାର ବିକାଶ ଘଟାଇବାକୁ ହେବ ଏବଂ ଏହାକୁ ଭାରତରେ କାର୍ଯ୍ୟକାରୀ ମଧ୍ୟ କରିବାକୁ ପଡ଼ିବ।" ପ୍ରଧାନମନ୍ତ୍ରୀ ଆହୁରି ପରାମର୍ଶ ଦେଇଛନ୍ତିଯେ ସମାଜର ହିତ ସାଧନ ନିମନ୍ତେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ପ୍ରୟୋଗର ଅନେକ ମାର୍ଗ ରହିଛି । ସେ ଆହୁରି କହିଛନ୍ତି ଯେ "ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ବ୍ୟବହାର ଦ୍ୱାରା ଭାଷା କ୍ଷେତ୍ରରେ ଥିବା ଦୂରତ୍ୱକୁ କାହିଁକି ଦୂର କରାଯାଉନାହିଁ? ଆମର ଦିବ୍ୟାଙ୍ଗ ଭଉଣୀ ଓ ଭାଇମାନଙ୍କୁ କିଭଳି ଭାବେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଉପଯୋଗ ଦ୍ୱାରା ସରଳ ଏବଂ ସଫଳ ଭାବେ ସହାୟତା କରାଯାଇପାରିବ ତାହାର ଉପାୟ ଚିନ୍ତା କରାଯିବା ଆବଶ୍ୟକ ।" ପ୍ରଧାନମନ୍ତ୍ରୀଙ୍କ ମତରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଉପରେ ଭାରତର ଜାତୀୟ କାର୍ଯ୍ୟକ୍ରମକୁ ଉଚିତ ମାର୍ଗରେ ଉପଯୋଗ କରାଯାଇ ଏହାକୁ ଅନେକ ପ୍ରକାର ସାମାଜିକ ସମସ୍ୟା ସମାଧାନର ସୂତ୍ର ଭାବେ ବ୍ୟବହାର କରାଯାଇପାରିବ ।



# ଲକ୍ଷ୍ୟ ଉତ୍ତର ପୂର୍ବାଞ୍ଚଳ

**ଅକ୍ଷତ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଉନ୍ନତ ଲୋକ ସଂସ୍କୃତିରେ ଭରା ତଥା ବିସ୍ମୟକର କଳାରେ ସମୃଦ୍ଧ ଉତ୍ତର ପୂର୍ବାଞ୍ଚଳ ବିଶ୍ୱର ଏକ ପ୍ରମୁଖ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳୀ ଭାବେ ନିଜକୁ ସୁପରିଚିତ କରିବା ସକାଶେ ସବୁପ୍ରକାର ସାଧନରେ ଭରି ରହିଛି ।**

Source: http://northeasttourism.gov.in/

ତିବ୍ବତୀୟ ଧର୍ମଗୁରୁ ଦଲାଇ ଲାମାଙ୍କ ମତରେ ପ୍ରତ୍ୟେକ ମଣିଷ ବର୍ଷକୁ ଅନ୍ତତଃ ଥରେ ହେଲେ କୌଣସି ଏକ ସ୍ଥାନ ଭ୍ରମଣରେ ଯିବା ଉଚିତ ଯେଉଁଠାକୁ ସେ ପୂର୍ବରୁ କେବେ ଭ୍ରମଣ କରିନଥିବେ ।" ଏଭଳି ଲକ୍ଷ୍ୟ ସାଧନ ସକାଶେ ଦେଶର ଉତ୍ତର ପୂର୍ବାଞ୍ଚଳ ଠାରୁ ବଳି ଆଉ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର କେଉଁ ସ୍ଥାନ ଅବା ଅଛି? "ଲକ୍ଷ୍ୟ ଉତ୍ତର ପୂର୍ବାଞ୍ଚଳ",ଯାହାକି ଏକ ଚାରିଦିନିଆ ଭର୍ଚୁଆଲ ଭ୍ରମଣ କାର୍ଯ୍ୟକ୍ରମ, ଏହି କ୍ଷେତ୍ରର ସାଂସ୍କୃତିକ ବୈଭବକୁ ଲୋକମାନଙ୍କ ନିକଟରେ ପ୍ରଦର୍ଶିତ କରିବା ସକାଶେ ଆୟୋଜିତ ହୋଇଥିଲା । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଅମିତ ଶାହ ଏହି କାର୍ଯ୍ୟକ୍ରମ- "ଲକ୍ଷ୍ୟ ଉତ୍ତର ପୂର୍ବ-2020"କୁ ସେପ୍ଟେମ୍ବର 27, 2020 ତାରିଖ ଦିନ ଉଦଘାଟନ କରିଥିଲେ । ଚଳିତ ବର୍ଷ ଏହି ଉତ୍ସବର ଶୀର୍ଷକ ରଖାଯାଇଛି " ଚିତ୍ତାକର୍ଷକ ଭ୍ରମଣ ସ୍ଥଳୀର ଉଦ୍ଭବ" ଯାହାକି ପର୍ଯ୍ୟଟକମାନଙ୍କୁ ନୂଆ ନୂଆ ପର୍ଯ୍ୟଟନସ୍ଥଳୀମାନଙ୍କ ସଂପର୍କରେ ପରିଚିତ କରାଏ। ଏହିସବୁ ପର୍ଯ୍ୟଟନ ସ୍ଥଳୀମାନଙ୍କ ପ୍ରତି ଲୋକମାନେ ଅଧିକରୁ ଅଧିକ ମାତ୍ରାରେ ଆକୃଷ୍ଟ ହେବା ସହିତ ସେଠାକୁ ବୁଲିଯିବା ନିମନ୍ତେ ସେମାନଙ୍କ ମନରେ ଇଚ୍ଛା ଦୃଢ଼ୀଭୂତ ହୁଏ। ଫଳରେ ପର୍ଯ୍ୟଟନ ଶିଳ୍ପକୁ ମଧ୍ୟ ଗତି ମିଳିଥାଏ । ଉତ୍ତର ପୂର୍ବାଞ୍ଚଳ କ୍ଷେତ୍ର ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ "ଲକ୍ଷ୍ୟ ଉତ୍ତର ପୂର୍ବାଞ୍ଚଳ 2020" ଏକ କ୍ୟାଲେଣ୍ଡର କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମ ସଂପର୍କରେ ମତ ପୋଷଣ କରି ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହ କହିଛନ୍ତି ଯେ "ଉତ୍ତର ପୂର୍ବ ହେଉଛି ଦେଶର ଉଜ୍ଜ୍ୱଳ ମଣି । ଏହା ବ୍ୟତୀତ ଭାରତୀ ସଂସ୍କୃତି ଅସଂପୂର୍ଣ୍ଣ ।"

## ଉତ୍ତର ପୂର୍ବାଞ୍ଚଳ କ୍ଷେତ୍ର କ'ଣ ଉପହାର ଦିଏ

**ଇକୋ-** ଟୁରିଜ୍ମିମ୍: ଦେଶର ଉତ୍ତର ପୂର୍ବାଞ୍ଚଳ ଉଭୟ ପରୋକ୍ଷ ତଥା ଦୁଃସାହସିକ ଧରଣର ଇକୋ ଟୁରିଜିମ୍ ପାଇଁ ପ୍ରକୃଷ୍ଟ ସ୍ଥାନ ଯେଉଁଠାରେ ବନ୍ୟପ୍ରାଣୀ ଅଭୟାରଣ୍ୟ/ ପାର୍କ, ମନୋରମ ସୌନ୍ଦର୍ଯ୍ୟରେ ଭରା ପ୍ରାକୃତିକ ପରିବେଶ, ଜଳ ପ୍ରପାତ, ଅରଣ୍ୟ ଇତ୍ୟାଦି ରହିଛି ।

**ସଂସ୍କୃତି:** ବିବିଧ ଏବଂ ଉନ୍ନତ ଜନଜାତିକ ଐତିହ୍ୟ ତଥା ସଂସ୍କୃତି ଉତ୍ତର ପୂର୍ବାଞ୍ଚଳକୁ ଭାରତର ଅନ୍ୟାନ୍ୟ ଭାଗ ଠାରୁ ଭିନ୍ନ ଭାବେ ଉପସ୍ଥାପିତ କରେ । ଏହି କ୍ଷେତ୍ରର ଆଉ ଏକ ପ୍ରମୁଖ ବୈଶିଷ୍ଟ୍ୟ ହେଲା ଏହାର ଏହି କ୍ଷେତ୍ରର ସମସ୍ତ ଆଠଟିଯାକ ରାଜ୍ୟର ଉନ୍ନତ ତଥା ଭିନ୍ନ ଭିନ୍ନ କଳା ଓ ହସ୍ତଶିଳ୍ପ । ହସ୍ତଶିଳ୍ପ ହେଲା ଏହି କ୍ଷେତ୍ରର ଲୋକମାନଙ୍କର ଦୈନନ୍ଦିନ ଜୀବନପ୍ରକ୍ରିୟାର ଏକ ଅବିଚ୍ଛେଦ୍ୟ ଅଂଶବିଶେଷ ।

**ଐତିହ୍ୟ:** ଐତିହ୍ୟ ପର୍ଯ୍ୟଟନ ଏବେ ଦେଶରେ ପର୍ଯ୍ୟାପ୍ତ ମାତ୍ରାରେ ବୃଦ୍ଧି ଘଟିଛି ଯେଉଁଥିରେ ଏକ ଭାଗୀଦାରୀ ଆଭିମୁଖ୍ୟ ମଧ୍ୟ ଯୋଡ଼ି ହୋଇଯାଇଛି । ସେହି କ୍ଷେତ୍ରରେ ବିଭିନ୍ନ ଚିତ୍ରକଳା ଓ ସୌଧ ଆଦିକୁ ଦେଖିବା ପରିବର୍ତ୍ତେ ପର୍ଯ୍ୟଟକମାନେ ସେଥିରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାର ସୁଯୋଗ ଲାଭ କରିଥାନ୍ତି । ସେହିଭଳି ସ୍ଥାନ ମଧ୍ୟରେ ପୁରୁଣା ଚା'ବଗିଚା ଇତ୍ୟାଦି ସାମିଲ ।

**ତୀର୍ଥଭ୍ରମଣ:** ଏହି କ୍ଷେତ୍ରରେ ଅନେକ ଗୁଡ଼ିଏ ସୁନ୍ଦର ତଥା ପ୍ରସିଦ୍ଧ ଓ ପୁରୁଣା ଧର୍ମସ୍ଥଳୀ ରହିଛି । ଏହାକୁ ଜାତୀୟ ପର୍ଯ୍ୟଟନ ସର୍କିଟ ସହ ସଯୋଗ କରିଦିଆଯାଇଛି । ଫଳରେ ସେଠାକୁ ଦେଶର ଅନ୍ୟାନ୍ୟ ଭାଗର ତୀର୍ଥଯାତ୍ରୀମାନେ ସହଜରେ ପହଞ୍ଚି ପାରୁଛନ୍ତି ।

**ବ୍ୟବସାୟ:** ଏହି କ୍ଷେତ୍ରର ଅତି ଆକର୍ଷଣୀୟ ପ୍ରାକୃତିକ ପରିବେଶ ଦୃଷ୍ଟିରୁ ଏବଂ ସେଠାରେ ଅନେକ ବାହ୍ୟ ବ୍ୟବସାୟିକ ସମ୍ମିଳନୀ ଓ ବୈଠକର ମଧ୍ୟ ଆୟୋଜନ କରାଯାଉଛି । ଏହା ଫଳରେ ଏହି କ୍ଷେତ୍ର ବ୍ୟବସାୟିକ ପର୍ଯ୍ୟଟନ ସକାଶେ ମଧ୍ୟ ଏକ ଲକ୍ଷ୍ୟ ସ୍ଥଳରେ ପରିଣତ ହେବାର ସକଳ ସୁଯୋଗ ପ୍ରଦାନ କରିଥାଏ ।

## ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଅମିତ ଶାହଙ୍କ ଭାଷଣର ମୁଖ୍ୟାଂଶ



- ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଉତ୍ତର ପୂର୍ବାଞ୍ଚଳ କ୍ଷେତ୍ରକୁ 30ରୁ ଅଧିକ ଥର ଗସ୍ତ କରିଛନ୍ତି ଯାହାକି ଯେକୌଣସି ପ୍ରଧାନମନ୍ତ୍ରୀଙ୍କ ଗସ୍ତ ତୁଳନାରେ ସର୍ବାଧିକ।
- ଚତୁର୍ଦ୍ଦଶ ଅର୍ଥ କମିଶନ ଉତ୍ତର ପୂର୍ବାଞ୍ଚଳ କ୍ଷେତ୍ର ପାଇଁ ତାଙ୍କର ଅନୁଦାନକୁ 251 ପ୍ରତିଶତ ବୃଦ୍ଧି କରି ଏହି ପରିମାଣକୁ 3,13, 375 କୋଟି ଟଙ୍କା କରିଛନ୍ତି ।
- ଉତ୍ତର ପୂର୍ବାଞ୍ଚଳ ପରିଷଦର ମୋଟ ବଜେଟର 21 ପ୍ରତିଶତ ଅର୍ଥ ସରକାର କେବଳ ଏହି କ୍ଷେତ୍ରର ପଛୁଆ ଜିଲ୍ଲା, ଗ୍ରାମ ଏବଂ ଅବହେଳିତ ଗୋଷ୍ଠୀଙ୍କ ଉନ୍ନତି ସକାଶେ ବ୍ୟୟ କରିବେ ।
- ଏଯାବତ୍ ସେଠାରେ 15,0୪୪ କୋଟି ଟଙ୍କା ବ୍ୟୟରେ ଛଅଟି ବଡ଼ ରେଳ ପ୍ରକଳ୍ପ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି । ସେହିଭଳି 553 କୋଟି ଟଙ୍କା ବ୍ୟୟରେ ସେହି କ୍ଷେତ୍ରରେ ବିମାନ ବନ୍ଦରଗୁଡ଼ିକର ବିକାଶ ଘଟାଯିବ ଏବଂ 1୨ଟି ସଡ଼କ ପ୍ରକଳ୍ପ ନିମନ୍ତେ 10,000 କୋଟି ଟଙ୍କା ବ୍ୟୟରେ ୪୬୨ କିଲୋମିଟର ସଡ଼କ ପଥର ବିକାଶ ଘଟାଯିବ ।



# ନମାମୀ ଗଙ୍ଗେ

# ସର୍ବ ବୃହତ୍ ସମନ୍ୱିତ ନଦୀ ସଂରକ୍ଷଣ ଅଭିଯାନ

**ନମାମୀ ଗଙ୍ଗେ ଅଭିଯାନ ମାଧ୍ୟମରେ 20,000 କୋଟି ଟଙ୍କା ବ୍ୟୟରେ ଗଙ୍ଗା ନଦୀର ପୁନରୁଦ୍ଧାର ନିମନ୍ତେ ବିଭିନ୍ନ ପ୍ରକଳ୍ପ ଏବେ ସୁଦ୍ଧା କାର୍ଯ୍ୟକାରୀ କରାଯାଉଛି କିମ୍ବା ସଂପୂର୍ଣ୍ଣ ହୋଇଛି ।**

"ନମାମୀ ଗଙ୍ଗେ ଅଭିଯାନ ହେଉଛି ସର୍ବବୃହତ୍ ସମନ୍ୱିତ ନଦୀ ସଂରକ୍ଷଣ ଯୋଜନା ଯାହା କେବଳ ଗଙ୍ଗା ନଦୀଜଳକୁ ସ୍ୱଚ୍ଛ କରିବା ନିମନ୍ତେ ଉଦ୍ଦିଷ୍ଟ ନୁହେଁ ଅପରନ୍ତୁ ଏହା ଏହି ନଦୀର ସଂପୂର୍ଣ୍ଣ ସୁରକ୍ଷା ନିମନ୍ତେ ଅଭିପ୍ରେତ । ଏଭଳି ନବ ଚିନ୍ତନ ଓ କାର୍ଯ୍ୟାନୁଷ୍ଠାନ ଗଙ୍ଗା ନଦୀକୁ ତା'ର ପୁନର୍ଜୀବନ ଲାଭରେ ସହାୟକ ହୋଇପାରିଥିଲା । ଯଦି ସେହି ପୁରୁଣା ପଦ୍ଧତିକୁ ଆପଣା ଯାଇଥାନ୍ତା, ତେବେ ପରିସ୍ଥିତି ଆଜି ସୁଦ୍ଧା ଅତି ଦୟନୀୟ ଅବସ୍ଥାରେ ପହଞ୍ଚି ସାରିଥାନ୍ତା । ପୁରୁଣା ପଦ୍ଧତିରେ ଜନ ଭାଗୀଦାରୀ ଏବଂ ଦୂରଦୃଷ୍ଟିର ଅଭାବ ଥିଲା ।"

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ସେପ୍ଟେମ୍ବର 29,2020 ତାରିଖ ଦିନ ଦେଇଥିବା ମନ୍ତବ୍ୟ

ଗଙ୍ଗା ନଦୀ ହେଉଛି ଭାରତର ଆର୍ଥିକ, ଧାର୍ମିକ ଏବଂ ଆଧାତ୍ମିକ ଜୀବନରେଖା ଯାହା ଅସଂଖ୍ୟ ଭାରତୀୟଙ୍କ ତୃଷା ମେଣ୍ଟାଇ ଆସିଛି, ସେମାନଙ୍କ କ୍ଷେତକୁ ଜଳସେଚିତ କରିଛି ଏବଂ ଏକଥା ବିଶ୍ୱାସ କରାଯାଏ ଯେ ଏହି ସଂସାରରୁ ଯେତେବେଳେ ସେମାନଙ୍କର ଜୀବନଯାତ୍ରା ଶେଷ ହୁଏ ଆତ୍ମାକୁ ଅନ୍ୟ ଦୁନିଆରେ ପହଞ୍ଚାଇବାରେ ଏହା ହିଁ ମାର୍ଗ ପ୍ରଦର୍ଶନ କରିଥାଏ । କିନ୍ତୁ ଏହାର କୂଳରେ ବ୍ୟାପକ ମାତ୍ରାରେ ବୃଦ୍ଧି ପାଇଥିବା ସହରୀକରଣ ଏବଂ ଏଥିସହ ହୋଇଥିବା ପର୍ଯ୍ୟାପ୍ତ ଶିଳ୍ପାୟନ ଗଙ୍ଗା ନଦୀର ଜଳକୁ ଆଉ ପବିତ୍ର ରଖିନଥିଲା । ଏହା ଅତି ମାତ୍ରାରେ ପ୍ରଦୂଷିତ ହୋଇ ସାରିଥିଲା । ତେଣୁ ଏହାର ପୂର୍ବ ଗୌରବ ଓ ପବିତ୍ରତା ଫେରାଇ ଆଣିବା ସକାଶେ ସରକାର 2014 ମସିହାରେ ନମାମୀ ଗଙ୍ଗେ କାର୍ଯ୍ୟକ୍ରମକୁ ଏକ 'ଫ୍ଲାଗସିପ୍ କାର୍ଯ୍ୟକ୍ରମ' ଭାବେ ଆରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗଙ୍ଗା ନଦୀର କ୍ରମବର୍ଦ୍ଧିଷ୍ଣୁ ପ୍ରଦୂଷଣ ମାତ୍ରାକୁ କମାଇବା ଏବଂ ଏହାର ସଂରକ୍ଷଣ ତଥା ପୁନରୁଦ୍ଧାର ନିମନ୍ତେ ପ୍ରୟାସ କରାଯାଇଥିଲା ।

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଯେତେବେଳେ ସେଠାରୁ ସଂସଦକୁ ନିର୍ବାଚିତ

## ଯୋଜନା ଓ ଅର୍ଥ ଥିଲେ ସୁଦ୍ଧା ଗଙ୍ଗା

ଗଙ୍ଗା ନଦୀକୁ ସ୍ୱଚ୍ଛ କରିବା ନିମନ୍ତେ ଗ୍ରହଣ କରାଯାଇଥିବା ପ୍ରଥମ ପ୍ରମୁଖ ଅଭିଯାନ ଥିଲା "ଗଙ୍ଗା ଆକ୍ସନ ପ୍ଲାନ୍" ଯାହା 1986 ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା । ଏହି ପ୍ରକଳ୍ପ ପାଇଁ ମୋଟ 462 କୋଟି ଟଙ୍କା ବ୍ୟୟ କରାଯିବା ବୋଲି ଆକଳନ କରାଯାଇଥିଲା । ତଥାପି ଗଙ୍ଗା ନଦୀର ଜଳ ଅଧିକ ପ୍ରଦୂଷିତ ନହେଲେ ସୁଦ୍ଧା ପୂର୍ବଭଳି ସେମିତି ପ୍ରଦୂଷିତ ହୋଇ ରହିଥିଲା । 2008 ମସିହାରେ ମନମୋହନ ସିଂହ ପ୍ରଧାନମନ୍ତ୍ରୀ ଥିବାବେଳେ ଗଙ୍ଗା ନଦୀକୁ 'ଜାତୀୟ ନଦୀ ଭାବେ ଘୋଷଣା କରାଯାଇ ଏହାର ସ୍ୱଚ୍ଛକରଣ ଅଭିଯାନ ହାସଲ ନିମନ୍ତେ ପ୍ରୟାସ କରାଯାଇଥିଲା । ଏହା ପରେ ପରେ, ଜାତୀୟ ଗଙ୍ଗା ଅବବାହିକା ପ୍ରାଧିକରଣ ଗଠନ କରାଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ଗଙ୍ଗା ନଦୀର ଜଳକୁ ସ୍ୱଚ୍ଛ କରିବା ଏବଂ ଏହା ମଧ୍ୟକୁ ପ୍ରବେଶ କରୁଥିବା ପ୍ରଦୂଷିତ ବର୍ଜ୍ୟଜଳକୁ ରୋକିବା ଯାହାକି ବର୍ଜ୍ୟଜଳ ପ୍ରକ୍ରିୟାକରଣ ଦ୍ୱାରା ସଂପାଦନ କରାଯିବାକୁ ପ୍ରୟାସ ହୋଇଥିଲା । କିନ୍ତୁ ଗଙ୍ଗା ନଦୀର ପବିତ୍ର ଜଳରେ କୌଣସି ଉନ୍ନତି ଅବା ପରିବର୍ତ୍ତନ ଲକ୍ଷ୍ୟ କରାଯାଇନଥିଲା । 2014 ମସିହାରେ ଯେତେବେଳେ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କଲେ, ସେ ଗଙ୍ଗା ନଦୀର ଜଳକୁ ପ୍ରଦୂଷଣ କବଳରୁ ମୁକ୍ତ



ହେବା ପରେ 2014 ମସିହା ମେ ମାସରେ ବାରାଣାସୀ ଗସ୍ତ କରିଥିଲେ ସେ କହିଥିଲେ, "ମା ଗଙ୍ଗାଙ୍କ ସେବା କରିବା ମୋର ନିୟତିରେ ଲେଖା ହୋଇଛି ।"

ସେବେ ଠାରୁଏହି କାର୍ଯ୍ୟକ୍ରମ ଦ୍ୱାରା ଉଲ୍ଲେଖନୀୟ ଉନ୍ନତି ପରିଲକ୍ଷିତ ହୋଇଛି । ଏହା ପରେ କାର୍ଯ୍ୟକ୍ରମକୁ ପରବର୍ତ୍ତୀ ପର୍ଯ୍ୟାୟକୁ ନେଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସେପ୍ଟେମ୍ବର 29,2020 ତାରିଖ ଦିନ ଉତ୍ତରାଖଣ୍ଡରେ ଛଅଗୋଟି ପ୍ରମୁଖ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ । ଏହା ଗଙ୍ଗା ନଦୀକୁ "ନିର୍ମଳ" ଏବଂ "ଅବିରଳ" କରିବା ନିମନ୍ତେ ଉଦ୍ଦିଷ୍ଟ।

ଉତ୍ତରାଖଣ୍ଡର ଗଙ୍ଗୋତ୍ରୀ ହିମବାହଠାରୁ

## ଦୂଷିତ ହୋଇରହିଥିଲା

କରିବା ଉପରେ ସର୍ବାଧିକ ଗୁରୁତ୍ୱ ଆରୋପ କଲେ ଏବଂ ତଦନୁଯାୟୀ ଏହି ଅଭିଯାନକୁ ଜରୁରି ଭାବେ ଗ୍ରହଣ କରାଗଲ ଏବଂ ପ୍ରଧାନମନ୍ତ୍ରୀ ତାଙ୍କର ନିଜସ୍ୱ ଢ଼ଙ୍ଗରେ ଏହାର କାର୍ଯ୍ୟ ତଦାରଖ କରିଥିଲେ ।

**ଏପର୍ଯ୍ୟନ୍ତ ହୋଇଥିବା ବ୍ୟୟ:** ଏହି ଯୋଜନା କାର୍ଯ୍ୟକାରୀ ହେବାର ପ୍ରଥମ ତିନି ବର୍ଷ (2014-15 ଏବଂ 2016-17) ମଧ୍ୟରେ ଏଥିପାଇଁ 20,000 କୋଟି ଟଙ୍କା ମଂଜୁର କରାଯାଇଥିଲା । "ନମାମୀ ଗଙ୍ଗେ" ଅଧୀନରେ ଏପର୍ଯ୍ୟନ୍ତ 230ଟି ପ୍ରକଳ୍ପ ନିମନ୍ତେ ମୋଟ 22,273 କୋଟି ଟଙ୍କା ମଂଜୁର କରାଯାଇଛି । ସେଥି ମଧ୍ୟରେ ବର୍ଜ୍ୟଜଳ ପ୍ରକ୍ରିୟାକରଣ ଭିତ୍ତିଭୂମି ପ୍ରକଳ୍ପ, ଶିଳ୍ପ ପ୍ରଦୂଷଣ ନିୟନ୍ତ୍ରଣ ଏବଂ ନଦୀତଟ ବିକାଶ ଯୋଜନା, ଘାଟ ଓ ଶ୍ମଶାନଘାଟ ଆଦିର ଉନ୍ନତିକରଣ ଆଦି ଅନ୍ତର୍ଭୁକ୍ତ ।

## ଗଙ୍ଗା ଅବଲୋକନ : ଗଙ୍ଗା ନଦୀ ଉପରେ ଅନବଦ୍ୟ ଏକ ସଂଗ୍ରହାଳୟ

**ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ସେପ୍ଟେମ୍ବର 29, 2020 ତାରିଖ ଦିନ ହରିଦ୍ୱାର ଠାରେ "ଗଙ୍ଗା ଅବଲୋକନ ସଂଗ୍ରହାଳୟ"ର ଶୁଭାରମ୍ଭ କରିଥିଲେ । ଏହା ଏଭଳି ଧରଣର ଏକ ଅନବଦ୍ୟ ସଂଗ୍ରହାଳୟ । ଏହି ଅବସରରେ ସେ ଏକ ପୁସ୍ତକ "ରୋଇଂ ଡାଉନ୍ ଦି ଗାଙ୍ଗେସ"ର ଉନ୍ମୋଚନ ମଧ୍ୟ କରିଥିଲେ । ଏହି ସଂଗ୍ରହାଳୟର ଶୁଭାରମ୍ଭ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଲେ ଯେ ଏହି ସଂଗ୍ରହାଳୟ ତୀର୍ଥଯାତ୍ରୀମାନଙ୍କୁ ବିଶେଷ ଭାବେ ଆକର୍ଷିତ କରିବ ଏବଂ ଏହା ଗଙ୍ଗା ନଦୀର ଐତିହ୍ୟ ସଂପର୍କରେ ସେମାନଙ୍କୁ ଅଧିକ ଜ୍ଞାନ ଆହରଣ କରିବାରେ ସହାୟକ ହେବ ।**

### ନମାମୀ ଗଙ୍ଗେ ଅଭିଯାନର ସଫଳତା

- ତେଷଠିଟି ବର୍ଜ୍ୟଜଳ ପରିଚାଳନା ପ୍ରକଳ୍ପ ଏବେ କାର୍ଯ୍ୟକାରୀ ହେଉଛି ଏବଂ ଅନ୍ୟ 12ଟି ବର୍ଜ୍ୟଜଳ ପ୍ରକଳ୍ପ ଉତ୍ତରାଖଣ୍ଡ, ଉତ୍ତର ପ୍ରଦେଶ, ବିହାର, ଝାଡ଼ଖଣ୍ଡ ଏବଂ ବିହାରରେ ଆରମ୍ଭ କରାଯାଇଛି ।
- ତେଇଶଟି ନଦୀତଟ ବିକାଶ ପ୍ରକଳ୍ପ ଏବଂ 182ଟି ଘାଟର 33ଟି ପ୍ରବେଶ ସ୍ତରୀୟ ପ୍ରକଳ୍ପ ନିର୍ମାଣ, ଆଧୁନିକୀକରଣ ଏବଂ ପୁନର୍ବିନ୍ୟାସ କରାଯାଉଛି ଓ 118ଟି ଶବଦାହ ଗୃହ ନିର୍ମାଣ କରାଯାଉଛି ।
- 11ଟି ସ୍ଥାନରେ ଘାଟମାନଙ୍କରୁ ଓ ନଦୀରୁ ପ୍ରବାହିତ କଠିନ ବର୍ଜ୍ୟ ସଂଗ୍ରହ ଓ ଏହାର ଶଯ୍ୟା ସଫେଇ ଏବଂ ଏହାକୁ ନଷ୍ଟ କରିବା ନିମନ୍ତେ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ।
- ଜୈବବିବିଧତା ସଂରକ୍ଷଣ ପାଇଁ ଏବଂ ଗଙ୍ଗା ପୁନରୁଦ୍ଧାର, ଗଙ୍ଗା ନଦୀରେମତ୍ସ୍ୟ ଓ ଜଳଚର ପ୍ରାଣୀ ସଂରକ୍ଷଣ, ଗଙ୍ଗା ନଦୀ ଡଲଫିନ୍-ସଂରକ୍ଷଣ ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ।
- ପାଞ୍ଚଟି ଜୈବ ବିବିଧତା କେନ୍ଦ୍ର: ଏହିସବୁ କେନ୍ଦ୍ର ଡେରାଡୁନ, ନରୋରା, ଆହ୍ଲାବାଦ, ବାରାଣାସୀ ଏବଂ ବାରାକପୁରଠାରେ ବିକଶିତ କରାଯାଇଛି ଯାହା ମାଧ୍ୟମରେ ଚିହ୍ନିତ ଗୁରୁତ୍ୱପୂର୍ଣ୍ଣ ଜୀବନମାନଙ୍କ ସଂରକ୍ଷଣ ନିମନ୍ତେ ପ୍ରୟାସ ଆରମ୍ଭ ହୋଇଛି ।
- ଏହି କାର୍ଯ୍ୟକ୍ରମ ସଂପର୍କରେ ଜନ ଜାଗରଣ ସୃଷ୍ଟି ଏବଂ ଗୋଷ୍ଠୀ ସହଭାଗୀତା ନିମନ୍ତେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଯଥା ସମାରୋହ, କର୍ମଶାଳା, ସେମିନାର, ସମ୍ମିଳନୀ ଏବଂ ଆଇଇସି କାର୍ଯ୍ୟକ୍ରମମାନ ଆୟୋଜିତ ହେଉଛି ।
- ଗଙ୍ଗା ନଦୀ ନିମନ୍ତେ ଜଙ୍ଗଲ ସଂରକ୍ଷଣ କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରାଯାଉଛି ଯାହାକି ବନ ଗବେଷଣା ପ୍ରତିଷ୍ଠାନ, ଡେରାଡୁନ ଦ୍ୱାରା ପ୍ରସ୍ତୁତ ରିପୋର୍ଟ ଆଧାରରେ କାର୍ଯ୍ୟକାରୀ କରାଯାଉଛି । ଏହି କାର୍ଯ୍ୟକ୍ରମ ପାଞ୍ଚ ବର୍ଷ (2016-21) ପାଇଁ ମୋଟ 2,300 କୋଟି ଟଙ୍କା ବିନିମୟରେ କାର୍ଯ୍ୟକାରୀ ହେଉଛି । ଏଥିପାଇଁ ଉତ୍ତରାଖଣ୍ଡର ସାତଟି ଜିଲ୍ଲାରେ ଔଷଧୀୟ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ।
- ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ମୋଟ 15,27,105 ୟୁନିଟ ଶୌଚାଳୟ ବାବଦରେ ଡିଡ୍‌ବ୍ଲୁଏସ ମନ୍ତ୍ରଣାଳୟ ଦ୍ୱାରା 8,53,397ଟି ଶୌଚାଳୟ ନିର୍ମିତ ହୋଇଛି ।
- ସାତଟି ଆଇଆଇଟିଙ୍କୁ ନେଇ ଗଠିତ ସଂଗୋଷ୍ଠୀ ମିଳିତ ଭାବେ ଗଙ୍ଗା ନଦୀ ବେସିନ୍ ଯୋଜନା ପ୍ରସ୍ତୁତ କାର୍ଯ୍ୟରେ ନିୟୋଜିତ ଅଛନ୍ତି । 13ଟି ଆଇଆଇଟି 5ଟି ଗ୍ରାମକୁ ମଡ଼େଲ ଗ୍ରାମ ଭାବେ ବିକଶିତ କରିବା ସକାଶେ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରିଛନ୍ତି ।

## ଅଭିଯାନ ସଂପର୍କରେ

- ନମାମୀ ଗଙ୍ଗେ କାର୍ଯ୍ୟକ୍ରମ 2014 ମସିହା ଜୁନ ମାସରେ ଆରମ୍ଭ କରାଯାଇଥିଲା ଏବଂ ଏଥିପାଇଁ 20,000 କୋଟି ଟଙ୍କାର ବଜେଟ ପ୍ରାବଧାନ କରାଯାଇଥିଲା ।
- 2014 ମସିହା ଜୁଲାଇ 10 ତାରିଖ ଠାରୁ ଏହି କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରାଯାଇଥିଲା ।
- ଏହି ଯୋଜନାରେ ପାଞ୍ଚଟି ରାଜ୍ୟ – ଉତ୍ତରାଖଣ୍ଡ, ଉତ୍ତର ପ୍ରଦେଶ, ବିହାର, ଝାଡ଼ଖଣ୍ଡ ଏବଂ ପଶ୍ଚିମ ବଙ୍ଗକୁ ସାମିଲ କରାଯାଇଥିଲା ।
- 18 ବର୍ଷ ମଧ୍ୟରେ ଏହି ଯୋଜନା କାର୍ଯ୍ୟ ସଂପୂର୍ଣ୍ଣ କରାଯିବ ।
- ନମାମୀ ଗଙ୍ଗେ କାର୍ଯ୍ୟକ୍ରମ ନିମନ୍ତେ ଜୁଲାଇ 7, 2020ରେ ବିଶ୍ୱ ବ୍ୟାଙ୍କ୍ 2,800 କୋଟି ଟଙ୍କା (400 ନିୟୁତ ଡଲାର) ମଂଜୁର କରିଥିଲେ ।
- ପୂର୍ବରୁ କେବଳ କାନପୁର ଠାରୁ ବାରାଣସୀ ମଧ୍ୟରେ ଗଙ୍ଗା ନଦୀକୁ ପ୍ରତିଦିନ ପ୍ରାୟ 15 କୋଟି ଲିଟର ବର୍ଜ୍ୟଜଳ ନିଷ୍କାସନ କରାଯାଉଥିଲା ।

## ଲକ୍ଷ୍ୟ ଓ ଉଦ୍ଦେଶ୍ୟ

- ପ୍ରଦୂଷଣର ମାତ୍ରା ବୃଦ୍ଧିକୁ ସଫଳତାର ସହ ରୋକିବା ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ଏବଂ ଗଙ୍ଗା ନଦୀର ପୁନରୁଦ୍ଧାର କରିବା ଲାଗି ଏକ ନଦୀ ଶଯ୍ୟା କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା ଯେଉଁଥିରେ ଆନ୍ତଃ ସେକ୍ଟରାଲ ସମନ୍ୱୟକୁ ପ୍ରାଧାନ୍ୟ ଦିଆଯାଇଥିଲା ଏବଂ ଏଥିପାଇଁ ବ୍ୟାପକ ଯୋଜନା ଓ ପରିଚାଳନା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।
- ଗଙ୍ଗା ନଦୀରେ ସର୍ବନିମ୍ନ ଇକୋଲୋଜିକାଲ ପ୍ରବାହର ଧାରାକୁ ବଜାୟ ରଖିବା ନିମନ୍ତେ କାର୍ଯ୍ୟକ୍ରମ ନିର୍ଦ୍ଧାରଣ କରାଯାଇଥିଲା ଯଦ୍ୱାରା ନଦୀଜଳର ଗୁଣାତ୍ମକ ମାନ ଏବଂ ପରିବେଶ ଦୃଷ୍ଟିରୁ ପୋଷଣୀୟ ବିକାଶ ଧାରାକୁ ଜାରି ରଖାଯାଇପାରିବ ।

## ଗଙ୍ଗା ପୁନରୁଦ୍ଧାର ନିମନ୍ତେ ଚତୁର୍ମୁଖୀ ରଣନୀତି

- ଏସଟିପିର ଏକ ନେଟୱାର୍କ ଗଠନ ଆରମ୍ଭ କରାଯାଇଛି ଯଦ୍ୱାରା ଗଙ୍ଗା ନଦୀକୁ ବର୍ଜ୍ୟ ଜଳର ସିଧାସଳଖ ପ୍ରବାହକୁ ରୋକାଯାଇପାରିଛି ।
- ଏସଟିପିକୁ ଏଭଳି ଭାବେ ଡିଜାଇନ୍ କରାଯାଇଛି ଯଦ୍ୱାରା ଆଗାମୀ 10–15 ବର୍ଷ ପର୍ଯ୍ୟନ୍ତ ଆବଶ୍ୟକତା ଉପରେ ବିଶେଷ ଧ୍ୟାନ ଦିଆଯାଇଛି ।
- ପ୍ରାୟ ଏକ ଶହରୁ ଅଧିକ ବଡ଼ ବଡ଼ ଟାଉନ୍/ ନଗରୀ ଏବଂ 5000ରୁ ଅଧିକ ଗ୍ରାମ ଯାହାକି ଗଙ୍ଗା ନଦୀ କୂଳରେ ଅବସ୍ଥିତ ସେଗୁଡ଼ିକୁ ଏବେ ମୁକ୍ତାକାଶ ଶୌଚମୁକ୍ତ କରାଯାଇଛି ।
- ଗଙ୍ଗାର ସମସ୍ତ ଉପନଦୀଗୁଡ଼ିକରେ ପ୍ରଦୂଷଣର ମାତ୍ରାକୁ ହ୍ରାସ କରିବା ନିମନ୍ତେ ସକଳ ପ୍ରକାର ପ୍ରୟାସ କରାଯାଉଛି ।

ଗଙ୍ଗା ନଦୀ ଉତ୍ପତ୍ତି ଲାଭ କରିଛି । କେବଳ ହରିଦ୍ୱାର- ଋଷିକେଶ ଜୋନର ପ୍ରାୟ 80 ପ୍ରତିଶତ ବର୍ଜ୍ୟ ଭାର ଆସି ଗଙ୍ଗା ନଦୀର ଜଳକୁ ପ୍ରଦୂଷିତ କରିଥାଏ । ଏହି ସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସେଠାରେ ଅନେକ ଗୁଡ଼ିଏ ବର୍ଜ୍ୟ ପ୍ରକ୍ରିୟାକରଣ ପ୍ଲାଣ୍ଟ (ଏସଟିପି) ସ୍ଥାପନ କରାଯାଉଛି ଯାହା ଏହି ପ୍ରଦୂଷଣକୁ ରୋକି ପାରିବ । ଏଥି ମଧ୍ୟରେ ଏକ 68 ଏମଏଲଡ଼ି ଏସଟିପି ସ୍ଥାପନ କରାଯିବା ସହିତ ହରିଦ୍ୱାରର ଜଗଜିତପୁରଠାରେ ବର୍ତ୍ତମାନ କାର୍ଯ୍ୟକ୍ଷମ ଥିବା 27 ଏମଏଲଡ଼ି ଏସଟିପିର ଉନ୍ନତିକରଣ ସାମିଲ । ସେହିଭଳି ହରିଦ୍ୱାରର ସରାଇ ଠାରେ 18 ଏମଏଲଡ଼ି ଏସଟିପି କ୍ଷମତାବିଶିଷ୍ଟ ଆଉ ଏକ ପ୍ଲାଣ୍ଟ ମଧ୍ୟ ନିର୍ମାଣ କରାଯାଇଛି । ଏହା ବ୍ୟତୀତ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଋଷିକେଶର ଲକ୍କଡ଼ଘାଟ ଠାରେ 26 ଏମଏଲଡ଼ି ଏସଟିପି କ୍ଷମତାବିଶିଷ୍ଟ ଅନ୍ୟ ଏକ ପ୍ଲାଂଟକୁ ଉଦ୍ଘାଟନ କରିଛନ୍ତି ।

ନମାମୀ ଗଙ୍ଗେ କାର୍ଯ୍ୟକ୍ରମକୁ ସର୍ବବୃହତ୍ ସମନ୍ୱିତ ନଦୀ ସଂରକ୍ଷଣ ଯୋଜନା ବୋଲି ଅଭିହିତ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଲେ ଯେ ଏହା କେବଳ ଗଙ୍ଗା ନଦୀର ଜଳକୁ ପ୍ରଦୂଷଣମୁକ୍ତ କରି ସ୍ୱଚ୍ଛରେ ପରିଣତ କରିବା ନିମନ୍ତେ ଉଦ୍ଦିଷ୍ଟ ନୁହେଁ ଅପରନ୍ତୁ ନଦୀର ବ୍ୟାପକ ସଂରକ୍ଷଣ ଓ ସୁରକ୍ଷା ନିମନ୍ତେ ମଧ୍ୟ ଉଦ୍ଦିଷ୍ଟ ।

ଏହି ନୂତନ ପଦକ୍ଷେପ ଗ୍ରହଣ ଦ୍ୱାରା ଗଙ୍ଗା ନଦୀ ତା'ର ପୁନର୍ଜୀବନ ପ୍ରାପ୍ତ ହୋଇଛି। ପ୍ରଧାନମନ୍ତ୍ରୀ କହିଥିଲେ ଯେ "ଯଦି ସେହି ପୁରୁଣା ପଦ୍ଧତିରେ କାର୍ଯ୍ୟ ଜାରି ରହିଥାନ୍ତା, ତେବେ ଆଜି ଗଙ୍ଗାର ଅବସ୍ଥା ଯେଉଁ ଶୋଚନୀୟକୁ ସେହି ଶୋଚନୀୟ ସ୍ଥିତିରେ ରହିଥାନ୍ତା । ଗତ ଛଅ ବର୍ଷ ମଧ୍ୟରେ କେବଳ ଉତ୍ତରାଖଣ୍ଡରେ ବର୍ଜ୍ୟ ପ୍ରକ୍ରିୟାକରଣ କ୍ଷମତା ଛଅଗୁଣ ବୃଦ୍ଧି ପାଇଛି । ଏହି ରାଜ୍ୟରେ 130ରୁ ଅଧିକ ବର୍ଜ୍ୟଜଳ ନିଷ୍କାସନ ନାଳକୁ ସିଧାସଳଖ ଗଙ୍ଗା ନଦୀରେ ପଡ଼ିବା ପ୍ରକ୍ରିୟାକୁ ରୋକାଯାଇଛି । ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ବିଶେଷ କରି ଚନ୍ଦ୍ରେଶ୍ୱରନଗର ଡ୍ରେନ୍ ସଂପର୍କରେ ଉଲ୍ଲେଖ କରି କହିଥିଲେ ଯେ ଏହା ଏହି ପବିତ୍ର ତୀର୍ଥସ୍ଥଳକୁ ବାହାରୁ ଆସୁଥିବା ପର୍ଯ୍ୟଟକମାନଙ୍କ ନିମନ୍ତେ ବେଶ୍ ଦୃଶ୍ୟକଟୁ ସାଜିଥିଲା । ଗଙ୍ଗା ନଦୀରେ ନୌଚାଳନା ନିମନ୍ତେ ଋଷିକେଶର "ମୁନୀ କୀ ରେତି"କୁ ଆସୁଥିବା ରାଫ୍ଟରମାନେ ଏହାକୁ ନାପସନ୍ଦ କରୁଥିଲେ । ତେଣୁ ଏବେ ଏହି ବର୍ଜ୍ୟନାଳକୁ ସଂପୂର୍ଣ୍ଣ ରୂପେ ବନ୍ଦ କରିଦିଆ ଯାଇଥିବାରୁ ପ୍ରଧାନମନ୍ତ୍ରୀ ଗଭୀର ସନ୍ତୋଷ ବ୍ୟକ୍ତ କରିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ସ୍ୱଚ୍ଛତା ଏବଂ ସ୍ୱାସ୍ଥ୍ୟକର ପରିବେଶର ସମ୍ମିଶ୍ରଣରେ ପ୍ରୟାଗରାଜ କୁମ୍ଭଠାରେ ଯେଉଁ ଉତ୍ତମ ଅନୁଭୂତି ତୀର୍ଥଯାତ୍ରୀମାନେ ଏବେ ଅନୁଭବ କରୁଛନ୍ତି ସେହିଭଳି ଅନୁଭବକୁ ହରିଦ୍ୱାର କୁମ୍ଭ ଠାରେ ମଧ୍ୟ କାର୍ଯ୍ୟକାରୀ କରାଯିବ ।

କେବଳ ପୁନର୍ଜାଗରଣ ନୁହେଁ, ଗଙ୍ଗା ନଦୀ ତଟରେ ଥିବା ଶହ ଶହ ଘାଟର ସୌନ୍ଦର୍ଯ୍ୟକରଣ ନିମନ୍ତେ ମଧ୍ୟ ଏହି କାର୍ଯ୍ୟକ୍ରମ ଜରିଆରେ ସମାନ୍ତରାଳ ଭାବେ ପ୍ରୟାସ ଜାରି ରହିଛି । ହରିଦ୍ୱାର ଠାରେ ନଦୀତଟକୁ ଏବେ ଆଧୁନିକ ରୂପ ପ୍ରଦାନ କରାଯାଇଛି । ନମାମୀ ଗଙ୍ଗେ କାର୍ଯ୍ୟକ୍ରମର ଅନ୍ୟ ଏକ ପ୍ରମୁଖ ଉଦ୍ଦେଶ୍ୟ ହେଲା ସମଗ୍ର ଗାଙ୍ଗେୟ ଉପତ୍ୟକାର ଅର୍ଥନୀତି ଓ ପରିବେଶର ଉନ୍ନତିକରଣ । ତେଣୁ ସେହିସବୁ କ୍ଷେତ୍ରରେ ଜୈବ ଚାଷ ଓ ଔଷଧୀୟ ବୃକ୍ଷ ରୋପଣ ନିମନ୍ତେ ସରକାରଙ୍କ ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଗଙ୍ଗା ନଦୀକୁ ସ୍ୱଚ୍ଛ ରଖିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଲେ ଯେ ଦେଶର ହାରାହାରି 50 ପ୍ରତିଶତ ଜନସଂଖ୍ୟାଙ୍କ ଜୀବନଧାରଣ ଦିଗରେ ଏହି ନଦୀ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଉତ୍ତରାଖଣ୍ଡରେ ଏହାର ଉତ୍ପତ୍ତି ସ୍ଥଳ ଠାରୁ ନେଇ ପଶ୍ଚିମ ବଙ୍ଗ ପର୍ଯ୍ୟନ୍ତ ଏହାର ବ୍ୟାପ୍ତି କେବଳ ଜନକଲ୍ୟାଣ ସାଧନ ନିମନ୍ତେ ଉଦ୍ଦିଷ୍ଟ ବୋଲି ପ୍ରଧାନମନ୍ତ୍ରୀ ସୂଚାଇଥିଲେ ।



# ସ୍ମାର୍ଟ, ଅଭ୍ୟାସ ଏବଂ ବ୍ରହ୍ମୋସର ସଫଳ ପରୀକ୍ଷଣ

**ଗତ କେଇ ସପ୍ତାହ ମଧ୍ୟରେ ନିଜର ପ୍ରତିରକ୍ଷା କ୍ଷମତାକୁ ଆଗକୁ ଆଗେଇ ନେବା ପାଇଁ ସ୍ମାର୍ଟ, ଅଭ୍ୟାସ ଏବଂ ବ୍ରହ୍ମୋସ୍ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରି ଭାରତ ତିନି ପାହୁଣ୍ଡ ଆଗକୁ ଅଗ୍ରସର ହୋଇଛି ।**

ଅକ୍ଟୋବର 5, 2020 ତାରିଖ ଦିନ ଓଡ଼ିଶା ଉପକୂଳସ୍ଥ ହ୍ୱିଲର ଦ୍ୱୀପଠାରୁ ଭାରତ ସଫଳତାର ସହ ତା'ର "ସ୍ମାର୍ଟ" କ୍ଷେପଣାସ୍ତ୍ରର ଉଡାଣ ପରୀକ୍ଷା ସଂପନ୍ନ କରିଛି । 'ସୁପରସୋନିକ୍ ମିଜାଇଲ୍ ଆସିଷ୍ଟେଡ୍ ରିଲିଜ୍ ଅଫ୍ ଟର୍ପେଡୋ' ("ସ୍ମାର୍ଟ") ହେଉଛି କ୍ଷେପଣାସ୍ତ୍ର ସହାୟତାଗ୍ରହଣକାରୀ ରିଲିଜ୍ ଯାହା ଏକ ହାଲୁକା ବୁଡ଼ାଜାହାଜ ନିରୋଧୀ ଟର୍ପେଡୋ ସିଷ୍ଟମ୍ ଓ ତାହା ବୁଡ଼ାଜାହାଜ ନିରୋଧୀ ଯୁଦ୍ଧ (ଏଏସଡ଼ବ୍ଲୁ) ପାଇଁ ବ୍ୟବହୃତ ହୋଇଥାଏ । ଏହାର ରେଞ୍ଜ୍ ଟର୍ପେଡୋ ଠାରୁ ଢ଼େର୍ ଗୁଣା ଅଧିକ । ଦେଶ ପାଇଁ ଏକ ବୁଡ଼ାଜାହାଜ ନିରୋଧୀ ଯୁଦ୍ଧ କ୍ଷମତା ହାସଲ କରିବା ଭାରତର ଏକ ବିରାଟ ସଫଳତା । ଏହି ପରୀକ୍ଷଣ ଦ୍ୱାରା ସମସ୍ତ ମିଶନ ଉଦ୍ଦେଶ୍ୟ ଯଥା, ଉଦ୍ଦିଷ୍ଟ ରେଞ୍ଜ୍ ଓ ଉଚ୍ଚତା ପର୍ଯ୍ୟନ୍ତ କ୍ଷେପଣାସ୍ତ୍ରର ଉଡାଣ, ନୋଜ୍ କୋନର ସଫଳ ପୃଥକୀକରଣ, ଟର୍ପେଡୋର ରିଲିଜ୍ ଏବଂ ଭିଆରଏମ (ଭେଲୋସିଟି ରିଡକସନ୍ ମେକାନିଜମ)ର ବିକାଶ ପରୀକ୍ଷା ସଫଳତାର ସହ ହାସଲ କରାଯାଇଥିଲା ।

"ସ୍ମାର୍ଟ" କ୍ଷେପଣାସ୍ତ୍ର ବ୍ୟବସ୍ଥା ସବମେରିନ ନିରୋଧୀ ଯୁଦ୍ଧ କ୍ଷେତ୍ରରେ ଏକ ପଟ୍ଟ ପରିବର୍ତ୍ତନକାରୀ ସଫଳତା ବୋଲି ଡିଆରଡିଓର ସଚିବ ତଥା ଡିଆରଡିଓ ଅଧ୍ୟକ୍ଷ ଡକ୍ଟର ଜି ସତୀଶ ରେଡ୍ଡୀ ମତ ପୋଷଣ କରିଛନ୍ତି । "ସ୍ମାର୍ଟ" ସିଷ୍ଟମ୍ ପାଇଁ ଆବଶ୍ୟକ ପ୍ରଯୁକ୍ତି ଦେଶର ବିଭିନ୍ନ ଡିଆରଡିଓ ପରୀକ୍ଷାଗାରରେ ବିକଶିତ କରାଯାଇଛି । ସେଥି ମଧ୍ୟରେ ଡିଆରଡିଏଲ, ଆରସିଆଇ ହାଇଦ୍ରାବାଦ, ଏଡ଼ିଆରଡିଇ ଆଗ୍ରା, ଏନଏସଟି ବିଶାଖାପଟନମ୍ ଆଦି ଅନ୍ତର୍ଭୁକ୍ତ । ■



**ବ୍ରହ୍ମୋସ୍:** "ସ୍ମାର୍ଟ" କ୍ଷେପଣାସ୍ତ୍ରର ସଫଳ ଉଡାଣ ପୂର୍ବରୁ ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପକ୍ଷମ ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ର "ବ୍ରହ୍ମୋସ୍"କୁ ସେପ୍ଟେମ୍ବର 30,2020 ତାରିଖରେ ସଫଳ ପରୀକ୍ଷଣ କରାଯାଇଥିଲା ।

- "ବ୍ରହ୍ମୋସ୍" କ୍ଷେପଣାସ୍ତ୍ରର ବୈଶିଷ୍ଟ୍ୟ ହେଲା ଏଥିରେ ନିଜସ୍ୱ ଜ୍ଞାନକୌଶଳରେ ବିକଶିତ ବୁଷ୍ଟର ଏବଂ ଏୟାରଫ୍ରେମ୍ ସେକ୍ସନ୍ ସଂଯୋଗ କରାଯାଇଛି ଏବଂ ଆହୁରି ଅନେକ "ମେଡ୍ ଇନ୍ ଇଣ୍ଡିଆ" ଯନ୍ତ୍ରାଂଶ ରହିଛି । ନିଜସ୍ୱ ପ୍ରତିରକ୍ଷା ସାମଗ୍ରୀ ନିର୍ମାଣ କ୍ଷେତ୍ରରେ ଏହା ଏକ ବିରାଟ ଉପଲବ୍ଧି ବୋଲି ହେତୁ କରାଯାଉଛି ।
- "ବ୍ରହ୍ମୋସ୍" ଏକ ଭୂପୃଷ୍ଠରୁ ଆକ୍ରମଣକ୍ଷମ କ୍ରୁଜ କ୍ଷେପଣାସ୍ତ୍ର ଯାହାକି ମାଚ୍ 2.8 ବେଗରେ ଅର୍ଥାତ୍ ଶବ୍ଦର ବେଗ ଠାରୁ 2.8 ଗୁଣ ଅଧିକ ବେଗରେ ନିକ୍ଷେପ କରାଯାଇପାରିବ ।

**ଅଭ୍ୟାସ:** ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ) ପକ୍ଷରୁ ସେପ୍ଟେମ୍ବର 22, 2020 ତାରିଖ ଦିନ ସଫଳତାପୂର୍ବକ "ଅଭ୍ୟାସ" ଯାନର ଉଡାଣ ପରୀକ୍ଷା କରାଯାଇଥିଲା । "ଅଭ୍ୟାସ" ହେଉଛି ଏକ ଅତି ବେଗଗାମୀ 'ଏକ୍ସପେଣ୍ଡେବଲ୍ ଏରିଆଲ୍ ଟାର୍ଗେଟ' (ହିଟ୍) । ଏହି ଯାନକୁ ଏକ ଟାର୍ଗେଟ ଭାବେ ବିଭିନ୍ନ କ୍ଷେପଣାସ୍ତ୍ର ପ୍ରଣାଳୀର ଆକଳନ ନିମନ୍ତେ ବ୍ୟବହାର କରାଯାଇପାରିବ । "ଅଭ୍ୟାସ"କୁ ଏରୋନଟିକାଲ ବିକାଶ ପ୍ରତିଷ୍ଠାନ (ଏଡିଇ), ଡିଆରଡିଓ ଦ୍ୱାରା ବିକାଶ ଘଟାଯାଇଛି ଏବଂ ଏହି ଯାନଟିରେ ସଂପୂର୍ଣ୍ଣ ରୂପେ ସ୍ୱୟଂଚାଳିତ ଉଡାଣ ନିମନ୍ତେ ପ୍ରୋଗ୍ରାମ କରାଯିବାର ବ୍ୟବସ୍ଥା ରହିଛି ।




**ରୁଦ୍ରମ୍ :** ଏହା ହେଉଛି ଭାରତର ନିଜସ୍ୱ ଜ୍ଞାନକୌଶଳରେ ବିକଶିତ ପ୍ରଥମ ବିକିରଣ ନିରୋଧୀ କ୍ଷେପଣାସ୍ତ୍ର ପ୍ରଣାଳୀ । ଅକ୍ଟୋବର 9, 2020 ତାରିଖ ଦିନ ବିକିରଣ ନିରୋଧୀ ନିଜସ୍ୱ ଜ୍ଞାନକୌଶଳରେ ନିର୍ମିତ ପ୍ରଥମ କ୍ଷେପଣାସ୍ତ୍ର "ରୁଦ୍ରମ୍"ର ସଫଳ ପରୀକ୍ଷା କରାଯାଇଛି । ନୂତନ ପିଢ଼ିର ଏହି କ୍ଷେପଣାସ୍ତ୍ର ଭାରତୀୟ ବାୟୁ ସେନା ପାଇଁ ଏକାନ୍ତ ଆବଶ୍ୟକ । "ରୁଦ୍ରମ୍" କ୍ଷେପଣାସ୍ତ୍ରକୁ ଲଢ଼ୁଆ ବିମାନ ସୁଖୋଇ- 30 ଏମକେଆଇରୁ ନିକ୍ଷେପ କରାଯାଇଥିଲା । ଡିଫେନ୍ସ ରିସର୍ଚ୍ଚ ଏଣ୍ଡ ଡେଭଲପମେଣ୍ଟ ଅର୍ଗାନାଇଜେସନ (ଡିଆରଡିଓ) ଦ୍ୱାରା ବିକଶିତ ଏହି କ୍ଷେପଣାସ୍ତ୍ର ବିଭିନ୍ନ ରେଞ୍ଜର ଏବଂ ତାହାକୁ ଲଞ୍ଚ୍ ସ୍ଥିତିକୁ ଦେଖି ନିକ୍ଷେପ କରାଯାଇପାରିବ । ଚୂଡ଼ାନ୍ତ ଆକ୍ରମଣ ନିମନ୍ତେ ଏଥିରେ ଆଇଏନଏସ- ଜିପିଏସ ନାଭିଗେସନ ସହିତ ପାସିଭ୍ ହୋମିଂ ହେଡ ରହିଛି । ପରୀକ୍ଷାମୂଳକ ନିକ୍ଷେପ ବେଳେ "ରୁଦ୍ରମ୍" ଅତି ନିର୍ଦ୍ଦିଷ୍ଟ ଭାବେ ତା'ର ରାଡ଼ିଏସନ୍ ଟାର୍ଗେଟକୁ ମାଡ଼ କରିଥିଲା । ଶତ୍ରୁପକ୍ଷର ଏୟାର ଡିଫେନ୍ସ ସିଷ୍ଟମକୁ ଅତି ଦୂରରୁ ନିଷ୍କ୍ରିୟ କରିବା ସକାଶେ ଭାରତୀୟ ବାୟୁସେନା ପାଇଁ ଏହାକୁ ଏକ ଅବ୍ୟର୍ଥ ଅସ୍ତ୍ର ରୂପେ ବିବେଚନା କରାଯାଉଛି ।




# ସମ୍ପତ୍ତି କାର୍ଡ ସହ ଗ୍ରାମବାସୀଙ୍କୁ ସଶକ୍ତିକରଣ

**ଗୋଟିଏ ଦେଶର ବିକାଶ ଧାରାରେ ଭୂମି ଓ ବାସଗୃହର ମାଲିକାନା ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ନିଜର ସମ୍ପତିର ମାଲିକାନା କାଗଜାତ ହାତରେ ଧରି ନାଗରିକମାନେ ବେଶ୍ ଦୃଢ଼ତାର ସହ ବ୍ୟାଙ୍କ୍ ପାଖରେ ତାହାକୁ ବନ୍ଧକ ରଖି ଋଣ ନେବା ପାଇଁ ପହଞ୍ଚିପାରିବେ। । ଏପରି ସ୍ଥଳେ ବ୍ୟାଙ୍କମାନେ ସେପରି ଋଣ ଆବେଦନକାରୀଙ୍କୁ ସେମାନଙ୍କର ଆବଶ୍ୟକ ମୁତାବକ ଋଣ ଯୋଗାଇ ଦେବାଲାଗି ଆଗ୍ରହର ସହ ଆଗେଇ ଆସିବେ । କାରଣ ସେମାନଙ୍କର ସମ୍ପତ୍ତି କାଗଜାତ ଠିକ୍ ରହିଛି । ଏହା ଆତ୍ମ ନିଯୁକ୍ତି ଓ କର୍ମନିଯୁକ୍ତି ସୃଷ୍ଟି ଦିଗରେ ନୂତନ ମାର୍ଗ ଉନ୍ମୋଚନ କରିବା ପରି ପ୍ରତୀୟମାନ ହୁଏ ।**

ସାମାଜିକ ସଂସ୍କାରକ ତଥା ରାଜନୀତିଜ୍ଞ ନାନାଜୀ ଦେଶମୁଖ ଏକଦା କହିଥିଲେ ଯେ ଯେତେଦିନ ପର୍ଯ୍ୟନ୍ତ ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକମାନେ ସେମାନଙ୍କର ଭୂସମ୍ପତ୍ତିକୁ ନେଇ ବିବାଦରେ ଲିପ୍ତ ରହିଥିବେ ସେତେଦିନ ପର୍ଯ୍ୟନ୍ତ ସେମାନେ କିମ୍ବା ସେହି ସମାଜର ସ୍ୱାଭାବିକ ବିକାଶ ଘଟିପାରିବନାହିଁ । ସେହି ନାନାଜୀଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଅକ୍ଟୋବର 11, 2020 ଦିନ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ "ସ୍ୱାମିତ୍ୱ" ଯୋଜନା ଅଧୀନରେ ଲୋକମାନଙ୍କୁ ସମ୍ପତ୍ତି କାର୍ଡ଼ ବଣ୍ଟନ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତିଯେ " ସମ୍ପତ୍ତିର ମାଲିକାନା ହାସଲ ଦ୍ୱାରା ଏହା ଆମର ଗ୍ରାମମାନଙ୍କରେ ଘଟୁଥିବା ନାନା ବିବାଦର ଅନ୍ତ ଘଟାଇବ ବୋଲି ସେ ବ୍ୟକ୍ତିଗତ ଭାବେ ବିଶ୍ୱାସ କରନ୍ତି ।"

ପାଇଲଟ ପର୍ଯ୍ୟାୟରେ ଏହି ଯୋଜନା ମାଧ୍ୟମରେ ପାଖାପାଖି ଏକ ଲକ୍ଷ ସମ୍ପତ୍ତି ମାଲିକ ସେମାନଙ୍କର ସମ୍ପତ୍ତି କାର୍ଡ଼କୁ ସେମାନଙ୍କ ମୋବାଇଲ୍ ଫୋନରେ ପଠାଯାଇଥିବା ଏସଏମଏସ ଲିଙ୍କ୍ ଜରିଆରେ ଡାଉନଲୋଡ଼ କରିପାରିବେ । ଏହା ପରେ ପ୍ରତ୍ୟକ୍ଷ ଭାବେ ସମ୍ପତ୍ତି କାର୍ଡ଼ ବିତରଣ ସଂପୃକ୍ତ ରାଜ୍ୟ ସରକାରମାନଙ୍କ ଦ୍ୱାରା କରାଯିବ ବୋଲି ସେ ସୂଚନା ଦେଇଥିଲେ ।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ "ସ୍ୱାମିତ୍ୱ" ଯୋଜନା ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବ ଯେଉଁଥି ପାଇଁ ସରକାର ଗତ ଛଅ ବର୍ଷ ଧରି ପ୍ରୟାସ କରିଆସୁଥିଲେ । ସେ କହିଲେ ଯେ ବିଗତ ଛଅ ବର୍ଷ ମଧ୍ୟରେ ଦେଶର ଗ୍ରାମମାନଙ୍କରେ ଅଭୂତପୂର୍ବ ସ୍ତରୀୟ ବିକାଶ ସଂଘଟିତ ହୋଇଛି । ଦେଶ ସ୍ୱାଧୀନତା ଲାଭର ପ୍ରାୟ ସାତ ଦଶନ୍ଧି ମଧ୍ୟରେ ସେଭଳି ବିକାଶ ସମ୍ଭବ ହୋଇନଥିଲା ।

ଦେଶର ଜନସାଧାରଣଙ୍କୁ ଆଶ୍ୱାସନା ଦେଇ ପ୍ରଧାନମନ୍ତ୍ରୀ କହିଲେ ଯେ "ସ୍ୱାମିତ୍ୱ" ଯୋଜନା ଦ୍ୱାରା ଗ୍ରାମ ପଞ୍ଚାୟତମାନଙ୍କ ସକାଶେ ଗ୍ରାମ କାର୍ଯ୍ୟ ସୁପରିଚାଳନା କରିବା ସହଜସାଧ୍ୟ ହେବ । ସେମାନେ ଏବେ ପୌରପାଳିକା ଅଥବା ପୌର ନିଗମମାନଙ୍କ ପରି ସେସବୁର ପରିଚାଳନା କରିପାରିବେ ।

ପ୍ରଧାନମନ୍ତ୍ରୀ କହିଲେ ଯେ ଆତ୍ମ ନିର୍ଭର ଭାରତ ଅଭିଯାନ ଦିଗରେ ଦେଶ ଆଉ ଏକ ପ୍ରମୁଖ ପଦକ୍ଷେପ ଗ୍ରହଣ କରିଛି । "ସ୍ୱାମିତ୍ୱ ଯୋଜନା

# ସ୍ୱାମିତ୍ୱ ସଂପର୍କରେ

- "ସ୍ୱାମିତ୍ୱ" (ଗ୍ରାମମାନଙ୍କ ସର୍ଭେ ଏବଂ ଗ୍ରାମାଞ୍ଚଳରେ ଉନ୍ନତ ପ୍ରଯୁକ୍ତି ଦ୍ୱାରା ମ୍ୟାପିଂ କାର୍ଯ୍ୟ ସମ୍ପାଦନ) ଏକ କେନ୍ଦ୍ରୀୟ ସେକ୍ଟର ଯୋଜନା ଯାହା କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରଣାଳୟ ଦ୍ୱାରା କାର୍ଯ୍ୟକାରୀ କରାଯାଉଛି ।
- ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଜାତୀୟ ପଞ୍ଚାୟତି ରାଜ ଦିବସ – ଏପ୍ରିଲ 24, 2020- ପାଳନ ଅବସରରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା ଏବଂ ଏଥିପାଇଁ ପାଇଲଟ ପର୍ଯ୍ୟାୟ (2020- 21)ରେ 79.65 କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି ।
- ଏହି ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳରେ ସମସ୍ତ ପରିବାରଙ୍କୁ ସେମାନଙ୍କର 'ଜମିଜମା ଅଧିକାର' ଯୋଗାଇ ଦିଆଯିବ ଏବଂ ସେମାନଙ୍କୁ ସମ୍ପତ୍ତି କାର୍ଡ଼ ପ୍ରଦାନ କରାଯିବ ।
- ଏହି ଯୋଜନା ସାରା ଦେଶରେ ପର୍ଯ୍ୟାୟ କ୍ରମିକ ଭାବେ କାର୍ଯ୍ୟକାରୀ କରାଯାଉଛି । ଚାରିବର୍ଷ (2020 – 24) ମଧ୍ୟରେ ଏହା ଦେଶର 6.62 ଲକ୍ଷ ଗ୍ରାମରେ ପ୍ରବର୍ତ୍ତନ କରାଯିବ ।
- ଉତ୍ତର ପ୍ରଦେଶ, ହରିୟାଣା, ମହାରାଷ୍ଟ୍ର, ମଧ୍ୟ ପ୍ରଦେଶ, ଉତ୍ତରାଖଣ୍ଡ ଏବଂ କର୍ଣ୍ଣାଟକ ତଥା ପଞ୍ଜାବ ଓ ରାଜସ୍ଥାନର କିଛି ସୀମାନ୍ତବର୍ତ୍ତୀ ଗ୍ରାମମାନଙ୍କରେ କଣ୍ଟିନୁଅସ୍ ଅପରେଟିଂ ସିଷ୍ଟମ୍ (ସିଓଆରଏସ) ସ୍ଥାପନ ସହିତ ପାଇଲଟ ଯୋଜନା (2020- 21) ଭାବେ ପଞ୍ଜାବ ଓ ରାଜସ୍ଥାନରେ ଷ୍ଟେସନର ନେଟୱାର୍କକୁ କାର୍ଯ୍ୟକାରୀ କରାଯାଉଛି ।
- ଏହି ସମସ୍ତ ଛଅଗୋଟି ରାଜ୍ୟ ଭାରତୀୟ ସର୍ଭେକ୍ଷଣ ସଂସ୍ଥା (ସର୍ଭେ ଅଫ୍ ଇଣ୍ଡିଆ) ସହିତ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି ଯଦ୍ୱାରା ଗ୍ରାମାଞ୍ଚଳରେ ଡ୍ରୋନ ଜରିଆରେ ସର୍ଭେ କାର୍ଯ୍ୟ ସଂପାଦନ କରାଯିବ ଏବଂ ଏହି ଯୋଜନାକୁ କାର୍ଯ୍ୟକାରୀ କରାଯିବ ।
- ଏହିସବୁ ରାଜ୍ୟମାନେ ଡିଜିଟାଲ ସମ୍ପତ୍ତି କାର୍ଡ଼ ଫର୍ମାଟ ଯୋଜନା ପାଇଁ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିଛନ୍ତି ଏବଂ ସେହିସବୁ ସ୍ଥାନରେ ଡ୍ରୋନ ଜରିଆରେ ସର୍ଭେ କାର୍ଯ୍ୟ ସଂପାଦନ କରାଯିବ ।

## ସ୍ୱାମିତ୍ୱର ଉପକାର

- ଯୋଜନାକୁ ସୁସଂଗତ କରିବା ସହ ରାଜସ୍ୱ ସଂଗ୍ରହ ବ୍ୟବସ୍ଥାକୁ ମଧ୍ୟ ସରଳ କରିବାରେ ସହାୟକ ହେବ ।
- ଗ୍ରାମାଞ୍ଚଳରେ ସମ୍ପତ୍ତି ଅଧିକାରକୁ ନେଇ ଅଧିକ ସ୍ୱଷ୍ଟ ଚିତ୍ର ପ୍ରଦାନ କରିବ ।
- ସମ୍ପତ୍ତି ମାଲିକଙ୍କ ନିମନ୍ତେ ଏହା ପାଇବା ଯେତିକି ସହଜ ହେବ ସେମାନେ ଏହାର ବ୍ୟବହାର କରି ଆର୍ଥିକ ଅନୁଷ୍ଠାନମାନଙ୍କରୁ ଋଣ ପାଇବା ମଧ୍ୟ ସୁଗମ ହୋଇପାରିବ ।
- ସମ୍ପତ୍ତି ଅଧିକାରକୁ ନେଇ ପୂର୍ବରୁ ଯେଉଁଭଳି ଭାବେ ବିବାଦ ଉପୁଜୁଥିଲା ଏହି ଯୋଜନା ମାଧ୍ୟମରେ ସମ୍ପତ୍ତି ମାଲିକାନା କାଗଜାତ ତାହାକୁ ହ୍ରାସ କରିପାରିବ ।
- ଗ୍ରାମବାସୀଙ୍କ ପାଇଁ ଭୂସମ୍ପତ୍ତିର କ୍ରୟ ବିକ୍ରୟ ପ୍ରକ୍ରିୟାକୁ ମଧ୍ୟ ଏହା ସରଳ କରିବ ।

## ପାଇଲଟ ପର୍ଯ୍ୟାୟରେ ଏହା 763ଟି ଗ୍ରାମକୁ ଯୋଗାଯିବ

- ଯେଉଁ ଏକ ଲକ୍ଷ ହିତାଧିକାରୀଙ୍କୁ ଏବେସୁଦ୍ଧା ଏହି ଯୋଜନା ମାଧ୍ୟମରେ ସମ୍ପତ୍ତି କାର୍ଡ଼ ଯୋଗାଇ ଦିଆଯାଇଛି, ସେମାନେ ଛଅଟି ରାଜ୍ୟର 763ଟି ଗ୍ରାମରେ ରହିଛନ୍ତି । ସେମାନଙ୍କ ମଧ୍ୟରେ ଉତ୍ତର ପ୍ରଦେଶର 346ଟି ଗ୍ରାମ, ହରିୟାଣାର 221ଟି ଗ୍ରାମ, ମହାରାଷ୍ଟ୍ରର 100ଟି ଗ୍ରାମ, ମଧ୍ୟ ପ୍ରଦେଶର 44ଟି ଗ୍ରାମ, ଉତ୍ତରାଖଣ୍ଡର 50ଟି ଗ୍ରାମ ଏବଂ କର୍ଣ୍ଣାଟକର 2ଟି ଗ୍ରାମ ରହିଛି ।
- କେବଳ ମହାରାଷ୍ଟ୍ରକୁ ଛାଡ଼ି ଅନ୍ୟ ସବୁ ରାଜ୍ୟର ହିତାଧିକାରୀମାନଙ୍କୁ ବାସ୍ତବ ସମ୍ପତ୍ତି କାର୍ଡ଼ ଗୋଟିଏ ଦିନ ଭିତରେ ଯୋଗାଇ ଦିଆଯିବ । ମହାରାଷ୍ଟ୍ରରେ ଏଭଳି ସମ୍ପତ୍ତି କାର୍ଡ଼ ପାଇବା ଲାଗି ସ୍ୱଳ୍ପ ମୂଲ୍ୟ ପ୍ରଦାନର ଏକ ବ୍ୟବସ୍ଥା ରହିଛି, ତେଣୁ ଏଥିପାଇଁ ଆଉ ଏକ ମାସ ସମୟ ଲାଗିବ ।

## ସାରା ଦେଶରେ ଏଭଳି ଶବ୍ଦାବଳୀର ବିବିଧତା

- ହରିୟାଣାରେ ଏଭଳି ସମ୍ପତ୍ତି କାର୍ଡ଼କୁ "ଟାଇଟଲ ଡିଡ୍" ବୋଲି କୁହାଯାଇଥାଏ । କର୍ଣ୍ଣାଟକରେ ଏହାର ନାମ "ଗ୍ରାମୀଣ ସମ୍ପତ୍ତି ଅଧିକାର ରେକର୍ଡ଼ (ଆରପିଓଆର)। ମଧ୍ୟ ପ୍ରଦେଶରେ ଏହାର ନାମ "ଅଧିକାର ଅଭିଲେଖ" ରହିଥିବା ବେଳେ ମହାରାଷ୍ଟ୍ରରେ ଏହାକୁ "ସନନ୍ଦ" ବୋଲି ନାମିତ କରାଯାଇଛି । ଉତ୍ତରାଖଣ୍ଡରେ ଏହି ନଥିକୁ "ସ୍ୱାମିତ୍ୱ ଅଭିଲେଖ" ବୋଲି ନାମ ପ୍ରଦାନ କରାଯାଇଥିବା ସମୟରେ ଉତ୍ତର ପ୍ରଦେଶରେ ଏହାକୁ ଲୋକେ "ଘରଉନୀ" ବୋଲି କହିଥାନ୍ତି ।

## ଏଥିରେ ଗୋଷ୍ଠୀ ସମ୍ପତ୍ତି ମଧ୍ୟ ସାମିଲ

- ଗ୍ରାମ ପଞ୍ଚାୟତ ଏବଂ ଗୋଷ୍ଠୀ ସମ୍ପତ୍ତି ଯଥା ଗ୍ରାମ ସଡ଼କ, ପୋଖରୀ, କେନାଲ, ଖୋଲା ପଡ଼ିଆ, ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର, ସ୍ୱାସ୍ଥ୍ୟ ଉପ କେନ୍ଦ୍ର ଇତ୍ୟାଦିକୁ ମଧ୍ୟ ଏହି ଯୋଜନା ମାଧ୍ୟମରେ ସର୍ଭେ କରାଯିବ ।

ଆମର ଗ୍ରାମାଞ୍ଚଳରେ ବସବାସ କରୁଥିବା ଭାଇ ଓ ଭଉଣୀମାନଙ୍କୁ ଆତ୍ମ ନିର୍ଭର କରିବା ଦିଗରେ ଏହା ବିଶେଷ ଭାବେ ସହାୟକ ହେବ । ମୋର ବିଶ୍ୱାସ ଯେ ସ୍ୱାମିତ୍ୱ ଯୋଜନା ଆମର ଗ୍ରାମରେ ଲାଗୁଥିବା ବିଭିନ୍ନ ବିବାଦର ସମାଧାନ ନିମନ୍ତେ ଏକ ପ୍ରମୁଖ ମାଧ୍ୟମ ହୋଇପାରିବ," ବୋଲି ପ୍ରଧାନମନ୍ତ୍ରୀ ମତ ପୋଷଣ କରିଥିଲେ ।

ପ୍ରତ୍ୟେକ ଗ୍ରାମର ଉଚିତ ଓ ଯଥାର୍ଥ ଜମିଜମା ରେକର୍ଡ଼ କିଭଳି ଭାବେ ପ୍ରସ୍ତୁତ କରାଯାଇପାରିବ ସେଥିପାଇଁ ଡ୍ରୋନ୍ ସେବାର ବ୍ୟବହାର କରାଯାଉଛି ଏବଂ ଡ୍ରୋନ ସାହାଯ୍ୟରେ ସର୍ଭେ ଓ ମ୍ୟାପିଂ କାର୍ଯ୍ୟ ସଂପାଦନ କରାଯାଉଛି । " ଯେତେବେଳେ ଜମିଜମାର ସଠିକ୍ ରେକର୍ଡ଼ ପ୍ରସ୍ତୁତ ହୋଇଯିବ, ଗ୍ରାମର ବିକାଶ ସଂପର୍କୀତ ସକଳ ପ୍ରକାର କାର୍ଯ୍ୟ ସହଜରେ ସଂପାଦନ କରାଯାଇପାରିବ,"ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ମତ ବ୍ୟକ୍ତ କରିଥିଲେ ।



# ଅଭିନବତ୍ୱ ଓ ପ୍ରୟାସର ବୈଶ୍ୱିକ ପରିଚୟ

ନଡ଼ିଆ ପତ୍ରରୁ ପ୍ରସ୍ତୁତ କୁଟା ଏବଂ ଏକ ପ୍ରଗତିଶୀଳ ହାଇଡ୍ରୋପୋନିକ୍ ଷ୍ଟାର୍ଟଅପ୍ ଆତ୍ମ ନିର୍ଭର ଭାରତ ପରିକଳ୍ପନା ସକାଶେ ଲୋକମାନଙ୍କ ମନରେ ଥିବା ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରିଛି ।

## ଗୋବରରୁ ପ୍ରସ୍ତୁତ ଦୀପ

ସନାତନ ପରମ୍ପରାରେ ଗାଇ ଗୋବର ଏକ ବିଶେଷ ମହତ୍ତ୍ୱ ବହନ କରିଥାଏ। ଦୀପାବଳୀ ଉତ୍ସବ ପାଳନ ପାଇଁ ଗାଇ ଗୋବରକୁ ମା'ଲକ୍ଷ୍ମୀ ଏବଂ ପ୍ରଭୁ ଗଣେଶଙ୍କ ପ୍ରତିମାକୁ ପୂଜାଘରେ ପବିତ୍ରତାର ସହିତ ସ୍ଥାପନ କରିବା ନିମନ୍ତେ ବ୍ୟବହାର କରାଯାଉଛି । ଏହି ଗୋବରରେ ନିର୍ମିତ ଲକ୍ଷ୍ମୀ ଓ ଗଣେଶଙ୍କ ମୂର୍ତ୍ତିକୁ ଦୀପାବଳି ଅବସରରେ ସ୍ଥାପନ କରାଯାଇଥାଏ। କିନ୍ତୁ ଏବେ ସେହି ଗୋବରରେ ନିର୍ମିତ ସୁନ୍ଦର ସୁନ୍ଦର ଦୀପସବୁ ବଜାରରେ ଉପଲବ୍ଧ ହୋଇଛି । ହିମାଚଳ ପ୍ରଦେଶର ଶୀରମାରୁ ଜିଲ୍ଲାର ପ୍ରସିଦ୍ଧ ମାତା ବାଳ ସୁନ୍ଦରୀ ମନ୍ଦିର ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ଏଭଳି ଅଭିନବ ପ୍ରୟାସ କରାଯାଇଛି। ସ୍ଥାନୀୟ ପ୍ରଶାସନ ଏବଂ ଗୋପ୍ରଜନନ ବିଭାଗର ସହାୟତାରେ ମନ୍ଦିର କର୍ତ୍ତୃପକ୍ଷ ମନ୍ଦିରର ଗୋଶାଳାରୁ ବାହାରୁଥିବା ଗୋବରରୁ ଅତି ଚମତ୍କାର ଓ ସୁନ୍ଦର ଦୀପମାନ ପ୍ରସ୍ତୁତ କରୁଛନ୍ତି । ଏଭଳି ପ୍ରୟାସ ଦ୍ୱାରା କେବଳ ଗାଇ ଗୋବରର ଉପଯୁକ୍ତ ବିବିଯୋଗ କରାଯାଉନାହିଁ ଅପରନ୍ତୁ ସ୍ଥାନୀୟ ମହିଳାମାନଙ୍କ ସକାଶେ ଏହା ଉପାର୍ଜନର ଏକ ଅଭିନବ ପନ୍ଥା ହୋଇପାରିଛି। ଏହାଦ୍ୱାରା ସେମାନେ ଆତ୍ମ ନିର୍ଭର ଭାରତର ସ୍ୱପ୍ନକୁ ମଧ ସାକାର କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ■



## ହାଇଡ୍ରୋପୋନିକ୍ସ ବ୍ୟବହାରକ୍ଷମ କୃଷି ଷ୍ଟାର୍ଟ ଅପ୍



ହାଇଡ୍ରୋପୋନିକ୍ସ ହେଉଛି ଏପରି ଏକ ପ୍ରଯୁକ୍ତି ଯାହା ମୃତ୍ତିକା ବିନା ବୃକ୍ଷକୁ ବଞ୍ଚିବାରେ ସାହାଯ୍ୟ କରିଥାଏ । ଏହି ପ୍ରଯୁକ୍ତିରେ କେବଳ ଖଣିଜ ପୁଷ୍ଟିସାର ସଲ୍ୟୁସନ୍ ଭଳି ଏକ ତରଳ ପଦାର୍ଥ ଉପଯୋଗ କରାଯାଇଥାଏ । ଉତ୍ତର ପ୍ରଦେଶର ଲକ୍ଷ୍ନୌର ଦୁଇ ବନ୍ଧୁ – ଗୌରବ ରସ୍ତୋଗୀ ଏବଂ ଦୀପଙ୍କର ଗୁପ୍ତା- "ବିଅଣ୍ଡ ଅର୍ଗାନିକ୍" ନାମକ ଏକ ଷ୍ଟାର୍ଟ ଅପ୍ ଆରମ୍ଭ କରିଛନ୍ତି । ସେମାନେ ଏହି ପଦ୍ଧତି ଆପଣାଇ 12 ପ୍ରକାର ପନିପରିବା ଉପୁଜାଉଛନ୍ତି। ସେଥି ମଧ୍ୟରେ ସାଲାଡ଼ କୋବି, ପାର୍ସଲେ, ବିବିଧ ରଙ୍ଗର ତୁଳସୀ, ଆମେରିକାନ୍ କର୍ଣ୍ଣ ରହିଛି । ସେମାନେ ଏଲଇଡ଼ି ବତୀ ତଳେ ଥିବା ବିଶେଷ ଭାବେ ନିର୍ମିତ ଷ୍ଟାଣ୍ଡରେ ଏହି ଚାଷ କରୁଛନ୍ତି ଏବଂ ଏଥିପାଇଁ ଏକ ଏୟାର କଣ୍ଡିସନର ବ୍ୟବହାର କରି ତାପମାତ୍ରାକୁ 21 ଡିଗ୍ରୀରେ ସ୍ଥିର ରଖିଛନ୍ତି । ଏହା ବ୍ୟତୀତ ସେମାନେ ନିଜର ଏହି ବିଶେଷ ଗାର୍ଡ଼ନରେ ରୋଗ ପ୍ରତିରୋଧକ ବର୍ଦ୍ଧନକାରୀ ସବୁଜ ପନିପରିବା ଫଳାଉଛନ୍ତି। ଏ ସଂପର୍କରେ ଗୌରବ କହନ୍ତି, 'ମାଟି ପରିବର୍ତ୍ତେ ଆମେ ଏଥିରେ ନଡ଼ିଆ କତାକୁ ବ୍ୟବହାର କରୁଛୁ ଓ ସେଥିରୁ ଅଣ ଜିଏମ୍ ବିହନକୁ ଗୋଟିଏ ଟେ'ରେ ରଖୁଛୁ ଯାହାକି 10- 12 ଦିନ ମଧ୍ୟରେ ଗଜା ହେଉଛି । ଏହା ପରେ ଏହାକୁ ଅନ୍ୟ ଏକ ପଦ୍ଧତିରେ ରୋପଣ କରାଯାଇଥାଏ।' ଏଭଳି ଚାଷ କରିବା ସକାଶେ ଗୌରବ ମୁମ୍ବାଇରେ ଏକ ଫାଇନାନ୍ସିଆଲ୍ ଆନାଲିଷ୍ଟ ଚାକିରି ଛାଡ଼ିଥିବା ବେଳେ ଦୀପଙ୍କର ଚାର୍ଟାର୍ଡ଼ ଆକାଉଣ୍ଟାଣ୍ଟ ଫାର୍ମରେ ଚାକିରିର ମୋହ ତୁଟାଇଛନ୍ତି। ସେମାନେ ଘର ଭିତରେ ଅଭିନବ ଉପାୟରେ ପନିପରିବା ଚାଷ କରିବା ନିମନ୍ତେ ସିଦ୍ଧାନ୍ତ କରି ଏହି ପଦକ୍ଷେପ ନେଇଛନ୍ତି । ଏଥିପାଇଁ ସେମାନେ ନିଜର ଖାଲି ପଡ଼ିଥିବା ଘରକୁ ହାଇଡ୍ରୋପୋନିକ୍ସ ପାଇଁ ବ୍ୟବହାର କରୁଛନ୍ତି । ଏବେ ସେମାନେ ଏହି ପଦ୍ଧତିରେ ଷ୍ଟ୍ରବେରୀ ଏବଂ କାକୁଡ଼ି ଚାଷ କରିବାକୁ ମନସ୍ଥ କରିଛନ୍ତି । ପାରମ୍ପରିକ ପଦ୍ଧତି ତୁଳନାରେ ଏହି ନୂତନ ଉପାୟରେ ୫0 ପ୍ରତିଶତ କମ୍ ଜଳ ଆବଶ୍ୟକ ପଡ଼ିଥାଏ । ■



**Narendra Modi** @narendramodi

Today's announcements by FM @nsitharaman Ji are timely moves which will boost consumer spending and sentiment as well as push capital expenditure. These steps will also boost demand in our economy.

Finance Minister announces measures of Rs 73,000 crore to stimulate consu...



**Rajnath Singh** @rajnathsingh

The New Generation Anti-Radiation Missile (Rudram-1) which is India's first indigenous anti-radiation missile developed by @DRDO_India for Indian Air Force was tested successfully today at ITR,Balasore. Congratulations to DRDO & other stakeholders for this remarkable achievement.



**Amit Shah** @AmitShah

As the longest highway tunnel in the world, 'Atal Tunnel' will reduce the travel time between Leh and Manali by 4-5 hours. Being an all-weather tunnel, it will also connect Lahaul-Spiti with the rest of the country throughout the year which used to be cut off for months earlier.



**Nitin Gadkari** @nitin_gadk... · 05 Oct

The Transport Ministry has eased the applicability date for implementing next stage of emission norms for tractors (TREM Stage-IV) from Oct this year to 1st Oct next year. Acting upon the request from Ministry of Agriculture, Tractor Manufacturers & Agriculture Associations,



**Piyush Goyal** @PiyushGoyal

New era of Rail connectivity has dawned in North-East India with the first ever Rajdhani special train starting its operations via the Bogibeel bridge in Assam on 12th Oct 2020.

This will strengthen rail network in the region & also connect it directly with New Delhi.



**Pralhad Joshi** @JoshiPralhad

At 41.4 million tonnes, @CoalIndiaHQ recorded a 65% increase in e-auction allocations, over last year. Giving a fillip to #AtmaNirbharBharat, this would ensure more coal availability and less imports.



Coal India's e-auction allocation jumps 65 pc in Apr-Sept - ET EnergyWorld

## PM launches property card scheme for rural households

One lakh beneficiaries handed over legal papers of their houses

## PM to launch property cards for 6.62L villagers

'Will let them take loans against homes'

## Will work for villages ignored by previous govts, says Modi

## 100k get house owners' cards under new scheme

## Strategic Atal Tunnel opens

## Changes in farm laws to benefit farmers: Modi

## Ahead of festival season, PM launches Covid 'Jan Andolan', celebrities join in

## Modi, Xi to come face to face at virtual Brics Summit next month

## PM: Need to protect world against AI 'weaponisation'

TIMES NEWS NETWORK

New Delhi: Prime Minister Narendra Modi said on Monday that artificial intelligence (AI) should be used to drive in intelligent and inclusive growth across the country, but warned that there is a need to protect the world against "weaponisation of AI by non-state actors".

Speaking at Responsible AI for Social Empowerment (RAISE 2020) virtual summit, Modi said he envisions a big role for AI in areas such as agriculture, creating next-gen urban infrastructure, while also addressing urban issues like reducing traffic congestion, improving sewage systems and laying energy grids.

The summit was addressed by tech industry giants such as Reliance Industries chairman Mukesh Ambani, IBM CEO Arvind Krishna, apart from others such as IT minister Ravi Shankar Prasad, NITI Aayog CEO Amitabh Kant.

Modi said he made it clear that he sees human creativity and emotions as "our greatest strength and our unique advantage" over machines. "We should ensure that we take care so that human intelligence is always a few steps ahead of AI."

Ambani said that digital growth and 4G are helping the country bring out tre...

## Ram Vilas Paswan, Dalit face at the Centre, dies after long innings

## Modi enters 20th year in public office sans break

## Modi starts 20th year as the head of a govt

## 4 missile tests, 1 deployed in 40 days as India shows intent

RNI No. :
DELODI/2020/78831
November: 1-15, 2020

ନ୍ୟୁ ଇଣ୍ଡିଆ
ସମାଚାର
ପାକ୍ଷିକ

RNI Registered No. DELODI/2020/78831, Delhi Postal License No DL (S)-1/3542/2020-22, WPP NO U (S)-90/2020-22, posting at BPC, MEGHDOOT BHAWAN, NEW DELHI-110001 On 26-30 advance Fortnightly, (Publishing Date October 24, 2020, Pages-40)

# କରୋନା ଠାରୁ ସୁରକ୍ଷିତ ରୁହନ୍ତୁ

भारत सरकार
Government of India



ଉପଯୁକ୍ତ ଭାବେ ନିଜର ମାସ୍କ ପିନ୍ଧନ୍ତୁ



ବାରମ୍ବାର ନିଜ
ହାତକୁ ଧୁଅନ୍ତୁ



# ଜନ ଆନ୍ଦୋଳନ




ଉପଯୁକ୍ତ ଦୂରତା ରକ୍ଷା କରନ୍ତୁ

"ଯେ ପର୍ଯ୍ୟନ୍ତ ଔଷଧ ନାହିଁ, ସେପର୍ଯ୍ୟନ୍ତ ଢିଲା ଦେବାର ନାହିଁ"

## ପ୍ରତିଷେଧକ ଔଷଧ ନବାହାରିବା ପର୍ଯ୍ୟନ୍ତ କୌଣସି ପ୍ରକାର ଅବହେଳା କରିବାନାହିଁ

Odia Issue 9

**Published & Printed by: Satyendra Prakash**, DG, BOC on behalf of Bureau of Outreach and Communication | **Editor: Kuldeep Singh Dhatwalia**, PDG, PIB, New Delhi | **Published from Bureau of Outreach and Communication, 2nd Floor, Soochna Bhawan, New Delhi -110003** | **Printed at** Infinity Advertising services Pvt Ltd. FBD-One Corporate Park, 10th floor, New Delhi-Faridabad border, NH-1, Faridabad-121003